

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୧ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 September 2026
Vol.No. 36 ■ No.239 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ଓଡ଼ିଶାକୁ ଆସିବ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ: ଦୁବାଇରେ ନିବେଶକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର/ ନୂଆଦିଲ୍ଲୀ,୧୦/୯ : ଓଡ଼ିଶାରେ ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବାକୁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତ ସମୟରେ ଦୁବାଇରେ ଆୟୋଜିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡଟେବୁଲ୍ ବୈଠକ । ଓଡ଼ିଶାରେ ଷ୍ଟେନଲେସ୍ ଷ୍ଟିଲ୍ ଡାଉନଷ୍ଟ୍ରିମ୍ ଶିଳ୍ପରେ ନିବେଶ ପାଇଁ ବିଦେଶୀ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ହୋଇଥିବା ଏହି ବୈଠକରେ ପିଜିଆଇ ଗ୍ରୁପ୍, ଏମଟିସି ଗ୍ରୁପ୍, ହିଦାୟତ ଗ୍ରୁପ୍, ଖ୍ୱରା ଗ୍ରୁପ୍ ଏବଂ ପିଟିସିଏଲ ଇନ୍‌ଫ୍ରା ଭଳି ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ସାମିଲ ହୋଇଥିଲେ । ବୈଠକରେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରାକୃତିକ ସମ୍ପଦର ଉପଯୋଗ ସହ ରାଜ୍ୟରେ ଅଧିକ ମୂଲ୍ୟ ସଂଯୋଜନ କରିବା ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଶିଳ୍ପପତିଙ୍କୁ ଅବଗତ କରାଇଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା ଓ ନିବେଶ ଅନୁକୂଳ ପରିବେଶର ଶକ୍ତିଶାଳୀ ସମନ୍ୱୟ ରହିଛି ବୋଲି ସେ କହିଛନ୍ତି। ଶିଳ୍ପ ବିକାଶ ଓ ମୂଲ୍ୟ ସଂଯୋଜନର ଏହି ଯାତ୍ରାରେ ସମସ୍ତଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ରାଜ୍ୟର ନିବେଶ ନୀତିକୁ ବିଦେଶୀ ଶିଳ୍ପପତିମାନେ ପ୍ରଶଂସା କରିଛନ୍ତି । ଓଡ଼ିଶାରେ ନିବେଶର ସମ୍ଭାବନା ଅନୁଧ୍ୟାନ କରିବାକୁ ଶିଳ୍ପପତିମାନେ ଆଗ୍ରହ ପ୍ରକାଶ କରିବା ସହ ଆଗାମୀ ଦିନରେ ରାଜ୍ୟର ସୁଯୋଗକୁ ପରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ୟୁଏଇର ଅର୍ଥନୀତି ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଓ ୟୁଏଇ ମଧ୍ୟରେ ଅର୍ଥନୈତିକ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ନୂଆ ନିବେଶ ସୁଯୋଗ ସୃଷ୍ଟି ନେଇ ଆଲୋଚନା ହୋଇଛି । ଏଥିସହ ଓଡ଼ିଶାର ଅନୁକୂଳ ବ୍ୟବସାୟିକ ପରିବେଶ, ଶକ୍ତିଶାଳୀ ଶିଳ୍ପ ଭିତ୍ତିଭୂମି ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ୟୁଏଇ ନିବେଶକଙ୍କୁ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ନିବେଶ ପାଇଁ ୟୁଏଇର ଶିଳ୍ପପତିଙ୍କୁ ଆମନ୍ତ୍ରଣ ମଧ୍ୟ ଜଣାଇଛନ୍ତି ।

# ଆଉ ଚଳିବନି ପୁରୁଣା କାର୍ଡ: ରାଜ୍ୟ କର୍ମଚାରୀଙ୍କୁ ମିଳିବ ନୂଆ ଡିଜିଟାଲ୍ ଆଇଡି କାର୍ଡ, ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ମନା

ଭୁବନେଶ୍ୱର, ୧୦/୯ (ନି.ପ୍ର): ରାଜ୍ୟ ସଚିବାଳୟର ବିଭିନ୍ନ ଅଫିସରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ମିଳିବ ନୂଆ ଡିଜିଟାଲ୍ ଆଇଡି କାର୍ଡ। ରାଜ୍ୟ ସରକାର ପୁରୁଣା ଆଇଡି କାର୍ଡ ବ୍ୟବସ୍ଥାକୁ ବନ୍ଦ କରି ଏବେ ଆଇଡେଣ୍ଟିଟି ଆଣ୍ଡ ପର୍ସୋନେଲ୍ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ନୂଆ ହାଇଟେକ୍ ପରିଚୟ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଆଇଡି କାର୍ଡ କେବଳ ନିୟମିତ ସରକାରୀ କର୍ମଚାରୀଙ୍କୁ ମିଳିବ। କୌଣସି ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂ କମର୍ଚାରୀଙ୍କୁ ଏହି ହାଇଟେକ୍ ଆଇଡି କାର୍ଡ ଦିଆଯିବ ନାହିଁ। ଗୃହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ରାଜ୍ୟ ସରକାରଙ୍କ ଲୋକସେବା ଭବନ, ଖାରବେଳ ଭବନ, ରାଜୀବନ ଭବନ, କୃଷି ଭବନ, ଲୋକସମ୍ପର୍କ ଭବନ, ପର୍ଯ୍ୟଟନ ଭବନ, ସଂସ୍କୃତି ଭବନ ଓ କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଥିବା କ୍ରୀଡ଼ା ଓ ଯୁବସେବା ବିଭାଗରେ କାର୍ଯ୍ୟରତ ନିୟମିତ ଦରମା ପାଉଥିବା ସ୍ଥାୟୀ କର୍ମଚାରୀମାନଙ୍କୁ ଏହି ନୂଆ ଆଇଡି କାର୍ଡ ପ୍ରଦାନ କରାଯିବ। ପ୍ରତ୍ୟେକ ବିଭାଗର ମନୋନୀତ ସୁପାରିଶକାରୀ ଅଫିସରଙ୍କ ଇ-ମେଲକୁ ଏକ ସ୍ୱତନ୍ତ୍ର ଆବେଦନ ଲିଙ୍କ୍ ପଠାଯିବ ଓ ସେହି ମାଧ୍ୟମରେ କର୍ମଚାରୀମାନେ ନିଜର ଆବେଦନ କରିପାରିବେ। ତେବେ ଅବସର ପରେ ପୁନଃନିଯୁକ୍ତ ପାଇଥିବା ଓଏସଡି, ପରାମର୍ଶଦାତା, ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଏହି କାର୍ଡ ପ୍ରଦାନ କରାଯିବ ନାହିଁ। ସେମାନେ ପୂର୍ବପରି କେବଳ 'ଇ-ପ୍ରବେଶ' ପୋର୍ଟାଲ ମାଧ୍ୟମରେ ଅନୁମତି ପାସ୍ ପାଇପାରିବେ। ଏହି କାର୍ଡ ପାଇଁ ଆବେଦନ କରିବାବେଳେ କର୍ମଚାରୀମାନଙ୍କୁ ସ୍ପଷ୍ଟ ଭାବେ ନିଜର ଡିଜିଟାଲ ଦସ୍ତଖତ, ପାସପୋର୍ଟ ସାଇଜ୍ ଫଟୋ ସହ ଚାକିରିର ପ୍ରମାଣ ସ୍ୱରୂପ ନିଯୁକ୍ତି ପତ୍ର, ଜଏନିଂ ଲେଟର କିମ୍ବା ସର୍ଭିସ ବୁକର ପ୍ରଥମ ପୃଷ୍ଠା ସଂଲଗ୍ନ କରିବା ବାଧ୍ୟତାମୂଳକ ହୋଇଛି। ଦାଖଲ କରାଯାଇଥିବା ତଥ୍ୟର ସତ୍ୟତା ପାଇଁ ଆବେଦନକାରୀ ନିଜେ ଦାୟୀ ରହିବେ। ଥରେ ଆବେଦନ କରି ସାରିବା ପରେ କୌଣସି ସଂଶୋଧନ ଗ୍ରହଣ କରାଯିବ ନାହିଁ ବୋଲି ଗୃହ ବିଭାଗ ସ୍ପଷ୍ଟ କରିଛି। ନୂଆ ଆଇକାର୍ଡ ମିଳବା ମାତ୍ରେ କର୍ମଚାରୀମାନଙ୍କୁ ନିଜର ପୁରୁଣା ଆଇକାର୍ଡକୁ ଫେରସ୍ତ କରିବାକୁ ପଡ଼ିବ। ଭବିଷ୍ୟତରେ କୌଣସି କର୍ମଚାରୀ ଚାକିରିରୁ ଅବସର ନେଲେ କିମ୍ବା ଅନ୍ୟତ୍ର ବଦଳି ହେଲେ କିମ୍ବା ଚାକିରି ସମାପ୍ତ ହେଲେ ତୁରନ୍ତ ନିଜର ହାଇଟେକ୍ ଆଇଡି କାର୍ଡକୁ ନିଜ ବିଭାଗ ନିକଟରେ ସମର୍ପଣ କରିବେ। ଆଉ ସମ୍ପୃକ୍ତ ବିଭାଗ ସେହି କାର୍ଡକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗକୁ ହସ୍ତାନ୍ତର କରିବ। ରାଜ୍ୟ ସଚିବାଳୟର ଏହି ସବୁ ଅଫିସଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଏଣ୍ଟ୍ରାନ୍ସ ଗେଟଗୁଡ଼ିକୁ ହାଇଟେକ୍ ଢଙ୍ଗରେ ଅପରେଟ୍ କରିବା ନିମନ୍ତେ ରାଜ୍ୟ ସରକାର ଏବେ ନିଜର କର୍ମଚାରୀମାନଙ୍କୁ ହାଇଟେକ୍ କାର୍ଡ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।


# ୨ ଜିଲ୍ଲାକୁ ରେଡ୍ ଆଲର୍ଟ, ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା: ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର, ୧୦/୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ । ଆଉ ଏହାର ପ୍ରଭାବରେ ବଦଳିଯାଇଛି ଓଡ଼ିଶାର ପାଗ । ରାଜ୍ୟର ଅନେକ ସ୍ଥାନରେ ଲାଗି ରହିଛି ବର୍ଷା । କେଉଁଠି ମୂଷଳଧାରା ବର୍ଷା ତ କେଉଁଠି ଜଳବନ୍ଦୀ ଆଶଙ୍କା । ଆଗାମୀ ୨୪ ଘଣ୍ଟାରେ କେତେକ ସ୍ଥାନରେ ଭାରିରୁ ଅତି ପ୍ରବଳ ବର୍ଷା ହୋଇପାରେ । ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର । ଏହାର ପ୍ରଭାବରେ ବର୍ଷାର ପରିମାଣ ବଢ଼ିଛି । ସବୁଠାରୁ ଅଧିକ ଚିନ୍ତା କଳାହାଣ୍ଡି ଓ କନ୍ଧମାଳକୁ ନେଇ । ଏହି ଦୁଇ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି । ସେହିପରି ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଆଗାମୀ ଦୁଇ ଦିନ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ । ବର୍ଷା ସହ ଉପକୂଳରେ ବଢ଼ିଛି ସମୁଦ୍ରର ଅଶାନ୍ତି । ରାଜ୍ୟର ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି ହୋଇଛି । ସମୁଦ୍ରରେ ଉଚ୍ଚ ଲହଡ଼ି ଉଠିବା ସହ ଆଗାମୀ ୪୮ ଘଣ୍ଟାରେ ପବନର ବେଗ ୪୦ରୁ ୫୦ କିଲୋମିଟର ରହିପାରେ । ଝଟକା ପବନ ୬୦ କିଲୋମିଟର ପ୍ରତି ଘଣ୍ଟା ଛୁଇଁପାରେ । ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା ସହ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହୋଇପାରେ । ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ମଧ୍ୟ ରହିଛି । ସମୁଦ୍ର ଅଶାନ୍ତ ରହିବା ନେଇ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ସତର୍କ କରାଯାଇଛି । ସେହିପରି ଲୋକଙ୍କୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।

# ୫ ଓରାଙ୍ଗଉଟାନ୍ ଉଦ୍ଧାର ପରେ ଖୋଲୁଛି ସ୍ମଗଲିଂ ରହସ୍ୟ: ଇଣ୍ଡୋନେସିଆରୁ ଓଡ଼ିଶା ଦେଇ ଇଣ୍ଟରନ୍ୟାସନାଲ ଲିଙ୍କ୍

## ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ: ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ



ଭୁବନେଶ୍ୱର, ୧୦/୯ (ନି.ପ୍ର): ବିଚିତ୍ରପୁର ଜଙ୍ଗଲରୁ ୫ ଓରାଙ୍ଗଉଟାନ୍ ଉଦ୍ଧାର ପରେ ଏବେ ଖୋଲୁଛି ଚୋରାଚାଲାଣର ସାଂଘାତିକ ରହସ୍ୟ । କେଉଁଠୁ ଆସିଲେ ଏହି ୫ ଓରାଙ୍ଗଉଟାନ୍? କିଏ ଚଳାଉଥିଲା ଏହି ଚୋରା କାରବାର? ଇଣ୍ଡୋନେସିଆରୁ ଓଡ଼ିଶା ଦେଇ ଅନ୍ତର୍ଜାତୀୟ ନେଟୱର୍କ ପର୍ଯ୍ୟନ୍ତ ଲମ୍ବିଛି କି ଏହାର ଚେର? ଏସବୁ ଦିଗରେ ତଦନ୍ତ ଜାରି ରଖିଛି ଏସଟିଏଫ । ବିଚିତ୍ରପୁରରୁ ଉଦ୍ଧାର ପରେ ଏବେ ନନ୍ଦନକାନନ କ୍ୱାରେଣ୍ଟାଇନ୍‌ରେ ରହୁଛନ୍ତି ୫ ଓରାଙ୍ଗଉଟାନ୍ ଶାବକ । ଦୋଳିରେ ଝୁଲୁଛନ୍ତି, ଖେଳନା ସହ ଖେଳୁଛନ୍ତି ଏବଂ ପରସ୍ପରକୁ ଧରାଧରି ହୋଇ ରହୁଛନ୍ତି । ଗ୍ୟାସ୍ଟ୍ରିକୁ ନେଇ ଚିନ୍ତା ଥିବା ସହ ମାନସିକ ଚାପ କମାଇବା ପାଇଁ ଖେଳନା ଓ ଦୋଳି ଦିଆଯାଉଛି । ଆଗକୁ ମ୍ୟୁଜିକ୍ ଥେରାପି ଦେବାକୁ ମଧ୍ୟ ଯୋଜନା ରହିଛି । ପ୍ରତି ଦୁଇ ଘଣ୍ଟାରେ ସେମାନଙ୍କୁ ଖାଦ୍ୟ ଦିଆଯାଉଛି । କଦଳୀ ସହ ସିଝା ଆଳୁ ଓ ସେଓ ଖାଇବାକୁ ଦିଆଯାଉଛି । ସେମାନଙ୍କ ଆଚରଣ ଓ ଗତିବିଧିକୁ ନିୟମିତ ରେକର୍ଡ କରାଯାଉଛି । ୫ ଓରାଙ୍ଗଉଟାନ୍‌ଙ୍କ ଚୋରାଚାଲାଣ ପଛରେ ଅନ୍ତର୍ଜାତୀୟ ଲିଙ୍କ୍ ଥିବା ନେଇ ତଦନ୍ତକାରୀଙ୍କ ସନ୍ଦେହ ବଢ଼ିଛି । ଇଣ୍ଡୋନେସିଆରୁ ଚୋରାଚାଲାଣ ହୋଇଥିବା ସମ୍ଭାବନାକୁ ନେଇ ତଦନ୍ତ ଚାଲିଛି ।

◆◆ପୃଷ୍ଠା ୭

# ୫୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ କୋର୍ଟ କିରାଣି

ମାଲକାନଗିରି , ୧୦/୯ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ଜେଏମଏଫସି କୋର୍ଟର କିରାଣି ଅଚ୍ୟୁତ କୁମାର ପ୍ରଧାନ। ଜଣେ ବ୍ୟକ୍ତିଙ୍କ ନାଁରେ ଦୁଇଟି ଜାମିନବିହୀନ ଗିରଫ ପରୱାନା ଥିବା ବେଳେ ସେଥିରୁ ମୁକ୍ତି ଦେବା ପାଇଁ କିରାଣି ଶ୍ରୀ ପ୍ରଧାନ ୫୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ମାଡ଼ିବସିଥିଲା ଭିଜିଲାନ୍ସ ଟିମ୍। ଉକ୍ତ ବ୍ୟକ୍ତିଙ୍କୁ ସେ ଗୁରୁବାର ଘରକୁ ଡକାଇ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଧରାପଡ଼ିଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ଜୟପୁର ଓ ମାଲକାନଗିରି ଭିଜିଲାନ୍ସର ଟିମ୍ ତାଙ୍କ ଘରେ ଚଢ଼ାଉ କରିଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଏହି ସନ୍ଦର୍ଭରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଭିଜିଲାନ୍ସର ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ୭ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ

◆◆ପୃଷ୍ଠା ୭

# ସତ୍ୟ ନିକେତନ ବିଲ୍ଡିଂ ଭୁଶୁଡ଼ିବା ଘଟଣା: ନିଜ ପାଖକୁ ମାମଲା ନେଇପାରନ୍ତି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୦/୯ : ଦିଲ୍ଲୀର ସତ୍ୟ ନିକେତନରେ ପାଞ୍ଚ ମହଲା କୋଠା ଭୁଶୁଡ଼ିବା ମାମଲାକୁ ଦିଲ୍ଲୀ ହାଇକୋର୍ଟରୁ ନିଜ ପାଖକୁ ସ୍ଥାନାନ୍ତର କରିପାରନ୍ତି ସୁପ୍ରିମକୋର୍ଟ । ଗୁରୁବାର ସେପ୍ଟେମ୍ବର ୧୦ ଅବୈଧ ନିର୍ମାଣ ଓ ସୁରକ୍ଷା ନିୟମର ଅବହେଳା ସମ୍ପର୍କିତ ମାମଲାର ଶୁଣାଣି ସମୟରେ କୋର୍ଟ ଏଭଳି ସଙ୍କେତ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଏହାର ଶୁଣାଣିର ମୁଖ୍ୟ ଫୋକସ୍ ଲ୍ୟାଣ୍ଡ ୟୁଜ୍ ଉପରେ ରହିବ । ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲାହ କହିଛନ୍ତି, "ଆମେ ସମଗ୍ର ଦେଶକୁ ନେଇ ଚିନ୍ତିତ। ଦୁଇ ମାସ ପରେ ଆପଣମାନେ ବୁଝିପାରିବେ ଯେ ଆମେ କ'ଣ କରିବାକୁ ଚାହୁଁଛୁ ।" କୋର୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ଆବାସିକ ଅଞ୍ଚଳରେ ଏଭଳି ବାଣିଜ୍ୟିକ କାର୍ଯ୍ୟକଳାପ ହେବା ଉଚିତ୍ ନୁହେଁ, ଯାହା ଲୋକଙ୍କ ଯାତାୟାତ ଏବଂ ପିଲାମାନଙ୍କ ଖେଳିବାରେ ବାଧା ସୃଷ୍ଟି କରେ । ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲାହ ଓ ଜଷ୍ଟିସ୍ ଆର. ମହାଦେବନଙ୍କ ଖଣ୍ଡପୀଠ ଦିଲ୍ଲୀ-ଏନସିଆରର ଆବାସିକ ଅଞ୍ଚଳରେ ହେଉଥିବା ବାଣିଜ୍ୟିକ ବ୍ୟବହାର ଉପରେ ବ୍ୟାପକ ଭାବେ ନଜର ରଖିବେ। ସେପ୍ଟେମ୍ବର ୬ରେ ସାଉଥ୍ ଦିଲ୍ଲୀର ସତ୍ୟ ନିକେତନରେ ପାଞ୍ଚ ମହଲା ଇମାରତ ଭୁଶୁଡ଼ି ପଡ଼ିଥିଲା । ଏଥିରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ ଜଣ ଆହତ ହୋଇଥିଲେ । ମାମଲାରେ ଇମାରତ ମାଲିକା ୭୫ ବର୍ଷୀୟା ଉର୍ମିଳା ଗୁପ୍ତା, ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ୮୧ ବର୍ଷୀୟ ହରିରାମ ଗୁପ୍ତା ଓ ପୁଅ ମହେଶ ଗୁପ୍ତାଙ୍କୁ ପୁଲିସ ଗିରଫ କରିଛି ।

# ଉପମୁଖ୍ୟମନ୍ତ୍ରୀ ପଦର ସାମ୍ବିଧାନିକ ବୈଧତା ପ୍ରସଂଗ ନେଇ ଦାୟର ମାମଲା ଖାରଜ

କଟକ, ୧୦/୯ (ନି.ପ୍ର): ଓଡ଼ିଶାରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ଜନସ୍ୱାର୍ଥ ମାମଲା ଦାୟରର ଆଧାର ଭ୍ରମାତ୍ମକ ବୋଲି ହାଇକୋର୍ଟ କହିଛନ୍ତି। ଏଭଳି ଅଯଥା ଜନସ୍ୱାର୍ଥ ମାମଲା ଦାୟର ନ କରିବାକୁ ହାଇକୋର୍ଟ ତାଗିଦ କରିଛନ୍ତି। ଆବେଦନକାରୀ ଜଣେ ଆଇନଜୀବୀ ହୋଇଥିବା ବେଳେ ଆଗକୁ ମେଳକ, ସାମ୍ବିଧାନିକ ଅଧିକାର ଉଲ୍ଲଂଘନ ହୋଇଥିବା ତଥା ବଞ୍ଚିତ ବ୍ୟକ୍ତିଙ୍କ ସେ ବାସ୍ତବ ଦାବି ଉଠାଇବେ ଓ ଏପରି ଅଯଥା ମୋକଦ୍ଦମାରେ ସଂପୃକ୍ତ ହେବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଲିନା ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟରେ ଶୁଣାଣି ବେଳେ ଏହି ଜନସ୍ୱାର୍ଥ ଆବେଦନକୁ ବିରୋଧ କରି ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ ଏହି ମାମଲା ଗ୍ରହଣୀୟ ନୁହେଁ। କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉଲ୍ଲଂଘନ କରି ଉପମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। କେନ୍ଦ୍ରରେ ଉପପ୍ରଧାନମନ୍ତ୍ରୀ ଓ ବିଭିନ୍ନ ରାଜ୍ୟରେ ଉପମୁଖ୍ୟମନ୍ତ୍ରୀ ପଦବି ରହିବା କୌଣସି ଅସାମ୍ବିଧାନିକ ପ୍ରସଂଗ ନୁହେଁ। ଏହା କିଛି ନୂଆ କଥା ନୁହେଁ। ସୁପ୍ରିମକୋର୍ଟଙ୍କ କେ.ଏମ.ଶର୍ମା ବନାମ ଶ୍ରୀ ଦେବୀଲାଲ ମାମଲାର ରାୟ ଓ କର୍ଣ୍ଣାଟକ ହାଇକୋର୍ଟଙ୍କ ଡକ୍ଟର ଶେଖର ଏସ ଆୟର ମାମଲା ରାୟ ସହିତ ଦେଶର ଅନ୍ୟ ହାଇକୋର୍ଟଙ୍କ ରାୟର ନଜିର ଆଡଭୋକେଟ ଜେନେରାଲ ଉପସ୍ଥାପନ କରିଥିଲେ। ଏପରି ଅବାଞ୍ଛିତ ଜନସ୍ୱାର୍ଥ ମାମଲା କେଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ଦାୟର କରାଯାଇଥିବାରୁ ଏହାକୁ ଖାରଜ କରାଯାଉ ବୋଲି ଆଡଭୋକେଟ ଜେନେରାଲ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ଭାରତୀୟ ସମ୍ବିଧାନରେ ''ଉପମୁଖ୍ୟମନ୍ତ୍ରୀ'' ପଦବି ପ୍ରସଂଗରେ କୌଣସି ଉଲ୍ଲେଖ ନାହିଁ।

# ଚୀନ୍‌କୁ ରୋକିବାକୁ ନୂଆ ମେଳି: ଇଣ୍ଡୋ-ପ୍ୟାସିଫିକ୍‌ରେ ଭାରତର ବଢୁଛି ପ୍ରଭାବ



ନୂଆଦିଲ୍ଲୀ,୧୦/୯ : ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ପ୍ରଶାସନ ଇଣ୍ଡୋ-ପ୍ୟାସିଫିକ୍ କ୍ଷେତ୍ର ପ୍ରତି କମ୍ ଆଗ୍ରହ ଦେଖାଉଥିବା ବେଳେ ଭାରତ ଏହି କ୍ଷେତ୍ରରେ ନିଜର ପ୍ରଭାବ ଓ ଉପସ୍ଥିତି ବୃଦ୍ଧି କରିବାରେ ଲାଗିଛି । କ୍ୱାଡ୍ ପ୍ରତି ଆମେରିକାର ପ୍ରତିବଦ୍ଧତା ହ୍ରାସ ପାଇବା ପରେ ଚୀନ୍‌ର ବୃଦ୍ଧିପାଉଥିବା ପ୍ରଭାବକୁ ରୋକିବା ପାଇଁ ଭାରତ, ଜାପାନ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଇଣ୍ଡୋନେସିଆ ଓ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ପାଉଛି । ଏହି ସମ୍ପର୍କକୁ ମଜବୁତ କରିବା ପାଇଁ ଭାରତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୧୯୮୮ ମସିହା ପରେ ପ୍ରଥମ ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ଭାବେ ରାଜନାଥ ସିଂହ ଶ୍ରୀଲଙ୍କା ଗସ୍ତ କରି କୋଲମ୍ବୋରେ ନୂଆ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି ଏବଂ କୌଣସି ବି ବିପଦ କିମ୍ବା ସଙ୍କଟ ସମୟରେ ଭାରତ ଶ୍ରୀଲଙ୍କା ପାଖରେ ଦୃଢ଼

◆◆ପୃଷ୍ଠା ୭

# ଚାରି ଦଫା ଦାବିରେ ଛାତ୍ର ସାମ୍ମୁଖ୍ୟର ରିଲେ ଅନଶନ ଦ୍ୱିତୀୟ ଦିନରେ: ଆନ୍ଦୋଳନକୁ ବିଭିନ୍ନ ସଂଗଠନ ଓ ନେତାଙ୍କ ସମର୍ଥନ

ଝାରସୁଗୁଡ଼ା,୧୦/୦୯ (ନି.ପ୍ର): ଚାରି ଦଫା ଦାବି ନେଇ ଝାରସୁଗୁଡ଼ା ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ରିଲେ ଅନଶନ ବୁଧବାର ଦ୍ୱିତୀୟ ଦିନରେ ପହଂଚିଛି। ଏଲ.ଏନ. କଲେଜର ସମ୍ପୂର୍ଣ୍ଣ ସରକାରୀକରଣ, ଯାନ୍ତ୍ରିକ ମହାବିଦ୍ୟାଳୟକୁ ଯାନ୍ତ୍ରିକ କଲେଜରେ ରୂପାନ୍ତର, ଉପାନ୍ତ ୧୯ ଖଣ୍ଡ ମୌଜା ପାଇଁ ସରକାରୀ ଡିଗ୍ରୀ କଲେଜ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ସ୍ଥାପନ ଦାବିରେ ଏହି ଆନ୍ଦୋଳନ ଜାରି ରହିଛି। ଦ୍ୱିତୀୟ ଦିନର ଆନ୍ଦୋଳନକୁ ସମ୍ମିଳିତ ଆଦିବାସୀ ସମାଜର ନେତା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ଛାତ୍ର କଂଗ୍ରେସର ପୂର୍ବତନ ବିଧାନସଭା ସଭାପତି ମହେଶ ପ୍ରଧାନ ଓ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ସିଆରାମ ଦାସ ଧାରଣାସ୍ଥଳରେ ପହଂଚି ସମର୍ଥନ ଜଣାଇଥିଲେ। ପୌରପାଳିକାର ଉପନଗରପାଳ ବେଣୁଗୋପାଳ ରାଜୁ ପାଣିଗ୍ରାହୀ ମଧ୍ୟ ପ୍ରେସ ବିବୃତି ଜରିଆରେ ଛାତ୍ର ସାମ୍ମୁଖ୍ୟର ଦାବିଗୁଡ଼ିକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ଏସ୍.ଏଫ୍.ଆଇ.ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶଜନ ଭଟ୍ଟାଚାର୍ଯ୍ୟ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚିବା ପରେ ସିଧାସଳଖ ଧାରଣାସ୍ଥଳକୁ ଯାଇ ଆନ୍ଦୋଳନକୁ ସମର୍ଥନ କରିଥିଲେ। ଏହାଛଡ଼ା ପ୍ରଗତିଶୀଳ ଶ୍ରମିକ ମଂଚର ଶ୍ରମିକ ନେତ୍ରୀ ସୁବନ୍ତି ଖଡ଼ିଆ, ପରିବେଶ କର୍ମୀ ସତ୍ୟନାରାୟଣ ରାଓ, ସାମାଜିକ କର୍ମୀ ଜ୍ଞାନେନ୍ଦ୍ର ବେହେରା, ଛାତ୍ର ନେତା ସୌଭାଗ୍ୟ ରୋହିଦାସ ଓ ଆଇନଜୀବୀ ଆହୁତି ସାହୁ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଗତମାସରେ ଏଲ.ଏନ. କଲେଜର ସରକାରୀକରଣରେ ଆଇନଗତ ସମସ୍ୟା ଥିବା ନେଇ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବୟାନ ପରେ ଛାତ୍ର ସାମ୍ମୁଖ୍ୟ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟା ୫ଟାରେ ଦ୍ୱିତୀୟ ଦିନର ରିଲେ ଅନଶନ ସ୍ଥଗିତ ରଖାଯାଇଥିବା ବେଳେ ଗୁରୁବାର ସକାଳ ୧୦ଟାରୁ ସାଧାରଣ ସମ୍ପାଦକ ସମ୍ବିତ ନାଏକଙ୍କ ନେତୃତ୍ୱରେ ତୃତୀୟ ଦିନର ଆନ୍ଦୋଳନ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ସାମ୍ମୁଖ୍ୟ ସଭାପତି ଅସୀମ ପଟେଲ, ସଂଗଠନ ସମ୍ପାଦକ ଜିତେନ୍ଦ୍ରିୟ ଧୁରୁଆ, ଉପସଭାପତି ରବି ରୋହିଦାସ ଓ ଯୁଗ୍ମ ସମ୍ପାଦକ ନନ୍ଦୁ ରୋହିଦାସଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ।

# ଏନ୍‌ଏଲ୍ସି ପ୍ରକଳ୍ପ ପ୍ରଭାବିତଙ୍କ ପୁନର୍ବାସ ଏବଂ ପରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ

ଝାରସୁଗୁଡ଼ା,୧୦/୦୯ (ନି.ପ୍ର): ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଏନ୍‌ଏଲ୍ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୋଇଲା ଖଣି ଏବଂ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗଠିତ ପୁନର୍ବାସ ତଥା ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ର(ଭା.ପ୍ର.ସେ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏହି ବୈଠକରେ ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ରେଙ୍ଗାଲି ବିଧାୟକ, ବରଗଡ଼ ସାଂସଦଙ୍କ ପ୍ରତିନିଧି, ଉତ୍ତରାଞ୍ଚଳ ଆଇଜିପି, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଉଭୟ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଏନ୍‌ଏଲ୍ସିର ସିଏମ୍ଡି, ଡାଇରେକ୍ଟର (ପାୱାର), ଇଡି (ମାଇନ୍ସ), ଇଡି (ଥର୍ମାଲ ପାୱାର ପ୍ରୋଜେକ୍ଟ)ଙ୍କ ସମେତ ବିସ୍ଥାପିତ ଗ୍ରାମବାସୀଙ୍କ ପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ଯୋଗ ଦେଇ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଜମି ଅଧିଗ୍ରହଣ ସମେତ ଉଚିତ୍ କ୍ଷତିପୂରଣ ପ୍ରଦାନ, ଥଇଥାନ ବ୍ୟବସ୍ଥା, ସ୍ଥାନୀୟ ଲୋକଙ୍କ ନିଯୁକ୍ତି, ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ତାଲିମ, ପାରିପାର୍ଶ୍ୱିକ ଉନ୍ନୟନ ତଥା ପରିବେଶ ସୁରକ୍ଷା ଭଳି ପ୍ରମୁଖ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବିଶେଷ କରି ଉଚିତ୍ ତଥା ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଲୋକଙ୍କ ଘର କିମ୍ବା ସଂରଚନାର ମୂଲ୍ୟାୟନରେ ଥିବା ତାରତମ୍ୟ, ମୂଲ୍ୟ ନିର୍ଦ୍ଧାରଣରେ ଥିବା ତ୍ରୁଟିବିଚ୍ୟୁତି, ପ୍ରାପ୍ୟ ପ୍ରଦାନରେ ସମସ୍ୟା ଏବଂ ସୁଧ ହାର ନେଇ ସବିଶେଷ ସମୀକ୍ଷା କରାଯାଇଛି। ଏହା ବ୍ୟତୀତ ଥଇଥାନ ଓ ପୁନର୍ବାସ ନୀତି, କେତେକ ସ୍ୱତନ୍ତ୍ର ମାମଲା ଏବଂ ପଞ୍ଚମ ପର୍ଯ୍ୟାୟ ଥଇଥାନ ତଥା ପାରିପାର୍ଶ୍ୱିକ ଉନ୍ନୟନ ଉପରେ ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ କରାଯାଇଛି। ପ୍ରକଳ୍ପ ଅଞ୍ଚଳରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଅଭିଯୋଗର ତ୍ୱରିତ ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର 'ଉପ-କମିଟି' ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଲୋକମାନେ ନିଜର ସମସ୍ୟାଗୁଡ଼ିକୁ ଏହି ଉପ-କମିଟି ଆଗରେ ରଖିପାରିବେ ଏବଂ ସେଠାରେ ଆଲୋଚନା ହେବା ପରେ ତାହାକୁ ପରବର୍ତ୍ତୀ ଆର୍‌ପିଡିଏସି ବୈଠକରେ ଉପସ୍ଥାପନ କରାଯିବ।


**AFFIDAVIT**

By virtue of an affidavit before the executive Magistrate Balasore, I Purabi Giri, D/o- Babuli Giri, At- Kathasangara, Po- Udampur, Ps- Remuna, Dist- Balasore, Odisha- 756019 declare that I, wholly renounce, relinquish and abandon the use of my former name (old name) Prachipratysa Giri and in place thereof assume from the date hereof the name of (new name) Purabi Giri. I will be known as Purabi Giri for all purposes.

Purabi Giri


# ସୋଆ କୃଷି ମହାବିଦ୍ୟାଳୟର ୨୦୨୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର ,୧୦/୦୯ (ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍ଚରାଲ ସାଇନ୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସେସ୍ (ଆଇଏଏସ୍)ରୁ ଶିକ୍ଷା ସମାପ୍ତ କରିଥିବା ୨୦୨୬ ବ୍ୟାଚ୍ର ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ ସେରିମନି ବୁଧବାର ଆୟୋଜିତ ହୋଇଯାଇଛି। ଆଇଏଏସ୍ର ୨୦୨୨-୨୦୨୬ ବ୍ୟାଚର ବିଏସ୍ସି ଏଗ୍ରିକଲ୍ଚର (ଅନର୍ସ) ଓ ୨୦୨୪- ୨୦୨୬ ବ୍ୟାଚ୍ର ଏମ୍.ଏସ୍ସି ଏଗ୍ରିକଲ୍ଚର, ଏମ୍.ଏସ୍ସି (ହର୍ଟିକଲ୍ଚର) ଏବଂ ୧୨ଟି ସ୍ପେଶାଲିଷ୍ଟ ବିଭାଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ । ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ ଏହି ଡିଗ୍ରୀ କେବଳ ଏକ କାଗଜ ଖଣ୍ଡ ନୁହେଁ, ଏହା ପରିଶ୍ରମ, ଧୈର୍ଯ୍ୟ, ସମୟାନୁବର୍ତ୍ତୀତା, ଶୃଙ୍ଖଳା, ସଂଘର୍ଷ ଓ ପ୍ରତିବଦ୍ଧତାର ପ୍ରତୀକ । ଦେଶର ଶ୍ରେଷ୍ଠ ୧୫ ତମ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ମାନକୁ ଉଚ୍ଚକୁ ନେବା ପାଇଁ ଆହ୍ୱାନ ଦେଇ ପ୍ରଫେସର ନନ୍ଦ କହିଥିଲେ ତୁମମାନେ ସୋଆର ବ୍ରାଣ୍ଡ ଆମ୍ବାସଡର । ତୁମମାନଙ୍କର ଆଚରଣ, ସତ୍ୟତା ଏବଂ ସଚ୍ଚୋଟତା ହିଁ ବିଶ୍ୱବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଥାଏ ବୋଲି କୁଳପତି କହିଥିଲେ । ଏହି ଅବସରରେ ଆଇଏଏସ୍ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କୃଷି ମହାବିଦ୍ୟାଳୟର ବିସ୍ତୃତ ବିବରଣୀ ପ୍ରଦାନ କରିବା ପରିପ୍ରେକ୍ଷୀରେ କହିଥିଲେ ଯେ ବର୍ତ୍ତମାନ ସମୟରେ କୃଷି ଆଉ ପାରମ୍ପରିକ କୃଷି ଭାବେ ସୀମିତ ହୋଇ ରହି ନାହିଁ । ଏହା ଖାଦ୍ୟ ସୁରକ୍ଷା, ଜଳବାୟୁ ପରିର୍ତ୍ତନ, ପ୍ରଯୁକ୍ତିବିଦ୍ୟା, ଗ୍ରାମୀଣ ବିକାଶ, ଉଦ୍ୟୋଗ ଏବଂ ସମାଜ କଲ୍ୟାଣ ସହିତ ମଧ୍ୟ ଜଡିତ ହୋଇଯାଇଛି । ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ କୃଷି ଭିତିକ ଶିକ୍ଷା ଲାଭକୁ କିପରି ଭାବେ ସମାଜ ସୁରକ୍ଷା, କୃଷିର ସୁରୁକ୍ଷା ଓ କୃଷିର ଉତ୍ପାଦନରେ ନିୟୋଜିତ କରାଯାଇପାରିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଫେସର ରାଉତ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ପ୍ରଫେସର ଅନୁପ କୁମାର ସାମନ୍ତରାୟ, କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏକାଡେମିକ କାଉନ୍ସିଲ୍ର ସଦସ୍ୟ, ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟିମାନେ ଉପସ୍ଥିତ ଥିଲେ । ଶରୀରତତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ କୁମାର ମହାନ୍ତିଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଆଦର୍ଶ ବିଦ୍ୟାଳୟ ଗୁଣ୍ଡୁରିଗୁଡାର ୧୧ତମ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି,୧୦/୦୯ (ନି.ପ୍ର): କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟ, ଗୁଣ୍ଡୁରିଗୁଡା ପରିସରରେ ଏହାର ୧୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ସ୍ଥାନୀୟ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ନାୟକ, ସିଆରସିସି ଚିତ୍ତରଞ୍ଜନ ସେଠୀ, ସିରିପେଟା ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମହାରଣା ଓ ବିଦ୍ୟାଳୟର ସହକାରୀ ଶିକ୍ଷକ ପପୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ ତଥା ପରିଚାଳନା ବିଦ୍ୟାଳୟ ର ଅଧ୍ୟକ୍ଷ ମହେଶ୍ୱର ସାହୁ କରିଥିଲେ । ସର୍ବ ପ୍ରଥମେ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ଦ୍ୱିପ ପ୍ରଜ୍ୱଳିତ କରିଥିଲେ । ଏହାପରେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ସାହୁ ବିଦ୍ୟାଳୟ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର କଣ ଉନ୍ନତି ଘଟିଛି ଓ କେଉଁ କେଉଁ ସମସ୍ୟା ସୃଷ୍ଟି ହୋଇଥିଲା ତହାର ସବିଶେଷ ବିବରଣୀ ପଠନ କରିଥିଲେ ଓ ଏହି ଅବସରରେ ସେ ଉଦଘୋଷିକା ନାମ 'ସ୍ପାର୍କ' ସମ୍ପର୍କରେ ମଧ୍ୟ ତଥ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରତିଷ୍ଠା ଦିବସ ପାଳନ କରିବା ହେଉଛି ଅତିତ ର ସ୍ମୃତିକୁ ରୋମନ୍ଥନ ସହିତ, ଭବିଷ୍ୟତ ପ୍ରଗତି ପାଇଁ ଚେଷ୍ଟା ଜାରି ରଖିବା । ଆଜିର ଯୁବ ପିଢିଙ୍କୁ ସେ ପାଠ ପଢିବା ସହିତ ବିଭିନ୍ନ ପ୍ରତିଯୋଗିତା ଯଥା ବକ୍ତୃତା ଦେବା, ଚିତ୍ରକଳାରେ ରୁଚି ରଖିବା, ସଙ୍ଗୀତ-ନୃତ୍ୟ ପରିବେଷଣ କରିବା, ଖେଳକୁଦ ଭାଗ ନେବା ଓ ତତ୍ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ଅଳିଆ ଆବର୍ଜନା ସଫା କରିବା, ପରିଷ୍କାର ପରିଚ୍ଛନ୍ନ ରହିବା, ସ୍ୱାସ୍ଥ୍ୟପଯୋଗୀ ପରିବେଶ ସୃଷ୍ଟି କରିବା ଓ ଗଛ ଲଗାଇ ପରିବେଶ ପ୍ରଦୂଷଣରୁ ମୁକ୍ତି ପାଇବାର ମନ୍ତ୍ର ଦେଇଥିଲେ। ତତ୍ ସହିତ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ଯେମିତି ଗୁରୁଙ୍କୁ ଭକ୍ତି କରିବା, ସମ୍ମାନ ଦେବା, ବିଦ୍ୟାଳୟରେ ଶୃଙ୍ଖଳା ରକ୍ଷା କରିବା, କର୍ତ୍ତବ୍ୟ ପରାୟଣ ହେବା ସହ ନିଜ ଆଚାର ବ୍ୟବହାରରେ ସମ୍ସ୍କାର ଆଣିବା ଯାହା ଫଳରେ ତୁମେ ଜଣେ ଜଣେ ଚରିତ୍ରବାନ ବ୍ୟକ୍ତି ରୁପରେ ନିଜକୁ ଗଢି ତୋଳି ପାରିବ ବୋଲି ଆହ୍ୱାନ ଦେଇଥିଲେ।


**AFFIDAVIT**

By virtue of an affidavit before the executive Magistrate Balasore, I Lijarani Nayak W/o- Chandan Senapati, Vill- Lunga,Po- Lunga, P.s- Basudevpur, Dist- Bhadrak, Pin- 756124, Odisha, declare that I, wholly renounce, relinquish and abandon the use of my former name Lija Nayak and in place thereof assume from the date hereof the name of Lijarani Nayak. I will be known as Lijarani Nayak for all purposes.

Lijarani Nayak

**AFFIDAVIT**

By virtue of an affidavit before the executive Magistrate Balasore, I Lizarani Khuntia, W/o- Malaya Kumar Nayak, Vill- Lunga,Po- Lunga, P.s- Basudevpur, Dist- Bhadrak, Pin- 756124, Odisha, declare that I, wholly renounce, relinquish and abandon the use of my former name Lija Khuntia and in place thereof assume from the date hereof the name of Lijarani Khuntia. I will be known as Lijarani Khuntia for all purposes.

Lijarani Khuntia


# ଭୋଟର ତାଲିକାରୁ ନାମ ବାଦ୍ ଅଭିଯୋଗ : ଲଇକେରାରେ ବିଜେଡିର ବିକ୍ଷୋଭ

ଝାରସୁଗୁଡ଼ା,୧୦/୦୯ (ନି.ପ୍ର): ନିର୍ବାଚନୀ ଭୋଟର ତାଲିକାରୁ ବୈଧ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଜାଲିଆତି ମାଧ୍ୟମରେ ଆପତି ଦାଖଲ ଅଭିଯୋଗକୁ ନେଇ ଝାରସୁଗୁଡ଼ା ଜିଲ୍ଲା ଲଇକେରାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଛି। 'ମୋ ଭୋଟ, ମୋ ଅଧିକାର' ନାରା ଦେଇ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ଲଇକେରା ବିଜେଡି କାର୍ଯ୍ୟାଳୟରୁ ବାହାରି ଲଇକେରା ଥାନା ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ପରେ ଝାରସୁଗୁଡ଼ା ଏସ୍ପିଙ୍କ ଉଦ୍ଦେଶ୍ୟରେ ଲଇକେରା ଥାନା ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଅଭିଯୋଗ କରାଯାଇଛି ଯେ, ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ଜାଲ୍ କାଗଜପତ୍ର ଓ ମିଥ୍ୟା ଅଭିଯୋଗ ଦାଖଲ କରି ବୈଧ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟାଇବାକୁ ଉଦ୍ୟମ କରୁଛନ୍ତି। ଜଣେ ବ୍ୟକ୍ତି ଗୋଟିଏ ଦିନରେ ସର୍ବାଧିକ ୧୦ଟି ଆପତି ଦାଖଲ କରିପାରିବାର ନିୟମ ଥିବା ସତ୍ତ୍ୱେ ଏହାର ଉଲ୍ଲଂଘନ କରାଯାଉଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି।

ଏପରି ବେଆଇନ କାର୍ଯ୍ୟ ବିରୋଧରେ ଏଫ୍‌ଆଇଆର୍ ଦାଖଲ ପାଇଁ ଥାନାକୁ ଯାଇଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରିବାରେ ଆପତି କରୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରଜା ପ୍ରତିନିଧି ଆଇନ, ୧୯୫୦ର ଧାରା ୩୧ ଅନୁଯାୟୀ ମିଥ୍ୟା ଆବେଦନ ଦାଖଲ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଏସ୍ପିଙ୍କ ନିକଟରେ ଦାବି କରାଯାଇଛି । 'କାହାର ଚାପରେ ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଛି ?' ବୋଲି ଶୋଭାଯାତ୍ରାରେ ପ୍ରଶ୍ନ ଉଠାଯାଇଥିଲା । ଏହି ଆନ୍ଦୋଳନକୁ ସ୍ଥାନୀୟ ଲୋକଙ୍କ ପୂର୍ଣ୍ଣ ସମର୍ଥନ ମିଳିଥିବା ବିଜେଡି ପକ୍ଷରୁ କୁହାଯାଇଛି।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଚେୟାରମ୍ୟାନ ତୁଳାବତୀ ମିଞ୍ଜ, ଲଇକେରା ବ୍ଲକ ଚେୟାରମ୍ୟାନ ସଂଜିତ କୁମାର ନାଇକ, ବ୍ଲକ ବିଜେଡି ସଭାପତି ସାନ୍ତୁନୁ ନାଇକ, ମହିଳା ଜିଲ୍ଲା ବିଜେଡି ସଭାପତି ଭଗବତୀ ବେହେରା, ସବିତା ବାଗ, ରୋଜାଲିନ ପଟେଲ, ଭୋପାଲ ବେହେରା ଓ ଜିତେନ୍ଦ୍ର ରଣାଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ଯୁବ କର୍ମୀ ଉପସ୍ଥିତ ଥିଲେ। ନାଗରିକଙ୍କ ଗଣତାନ୍ତ୍ରିକ ଓ ଭୋଟଦାନ ଅଧିକାର ସୁରକ୍ଷିତ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ପୂର୍ବତନ ବିଧାୟିକା ଦୀପାଳୀ ଦାସ ଚେତାବନୀ ଦେଇଥିଲେ।

# ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲା ଆଇନଗତ ସମାଧାନ ପାଇଁ ଦେଶବ୍ୟାପୀ ଅଭିଯାନ 'ଦେଶ ନିମନ୍ତେ ମଧ୍ୟସ୍ଥତା ୩.୦'

ଜୟପୁର,୧୦/୦୯ (ନି.ପ୍ର): ମଧ୍ୟସ୍ଥତା ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି । ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରଧୀନ ମାମଲା ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦଲତରେ ମିଳୁଥିବା ନିଷ୍ପତି ଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶିଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ। ଏହି ପଦ୍ଧତି ଦ୍ୱାରା ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକା ଅଦାଲତରେ ବିଚାରାଧିନ ବିଭିନ୍ନ ପ୍ରକାରର ମାମଲା ଯଥା:- ପାରିବାରିକ ବିବାଦ/ବୈବାହିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଚେକ୍ ବାଉନ୍ସ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଖାଉଟି ଅଦାଲତରେ ଥିବା ବିବାଦ, ଋଣ ପୁନରୁଦ୍ଧାର ମାମଲା/ସରଫେସି ମାମଲା, ନିଷ୍ପାଦନ କାର୍ଯ୍ୟବିଧି ବାଣିଜ୍ୟିକ ଅଦାଲତରେ ଥିବା ମାମଲା, ମଧ୍ୟସ୍ଥତା ଏବଂ ମିଳାମିଶା ଅଧିନିୟମ ଅଧିନରେ ମଧ୍ୟସ୍ଥତା ମାମଲା, ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା, ସମ୍ପତି ବଂଟନ ବିବାଦ, ଉଚ୍ଛେଦ ମାମଲା, ଭୂ ଅଧିଗ୍ରହଣ ଜନିତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କୀୟ ମାମଲା ଓ ଉପଯୁକ୍ତ ଅନ୍ୟାନ୍ୟ ଦେୱାନୀ ମାମଲାଗୁଡିକର ପରିସମାପ୍ତି କରାଯାଇପାରିବ। ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ପୁନର୍ବାର ଅଭିଯାନ ଚାଲୁଅଛି ଯାହାକି 'ଦେଶ ନିମନ୍ତେ ମଧ୍ୟସ୍ଥତା ୩.୦ ' ନାମରେ ନାମିତ ହୋଇଛି।

ଏହି ଅଭିଯାନ ୨୦୨୬ ଜାନୁଆରୀ ୧ ତାରିଖ ଠାରୁ ଆରମ୍ଭ ହୋଇଯାଇଛି। ମାମଲାର ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକା ଆଇନ ସଂସ୍ଥା ସହ ଯୋଗାଯୋଗ କରନ୍ତୁ। ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୧୦୦ ରେ ଯୋଗାଯୋଗ କରନ୍ତୁ।

# ଭବାନୀପାଟଣାଠାରେ ଜିଲ୍ଲା ସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ ବୈଠକ

ଭବାନୀପାଟଣା,୧୦/୦୯ (ନି.ପ୍ର): ସ୍ଥାନୀୟ ପରିସଂଖ୍ୟାନ ସଭାଗୃହ, ଭବାନୀପାଟଣା ଠାରେ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ବାଲ୍ୟବିବାହ ନିରୋଧ ଏବଂ ବାଳିକାଙ୍କ ପ୍ରତିଥିବା ସାମାଜିକ ଭେଦଭାବ ଦୂର କରିବା ଉଦ୍ଦେଶ୍ୟରେ "ବେଟି ବଚାଓ, ବେଟି ପଢ଼ାଓ" ଅଭିଯାନର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକ ମାନଙ୍କୁ ନିଜର କନ୍ୟାସନ୍ତାନଙ୍କୁ ସୁରକ୍ଷିତ ରଖିବା ଏବଂ କୌଣସି ଭେଦଭାବ ନରଖି ସ୍ୱାବଲମ୍ବୀ କରିବାକୁ ଆହ୍ୱାନ କରିଥିଲେ ।ଏହି ଅବସରରେ ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ଦଳେଇ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ମଙ୍ଗଳ କମିଟି ସଦସ୍ୟ ବିଶ୍ୱନାଥ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ନିୟତି ବାଳା ସୋରେନ ପ୍ରମୁଖ ଉପସ୍ଥିତ ରହି ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ ଏବଂ ବେଟି ବଚାଓ ବେଟି ପଢ଼ାଓ ର ଜିଲା ସ୍ତରୀୟ ଯୋଜନା ପ୍ରସ୍ତୁତି ଏବଂ ବିଭିନ୍ନ ସରକାରୀ ବିଭାଗର ସମନ୍ୱୟରେ କାର୍ଯ୍ୟକାରିତା ଉପରେ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ୱାନଷ୍ଟପ ସେଂଟରର କର୍ମଚାରୀ ଓ ଶକ୍ତି ସଦନର କର୍ମଚାରୀ, ବେସରକାରୀ ଅନୁଷ୍ଠାନର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା, ବିଭିନ୍ନ ପଂଚାୟତର ଜନ ପ୍ରତିନିଧି, ବିଭିନ୍ନ ଧାର୍ମିକ ପ୍ରତିନିଧି ସଦସ୍ୟ, ଜେଣ୍ଡର ସି.ଆର.ପି. ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ, ବାଲ୍ୟବିବାହ ନିରୋଧ, ସୁରକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଏବଂ ସରକାରୀ ଯୋଜନାର ସୁଫଳ ବାଳିକାମାନଙ୍କ ନିକଟରେ ପହଂଚାଇବା ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରିଣୀ ତଥା ସୁରକ୍ଷା ଅଧିକାରିଣୀ ସନ୍ଧ୍ୟାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଜିଲ୍ଲା ମହିଳା ହବ୍ ର ସମସ୍ତ କର୍ମଚାରୀ ଓ ଜିଲ୍ଲା ପ୍ରକଳ୍ପ ସହଯୋଗୀ ଆଭା ପ୍ରମୁଖ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି

ମାଲକାନଗିରି,୧୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ ଭି ୭୯ ଠାରେ ପୋଲିସ ଓ ସରକାରୀ ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ରାଲି ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରାଲିରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ପୋଲିସ କର୍ମଚାରୀମାନେ ସାମିଲ ହୋଇ ବିଭିନ୍ନ ସଚେତନତାମୂଳକ ବ୍ୟାନର ଓ ପ୍ଲାକାର୍ଡ ଧରି ଲୋକଙ୍କୁ ଟ୍ରାଫିକ ନିୟମ ପାଳନ ପାଇଁ ସଚେତନ କରିଥିଲେ। ବିଶେଷ କରି ଦୁଇଚକିଆ ଯାନ ଚାଳକ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନକରିବା, ମଦ୍ୟପାନ କରି ଗାଡ଼ି ନଚଳାଇବା ଏବଂ ଧାର୍ଯ୍ୟ ଗତିରେ ଯାତାୟାତ କରିବା ନେଇ ବାର୍ତ୍ତା ଦିଆଯାଇଥିଲା। ରାଲି ସମୟରେ ପୋଲିସ କର୍ମଚାରୀମାନେ ରାସ୍ତାରେ ଯାତାୟାତ କରୁଥିବା ଚାଳକମାନଙ୍କୁ ଟ୍ରାଫିକ ନିୟମ ମାନି ଚଳାଚଳ କରିବାକୁ ପରାମର୍ଶ ଦେଇଥିଲେ।


**OFFICE OF THE SORA MUNICIPALITY, SORA, BALESHWAR**

No.- 3177 Date- 08/09/26

**"e" Procurement Notice**

**BID Identification No. SOROM_05_2026-27**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | |
|---|---|
| 1. Name of the Work | : Construction of Civil work as mentioned in DTCN |
| 2. No. of works | : 03 nos. |
| 3. Estimated Cost | : As per Work List |
| 4. Period of Completion | : 90 days. |
| 5. Date & Time of availability of Bid documents in the Portal | : 09.09.26 at 10.00AM to 21.09.26 up to 5.00PM |
| 6. Last date & time for receipt | : 21.09.26 up to 5.00PM |
| 7. Bid received online shall be opened on | : 22.09.26 at 10AM |
| 8. Name and address of the officer inviting Bid | : Executive Officer, Sora Municipality |

Further details can be seen from the procurement portal i.e. www.tendersodisha.gov.in

OIPR: 13001/13166/1/26-27/0007

Executive Officer
Sora Municipality

# ଅନଲାଇନ୍ ଖାଦ୍ୟ ... ସହଜ କିନ୍ତୁ ଭାରି ବିପଦ

ଆଜିର ପ୍ରତିଯୋଗିତା ମୂଳକ ସମାଜରେ ପରିବାର ଚଳାଇବାକୁ ସମସ୍ତଙ୍କୁ କର୍ମଜୀବୀ ହେବାକୁ ପଡୁଛି । ଆଗ ଭଳି ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ଘରେ ରହି କାମ କରିବାକୁ ପରିସ୍ଥିତି ସହଯୋଗ କରୁଛି । ସମସ୍ତେ ଟିକେ ସହଜରେ ଓ ସ୍ୱାଛନ୍ଦରେ ରହିବାକୁ ଉଭୟ ସ୍ୱାମୀ , ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି , ତେଣୁ ଅନେକ ସମୟରେ ରୋଷେଇ କରିବାକୁ ସମୟ ନଥାଏ , ତେଣୁ ବାଧ ହୋଇ ସେମାନେ ଖାଦ୍ୟ ଅର୍ଡର କରି ଖାଆନ୍ତି । ସହରରେ ଅନେକ ପରିବାର ପାଇଁ ଅର୍ଡର କରି ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଗଲାଣି । ଯୁବଗୋଷ୍ଠୀ ମଧ ଅନଲାଇନ୍ ଫୁଡ୍ ମାୟାରେ ପଡ଼ିଗଲେଣି । ଏଥିରେ ଅତି ସହଜରେ ଖାଦ୍ୟ ପାଖରେ ପହଞ୍ଚିଯାଏ କିନ୍ତୁ ଜାଣନ୍ତି ,ଏହି ଖାଦ୍ୟ ଶରୀର ପାଇଁ ଘୋର ବିପଦ ।



ଯୁବ ସମାଜ ଏହି ଅଭ୍ୟାସ ତାଙ୍କର ଏକ ପ୍ରକାର ନିଶାରେ ପରିଣତ ହେଲାଣି । ହେଲେ ଏଥିରେ ଏକାଧିକ ଶାରୀରିକ ସମସ୍ୟା ଦେଖାଯାଉଛି । ପ୍ରଥମତଃ ମେଦବହୁଳତା ସମସ୍ୟା ଦେଖାଯାଉଛି ଏବଂ ପାଚନ କ୍ରିୟା ଦେଖାଯାଉଛି । କେବଳ ଶାରୀରିକ ନୁହେଁ ବରଂ ମାନସିକ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ କୁପ୍ରଭାବ ପକାଉଛି ।

ପୋଷଣ ଅଭାବ:
ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍ , ପ୍ରୋସେସଡ୍ ଫୁଡ୍ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ମିଳିଥାଏ । ସମୟ ସହ ଲୋକଙ୍କର ନିର୍ଭରଶୀଳତା ଫଳରେ ଅସନ୍ତୁଳିତ ଡାଏଟର ମାତ୍ରା କ୍ରମଶଃ ବଢ଼ିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ, ଓ ପୋଷକ ତତ୍ତ୍ୱ ଅଭାବ ହେବାର ଆଶଙ୍କା ବଢ଼ିପାରେ ।

ଓଜନ ଓ ମୋଟାପଣ:
ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢ଼ାଇବା ସହିତ ମୋଟାପଣ ବଢ଼ାଇଥାଏ ।ଏଥିରେ ଅସ୍ୱାସ୍ଥ୍ୟକର ଶର୍କରା, ଓ ସୋଡିୟମର ମାତ୍ରା ଅଧିକ ରହିଥାଲ ଫଳରେ ମେଟାବୋଲିଜିମ୍ ସହ ଶରୀରରେ ଆବଶ୍ୟକତାଠାରୁ ଅଧକ ଫ୍ୟାଟ୍ ଜମା ହୋଇ ଘାତକ ପ୍ରମାଣିତ ହୋଇପାରେ ।

ହୃଦଘାତ ସମସ୍ୟା :
ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢ଼ିପାରେ, ଯାହା ରକ୍ତଚାପ , ହୃଦରୋଗ ଓ ଷ୍ଟ୍ରୋକକୁ ନିମନ୍ତ୍ରଣ କରେ । ଆବଶ୍ୟକତା ଠାରୁ ଅଧିକ ଫ୍ରାଏଡ୍ ଫୁଡ୍ ଓ ପ୍ରୋସେସଡ ଫୁଡ ଖାଇଲେ ଶରୀରରେ କୋଲେଷ୍ଟରେଲ ସ୍ତର ବଢ଼ିଯାଇ ହାର୍ଟଆଟାକ୍ ସମସ୍ୟାକୁ ବଢ଼ାଇଥାଏ ।

ପାଚନ ସମସ୍ୟା:
ଅନଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ ।ଫଳରେ ପାଚନ ସମସ୍ୟା ସୃଷ୍ଟି ହୋଇଥାଏ । କୋଷ୍ଠକାଠିନ୍ୟ, ବାନ୍ତି ହେବା ପେଟରେ ଗ୍ୟାସ ହେବା ସହ ଫୁଲିଯିବା ପରି ସମସ୍ୟା ଦେଖାଯାଏ ।

ରକ୍ତରେ ଶର୍କରା ମାତ୍ରା ବୃଦ୍ଧି :
ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରୋଟ୍ ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରାର ମାତ୍ରା ବଢ଼ାଇଦିଏ । ଏହାଦ୍ୱାରା ଇନସୁଲିନ୍ ସୃଷ୍ଟିରେ ବାଧା ସୃଷ୍ଟି ହେବା ସହ ଫଳରେ ଟାଇପ୍ -୨ ଡାଇବେଟିସ୍ ହୋଇଥାଏ ।

ଚିଡ଼ଚିଡ଼ାପଣ :
ଅର୍ଡର କରି ପୋସେସଡ୍ ଖାଦ୍ୟ ଲଗାତାର ଖାଇଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିକ ହୋଇଥାଏ ।କଥାରେ ଅଛି ଯେପରି ଖାଦ୍ୟ ସେପରି ମନର ସ୍ଥିତି । କହିବାର ଅର୍ଥ ଆମେ ଯେପରି ଖାଦ୍ୟ ଖାଇବା ଆମ ମନ ଓ ଶରୀର ଉପରେ ସେହିପରି ପ୍ରଭାବ ପଡ଼ିବ । ତେଣୁ ଲଗାତାର ଅର୍ଡର ଫୁଡ ଖାଇଲେ ଜଣଙ୍କଠାରେ ଅବସାଦ ଓ ଚିଡ଼ିଚିଡ଼ାପଣ ଦେଖାଯିବାର ଅଧିକ ସମ୍ଭାବନା ଥାଏ ।

କହିବାକୁ ଗଲେ ଅର୍ଡର କରି ଖାଦ୍ୟ ଖାଇଲେ ରୋଗ ତ କିଣିବେ, ଡାକ୍ତର ପାଖରେ ଟଙ୍କା ଦେଇ ଦେଇ ଦେବାଳିଆ ବି ହେବେ ।ଏବେ ଆପଣ କୁହନ୍ତୁ ଟିକେ ସମୟ କାଢି ଘରେ ରୋଷେଇ କରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ନା ଅନଲାଇନ୍ ଖାଦ୍ୟ ଖାଇ ବିପଦକୁ ବରଣ କରିବେ ।

# ବର୍ଷା ଦିନରେ ବି ଷ୍ଟାଇଲିସ୍ ଦେଖାଯିବେ : ଆପଣାନ୍ତୁ ଏସବୁ ସହଜ ଟିପ୍ସ

**ବର୍ଷା ଋତୁ ସବୁଜ ସବୁଜ ଏବଂ ଥଣ୍ଡା ପବନ ସହିତ ନିଜସ୍ୱ ଆନନ୍ଦ ଆଣିଦିଏ, କିନ୍ତୁ ବର୍ଷା ସମୟରେ ବାହାରକୁ ବାହାରିବା ସବୁବେଳେ ସୁବିଧାଜନକ ନୁହେଁ। ତଥାପି, ଫ୍ୟାସନେବଲ୍ ଦେଖାଯିବାସହିତ ଆପଣ ନିଜକୁ ଭିଜିବାରୁ ରକ୍ଷା କରିବାକୁ ଚାହୁଥିଲେ ଏସବୁ ଟିପ୍ସକୁ ଆପଣାନ୍ତୁ ।**

ହାଲୁକା, ଶୀଘ୍ର ଶୁଖିଯାଉଥିବା କପଡ଼ା ବାଛନ୍ତୁ: ରେୟନ୍, ପଲିଷ୍ଟର କିମ୍ୱା ଲିନେନ୍ ଭଳି କପଡା ବାଛିବା ଏକ ଭଲ ଧାରଣା କାରଣ ଏଗୁଡ଼ିକ ହାଲୁକା ଏବଂ ସହଜରେ ଶୁଖିଯାଏ। କପା କିମ୍ବା ଡେନିମ୍ ଉଭୟ ପାଣି ସହିତ ଭାରି ହୋଇଯାଏ ଏବଂ ଗତି କରିବା କଷ୍ଟକର ହୋଇଯାଏ।

ଲାଇଟ୍ ଜ୍ୟାକେଟ୍ ପିନ୍ଧନ୍ତୁ: ହାଲୁକା ଗ୍ରୀଷ୍ମ ଜ୍ୟାକେଟ୍ ଏବଂ ସାର୍ଟ ସହିତ ଲେୟାରିଂ ଋତୁରେ ଭଲ କାମ କରେ। ଏହା କେବଳ ଆପଣଙ୍କୁ ସୁନ୍ଦର ଦେଖାଏ ନାହିଁ, ବରଂ ବର୍ଷାରେ ଓଦା ହେବାରୁ ରକ୍ଷା କରି ସୁରକ୍ଷାର ଏକ ସ୍ତର ମଧ ଯୋଡେ।

ୱାଟରପ୍ରୁଫ୍ ଟ୍ରେଞ୍ଚ କୋଟ୍ ଚେଷ୍ଟା କରନ୍ତୁ: ଅନେକଙ୍କୁ ରେନ୍ ଜ୍ୟାକେଟ୍ ପିନ୍ଧିବାକୁ କଷ୍ଟକର ଲାଗେ । ଷ୍ଟାଇଲିସ୍, ହାଲୁକା ଏବଂ ୱାଟରପ୍ରୁଫ୍ କୋଟ୍ ଏଥିପାଇଁ ସବୁଠୁ ଭଲ । ଏଗୁଡ଼ିକ ଷ୍ଟାଇଲିସ୍ ଦେଖାଯାଏ, ବିଶେଷକରି ଯେତେବେଳେ ଏଗୁଡ଼ିକରେ ବେଲ୍ଟ ହୋଇଥାଏ।

ବ୍ରିଜି ସିଲୁଏଟ୍ ପିନ୍ଧନ୍ତୁ: ବର୍ଷାରେ ଟାଇଟ୍-ଫିଟିଂ ପୋଷାକ ଯଦି ଆପଣ ଭିଜି ଯାଆନ୍ତି ତେବେ ଆପଣଙ୍କୁ ଅସହଜ ଅନୁଭବ କରାଇପାରେ । ଏହା ବଦଳରେ, ଏକ କୋ-ଅର୍ଡ ସେଟ୍ କିମ୍ବା ଏକ ଫ୍ଲୋଇଂ ଡ୍ରେସ୍ ଭଳି ଷ୍ଟାଇଲିସ୍ ଆଉଟଫିଟ୍ ବର୍ଷା ଦିନ ପାଇଁ ବହୁତ ଭଲ ଯାହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ ।

ଛୋଟ ହେମ୍ସ ବାଛନ୍ତୁ: ଗୋଡ଼ ଛୁଇଁବା ଭଳି ଫିଟ୍ ପିନ୍ଧିବା ଆପଣଙ୍କୁ ଓଦା କରିପାରେ, କିନ୍ତୁ ବର୍ଷାରେ ଅତ୍ୟଧିକ ଛୋଟ ପୋଷାକ ପିନ୍ଧିବା ମଧ ଉପଯୁକ୍ତ ନୁହେଁ । ଆରାମଦାୟକ ରହିବା ପାଇଁ କ୍ରପ୍ ଟ୍ରାଉଜର କିମ୍ବା ମିଡି ଡ୍ରେସ୍ ପିନ୍ଧିବାକୁ ଚେଷ୍ଟା କରନ୍ତୁ।


ହାଲକା ରଙ୍ଗ ବାଛନ୍ତୁ: ବର୍ଷା ଦିନେ ହାଲକା ରଙ୍ଗର ପୋଷାକ ବାଛନ୍ତୁ । କାରଣ ହାଲକା ରଙ୍ଗର ପୋଷାକ ବର୍ଷା ଦିନେ ଆମ ମନ ଉପରେ ସୁପ୍ରଭାବ ପକାଇବା ସହ ଆପଣଙ୍କୁ ଖୁସି ରଖିବାରେ ସହାଯ୍ୟ କରେ ।

ୱାଟରପ୍ରୁଫ୍ ଆଉଟଫିଟ୍ : ଯଦି ଆପଣ ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବାକୁ ଚାହାନ୍ତି ତେବେ ରଙ୍ଗୀନ ଛତା, ୱାଟରପ୍ରୁଫ୍ ଟୋପି ଏବଂ ଘଣ୍ଟା ଭଳି ଟ୍ରେଣ୍ଡି ଆସେସୋରିଜ୍ କିଣନ୍ତୁ । ଏଗୁଡ଼ିକ ଆପଣଙ୍କୁ



ଭିଡ଼ରୁ ଅଲଗା ଦେଖାଯିବାରେ ସାହାଯ୍ୟ କରିବ ।

ସଠିକ୍ ଫୁଟୱେର୍ ବାଛନ୍ତୁ: ବୁଟ୍, ରବର ଫ୍ଲାଟ୍, କ୍ରୋକ୍ସ ଏବଂ ଜୋତା ଯାହା ଆପଣଙ୍କୁ ଓଦା ହୋବରୁ ବଞ୍ଚାଇବା ସହ ଷ୍ଟାଇଲିସ୍ ଲୁକ୍ ଦେଖାଯିବାରେ ସହଯୋଗ କରିବ ।



# ରୋଗ ବାଣ୍ଟୁଛି ଏସି !

ଗ୍ରୀଷ୍ମ ହେଉ କି ଶୀତ ଆଜିର ସମୟରେ ପ୍ରତିଘରେ ପ୍ରତିଦିନ ଏସିର ବ୍ୟବହାର ହେଉଛି। ଘରେ ଘରେ ୪ ରୁ ୫ ଟି ଲେଖାଏଁ ଏସି ଆଉ ଅଫିସରେ ବଡ଼ ବଡ଼ ସେଣ୍ଟ୍ରାଲାଇଜଡ୍ ଏୟାର କଣ୍ଡିସନର ଯାହା ପ୍ରାୟତଃ ଦିନ ସାରା ଚାଲେ । କିଛି କିଛି ଅଫିସରେ ୨୪ ଘଣ୍ଟା ଏସି ଚାଲିଥାଏ। କିନ୍ତୁ ଆମେ ଭୁଲିଯାଉ ନିଜର ସୁବିଧା ଦେଖୁ ଦେଖୁ ଆମେ ବାହାରର ବାତାବରଣକୁ କେତେ ପ୍ରଦୂଷିତ କରୁଛେ । ଆମେ ଯେତେ ଅଧିକ ଏସି ବ୍ୟବହାର କରୁ, ବାହାରର ପରିବେଶ ସେତେ ଅଧିକ ଗରମ ହେବାକୁ ଲାଗେ । ଭିତରେ କୁଲିଂ କିନ୍ତୁ ବାହାରର ବାତାବରଣ ଗରମ । ଏୟାର କଣ୍ଡିସନରର ଅଧିକ ବ୍ୟବହାର ଦ୍ୱାରା ଗ୍ଲୋବାଲ ୱାର୍ମିଙ୍ଗ୍ ମଧ ହେଉଥିବା କଥା ଗବେଷକ କହିଥା'ନ୍ତି । ତେବେ ଏହି କଥାରେ କେତେ ସତ ଅଛି ଆସନ୍ତୁ ଜାଣିବା । ବାସ୍ତବରେ ଏୟାର କଣ୍ଡିସନିଂର ବ୍ୟବହାର କରିବା ଦ୍ୱାରା ସେଥିରୁ ବିଷାକ୍ତ ଗ୍ୟାସ୍ ବାହାରିଥାଏ, ଯାହା ପରିବେଶ ପାଇଁ ଘାତକ ହୋଇଥାଏ । ଏହି ଗ୍ୟାସଗୁଡ଼ିକରେ କ୍ଲୋରୋଫ୍ଲୋରୋକାର୍ବନ ଓ ହାଇଡ୍ରୋ-କ୍ଲୋରୋଫ୍ଲୋରୋକାର୍ବନ ସାମିଲ୍ ରହିଛି । ପରିବେଶ ଉପରେ ଏହି ଗ୍ୟାସଗୁଡ଼ିକର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏହି ଗ୍ୟାସ୍ ଗରମ ସୃଷ୍ଟି କରେ ଓ ଓଜୋନ ସ୍ତରର କ୍ଷୟର କାରଣ ହୋଇଥାଏ । ସମସ୍ୟା ହେଉଛି କି ଆମର ପରିବେଶ ଯେତେ ଗରମ ହୁଏ, ଆମେ ଏୟାର କଣ୍ଡିସନିଂ ସିଷ୍ଟମର ସେତେ ଅଧିକ ବ୍ୟବହାର କରୁ ।


ପରିବେଶ ଉପରେ ନକାରାତ୍ମକ ପ୍ରଭାବ ବ୍ୟତୀତ ଏୟାର କଣ୍ଡିସନିଂ ମଧ ସ୍ୱାସ୍ଥ୍ୟ ପାଇଁ ବିପଦ ହୋଇପାରେ, ବିଶେଷ କରି ସେହି ଲୋକଙ୍କ ପାଇଁ ଯେଉଁମାନେ ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି । ଏୟାର କଣ୍ଡିସନିଂ ସିଷ୍ଟମର କ୍ରମାଗତ ବ୍ୟବହାର କରିବା ଦ୍ୱାରା ଏହାର ଏୟାର ଫିଲ୍ଟର ନିଜର ଇଣ୍ଟିଗ୍ରେଟି ଖୋଜି ବାହାର କରନ୍ତି ଓ କ୍ଷତିକାରକ କମ୍ପାଉଣ୍ଡକୁ ବାହାରୁ ଆପଣଙ୍କ ଘର କିମ୍ବା ଅଫିସରେ ଆସିବାକୁ ଅନୁମତି ଦିଅନ୍ତି । ଏଗୁଡ଼ିକ ଆଲର୍ଜିକୁ ଟ୍ରିଗର କରିପାରନ୍ତି ଓ କିଛି କ୍ଷେତ୍ରରେ ଆଖି, ନାକ ଓ ଗଳାରେ ଜ୍ୱଳନ ମଧ ସୃଷ୍ଟି କରିପାରନ୍ତି ।

ଏହାସହ ଏୟାର କଣ୍ଡିସନିଂ ସିଷ୍ଟମ ଅଧିକ ବିଜୁଳିର ଉପଯୋଗ କରନ୍ତି ଓ ବିଜୁଳି ଉତ୍ପାଦନ ଉଦ୍ୟୋଗ ଉପରେ ଚାପ ପକାନ୍ତି । ଏହି କାରଣରୁ ପ୍ରଦୂଷଣରେ ବୃଦ୍ଧି ହୁଏ । କାରଣ ବିଜୁଳି ଉତ୍ପାଦନରେ କିଛି ଦେଶରେ ଆଜି ମଧ କୋଇଲା ବ୍ୟବହାର ହୁଏ । ପ୍ରତି ଏୟାର-କଣ୍ଡିସନରରେ ସିଏଫସି ନାମକ ଏକ ଗ୍ୟାସ୍ ଥାଏ । ଯେତେବେଳେ ଏସି ମେସିନ ଲିକ୍ କରେ ଉରଉ ଗ୍ୟାସ୍ ପବନ ସହିତ ମିଶ୍ରିତ ହୋଇଯାଏ, ଯାହା ବାହ୍ୟ ବାତାବରଣକୁ ନଷ୍ଟ କରିଥାଏ । ଏହା ବ୍ୟତୀତ ଏୟାର-କଣ୍ଡିସନ ରୁମରୁ ଗରମକୁ ଶୋଷଣ କରିଥାଏ । ଏହା ରୁମର ତାପମାତ୍ରାକୁ ହ୍ରାସ କରିଥାଏ, କିନ୍ତୁ ଗରମ ପବନ ବାହାରେ ଛାଡ଼ିଦିଏ, ଯାହା ବାୟୁମଣ୍ଡଳୀୟ ତାପମାତ୍ରାକୁ ବଢ଼ାଇଥାଏ । ଇଉ ଚଲାଇବା ଦ୍ୱାରା ଏହାର ଏଗଜଷ୍ଟ ଏୟାର ଯାହାକି କମ୍ପ୍ରେସରକୁ ଥଣ୍ଡା ରଖିବା ପାଇଁ ଗରମ ହୋଇଯାଏ, ତାହା ଆଖପାଖ ସ୍ଥାନକୁ ଆହୁରି ଅଧିକ ଗରମ କରିଦିଏ, ଯାହା ଦ୍ୱାରା ଆପଣଙ୍କ ରୁମ ତ ଥଣ୍ଡା ହୋଇଯାଏ କିନ୍ତୁ ବାହାରର ବାତାବରଣ ଗରମ ହୋଇଯାଏ । ଏସିର ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ଡିହାଇଡ୍ରେସନର ସମସ୍ୟା ହୋଇପାରେ । ଏହା ବ୍ୟତୀତ ଏହା ସଂକ୍ରମଣର କାରଣ ମଧ ହୋଇପାରେ । ଏୟାର କଣ୍ଡିସନରର ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ଶ୍ୱସନ ତନ୍ତ୍ର ସମ୍ବନ୍ଧୀୟ ସମସ୍ୟା ହୋଇପାରେ ।

ଏସିରୁ ପରିବେଶକୁ କିପରି ବଞ୍ଚାଇବେ ? ନିଜ ଘରର ଆଖପାଖରେ ଏପରି ଗଛ ଲଗାନ୍ତୁ ଯାହା ୨୪/୭ ଅମ୍ଳଜାନ ଦିଅନ୍ତି ଓ ଯେଉଁଗୁଡ଼ିକ ବିଷାକ୍ତ ପଦାର୍ଥକୁ ଶୋଷଣ କରିବାରେ ସକ୍ଷମ ହୋଇଥା'ନ୍ତି । ବାସ୍ତବରେ ଏସିକୁ ରୁମରେ ଅମ୍ଳଜାନ ଯୋଡ଼ିବା ଓ ଉଙ୨କୁ ଅବଶୋଷଣ କରିବା ପାଇଁ ଜଣାଯାଏ । ଏଭଳି ପରିସ୍ଥିତିରେ ଏହା ବହୁତ କାର୍ଯ୍ୟକାରୀ ପ୍ରମାଣିତ ହୋଇପାରେ । ଏହା ବ୍ୟତୀତ ଏସିକୁ ଯେତେ କମ୍ ବ୍ୟବହାର କରିବେ ସେତେ ଭଲ । ପ୍ରତିବର୍ଷ ବଢୁଥିବା ଗରମରେ ଏୟାର କଣ୍ଡିସନିଂ ଆମକୁ ଆରାମ ଦେଉଥିବା ବେଳେ ଏହା ଜଳବାୟୁ ସଙ୍କଟକୁ ଆହୁରି ଗଭୀର କରିବାର ଆଶଙ୍କା ମଧ ରହିଛି ଯଦି ପରିଷ୍କାର ଶକ୍ତି ଏବଂ ଜଳବାୟୁ ଅନୁକୂଳ ଟେକ୍ନୋଲୋଜି ଗ୍ରହଣ କରାନଯାଏ ।

# ଗ୍ୟାସ ସମସ୍ୟା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ

ଗ୍ୟାସ୍ ଏବଂ ଏସିଡିଟି ଏପରି କିଛି ସମସ୍ୟା ଯାହା ଆମ ସମସ୍ତଙ୍କୁ ସାମ୍ନା କରିବାକୁ ପଡ଼ିଥାଏ । କେତେକ ସମୟରେ, ସମୟ ଅନୁସାରେ ନ ଖାଇବା, ଭାରୀ ଜିନିଷ ଖାଇବା କିମ୍ୱା ଚାପରେ ରହିବା ଯୋଗୁଁ, ଗ୍ୟାସ୍ ଏବଂ ଏସିଡିଟି ସମସ୍ୟା ଆରମ୍ଭ ହୁଏ । ଏହି କାରଣରୁ, ପେଟ ଫୁଲିବା, ଜଳାପୋଡ଼ା ଏବଂ ଅସ୍ୱସ୍ତିର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆପଣଙ୍କୁ କିଛି ଔଷଧ ଦ୍ୱାରା ଆରାମ ମିଳିପାରେ କିନ୍ତୁ ଏହି ଔଷଧଗୁଡ଼ିକ ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାକୁ ସବୁଦିନ ପାଇଁ ଦୂର କରିପାରିବ ନାହିଁ । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ, ଆପଣ ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ସବୁଦିନ ପାଇଁ ମୁକ୍ତି ପାଇପାରିବେ ।



ଆସନ୍ତୁ ଜାଣିବା ଏହି ଉପଚାରଗୁଡ଼ିକ ବିଷୟରେ-
ପ୍ରଥମ ଉପଚାର ହେଉଛି ଧନିଆ, ପାନମହୁରି ଏବଂ ଜିରା ଚା । ଏହି ତିନୋଟି ଔଷଧୀୟ ଉପାଦାନ ପାଚନକୁ ପ୍ରୋତ୍ସାହିତ କରେ, ପେଟ ଫୁଲା କମ କରେ ଏବଂ ଏସିଡିଟିକୁ ଶାନ୍ତ କରେ । ଏହା ଏକ ଆୟୁର୍ବେଦିକ ଉପଚାର ।
ଆପଣଙ୍କୁ ଆବଶ୍ୟକ ସାମଗ୍ରୀ ହେଉଛି ଗୋଟିଏ ଚାମଚ ପାନମହୁରି,
୧ ଚାମଚ ଧନିଆ ବିହନ, ୧ ଚାମଚ ପାନମହୁରି, ୨ କପ ପାଣି । ଏହି ଚା ତିଆରି କରିବା ପାଇଁ, ଦୁଇ କପ ପାଣିରେ ଏହି ତିନୋଟି ବିହନ ମିଶାଇ ଆରମ୍ଭ କରନ୍ତୁ । କମ୍ ଆଞ୍ଚରେ ୫-୭ ମିନିଟ୍ ପାଇଁ ଫୁଟାନ୍ତୁ । ଖାଇବା ପରେ ଛାଣି ଗରମ ପିଅନ୍ତୁ ।
ତ୍ରିଫଳା ହେଉଛି ତିନୋଟି ପବିତ୍ର ଫଳରୁ ତିଆରି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧ । ଆମଳା ଥଣ୍ଡା ରଖିଥାଏ ଶରୀରକୁ । ଏହା ଭିଟାମିନ୍ ସି ରେ ଭରପୂର ଏବଂ ପେଟର ଆସ୍ତରଣକୁ ଶାନ୍ତ କରେ ଏବଂ ଏସିଡ୍ ଦ୍ୱାରା କ୍ଷତିଗ୍ରସ୍ତ ଟିସୁକୁ ସୁସ୍ଥ କରିବାରେ ସାହାଯ୍ୟ କରେ ।
ତୃତୀୟ ଔଷଧି ହେଉଛି ହରିତକୀ ଯାହା ବାତକୁ ସନ୍ତୁଳିତ କରେ ଏବଂ ପାଚନ ଶକ୍ତିକୁ ଶକ୍ତିଶାଳୀ କରେ। ପାଚନ, ଏସିଡିଟି ଏବଂ ପ୍ରଦାହରେ ଧୀରେ ଧୀରେ ଉନ୍ନତି ଦେଖିବା ପାଇଁ ଏହାକୁ ପ୍ରତିଦିନ ରାତିରେ ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ ସେବନ କରନ୍ତୁ । ଆପଣଙ୍କର ତୃତୀୟ ଉପଚାର ହେଉଛି ଶୁଖିଲା ଅଦା ଏବଂ ଗୁଡ଼ । ଆୟୁର୍ବେଦରେ ଅଦାକୁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ।
ଅନେକ ଅଧ୍ୟୟନରୁ ଏହା ମଧ ଜଣାପଡିଛି ଯେ ଅଦା ପାଚନ ତନ୍ତ୍ର ପାଇଁ ଲାଭଦାୟକ । ଏହା ପାଚନ ଶକ୍ତି ବୃଦ୍ଧି କରେ ଏବଂ ପେଟ ଫୁଲିବା ଏବଂ ଅସ୍ୱସ୍ତିକୁ ହ୍ରାସ କରେ । ଅନ୍ୟପକ୍ଷରେ, ଗୁଡ଼ ପାଚନ ଏନଜାଇମକୁ ସକ୍ରିୟ କରେ ଏବଂ ଅନ୍ତନଳୀ ଗତିକୁ ସମର୍ଥନ କରେ । ୨ ଚାମଚ ଶୁଖିଲା ଅଦା ପାଉଡର, ୧ ଚାମଚ ଗ୍ରାଟେଡ୍ ଗୁଡ଼, ୧ ଚାମଚ ଘିଅ ସେବନ କରନ୍ତୁ । ଏହା ଆପଣଙ୍କୁ ବହୁତ ଲାଭ ଦେବ।
ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ମୁକ୍ତି ପାଇବା ପାଇଁ, ଆପଣଙ୍କୁ ଆପଣଙ୍କ ଜୀବନଶୈଳୀରେ କିଛି ପରିବର୍ତ୍ତନ କରିବାକୁ ପଡିବ । ଯେପରିକି:

- ☐ ପ୍ରତିଦିନ ଠିକ୍ ସମୟରେ ଖାଦ୍ୟ ଖାଇବା ।
- ☐ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ।
- ☐ ଖାଇବା ପରେ ଟିକେ ଚାଲିବା ଉଚିତ ।
- ☐ ଖାଇବା ପରେ ତୁରନ୍ତ ଶୁଅନ୍ତୁ ନାହିଁ ।
- ☐ ଆପଣଙ୍କ ପାଚନ ତନ୍ତ୍ରକୁ ସଫା କରିବା ପାଇଁ ଉଷୁମ ପାଣି ପିଅନ୍ତୁ ।

# ଉଚ୍ଚଶିକ୍ଷାରେ ଅବନତି: ଦେଶରେ ପ୍ରଥମ ଥର କମିଲା ସ୍ନାତକ ନାମଲେଖା

ଭାରତର ଶିକ୍ଷା ବ୍ୟବସ୍ଥାରେ ସାମ୍ପ୍ରତିକ ସ୍ଥିତି ଏବଂ ଏହାର ଭବିଷ୍ୟତକୁ ନେଇ ଦେଶରେ ସବୁବେଳେ ଗଭୀର ଚର୍ଚ୍ଚା ଲାଗିରହିଥାଏ । ବର୍ତ୍ତମାନ ସମୟରେ ଦିଲ୍ଲୀରେ କକରୋଚ ଜନତା ପାର୍ଟି (ସିଜେପି) ଏବଂ ପ୍ରସିଦ୍ଧ ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ଚାଲିଥିବା ବିକ୍ଷୋଭ ଶିକ୍ଷା, ନିଯୁକ୍ତି ଏବଂ ସାମାଜିକ ଅଧିକାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ କେନ୍ଦ୍ରବିନ୍ଦୁକୁ ଆଣିଥିବା ବେଳେ, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପ୍ରାୟତଃ ବିଫଳ ହୋଇଛି । ଅଖିଳ ଭାରତୀୟ ଉଚ୍ଚଶିକ୍ଷା ସର୍ବେକ୍ଷଣ (ଏଆଇଏସଏଚଇ ବା AISHE) ଉପରେ ଆଧାରିତ ଏହି ରିପୋର୍ଟ ଦୀର୍ଘ ଦିନର ଅହେତୁକ ବିଳମ୍ବ ପରେ ଚଳିତ ମାସ ଆରମ୍ଭରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ହୋଇଛି । ଦୁଇ ବର୍ଷର ରିପୋର୍ଟ ଏକାସାଙ୍ଗରେ ଆସିଥିଲେ ମଧ୍ୟ ଏହା ଉପରେ ଯେତିକି ବିତର୍କ ହେବା କଥା, ତାହା ହୋଇନାହିଁ। ଏହି ରିପୋର୍ଟରେ ଏକ ଆଶ୍ଚର୍ଯ୍ୟଜନକ ଏବଂ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି, ଯାହାକି ସମଗ୍ର ଦେଶରେ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ଏକ ବଡ଼ ଧରଣର ଅପ୍ରତ୍ୟାଶିତ ହ୍ରାସ । ୨୦୧୧ ମସିହାରୁ କେନ୍ଦ୍ର ସରକାର ଏଆଇଏସଏଚଇ ରିପୋର୍ଟ ପ୍ରକାଶ କରିବା ଆରମ୍ଭ କରିବା ଦିନଠାରୁ ଏଭଳି ଅବନତି ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି । ସରକାରଙ୍କ ନିଜସ୍ୱ ସଂଜ୍ଞା ଅନୁଯାୟୀ, ଏହି ସର୍ବେକ୍ଷଣ ରିପୋର୍ଟ ଭାରତରେ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ସରକାରୀ ପରିସଂଖ୍ୟାନର ପ୍ରାଥମିକ ଉତ୍ସ ଭାବରେ କାର୍ଯ୍ୟ କରେ ଏବଂ ଏହି କ୍ଷେତ୍ରର ନୀତି ନିର୍ଦ୍ଧାରଣ, ଯୋଜନା ପ୍ରସ୍ତୁତି ଏବଂ ସାମଗ୍ରିକ ତଦାରଖ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରେ । ତଥାପି, ମନ୍ତ୍ରଣାଳୟ ଏହି ରିପୋର୍ଟଗୁଡ଼ିକର ପ୍ରକାଶନରେ କ୍ରମାଗତ ଭାବେ ଅହେତୁକ ବିଳମ୍ବ କରିବା ବ୍ୟବସ୍ଥାଗତ ତ୍ରୁଟି ତଥା ଆନ୍ତରିକତାର ଅଭାବକୁ ଦର୍ଶାଉଛି । ୨୦୨୧-୨୨ ବର୍ଷର ରିପୋର୍ଟ ଜାନୁଆରୀ ୨୦୨୪ରେ ବିଳମ୍ବରେ ପ୍ରକାଶ ପାଇଥିବା ବେଳେ ବର୍ତ୍ତମାନ ଦୁଇ ବର୍ଷ ପରେ ୨୦୨୨-୨୩ ଏବଂ ୨୦୨୩-୨୪ ବର୍ଷର ରିପୋର୍ଟକୁ ଏକାଠି ପ୍ରକାଶ କରାଯାଇ କୌଣସି ପ୍ରକାରେ ଔପଚାରିକତା ପୂରଣ କରାଯାଇଛି ।

ପରିସଂଖ୍ୟାନକୁ ଟିକିନିଖି ବିଶ୍ଳେଷଣ କଲେ ଜଣାପଡ଼େ ଯେ ୨୦୨୨-୨୩ ତୁଳନାରେ ୨୦୨୩-୨୪ ମସିହାରେ ସ୍ନାତକ, ସ୍ନାତକୋତ୍ତର, ଡିପ୍ଲୋମା, ପିଏଚଡି ଏବଂ ଅନ୍ୟାନ୍ୟ ସମସ୍ତ ପାଠ୍ୟକ୍ରମକୁ ମିଶାଇ ଉଚ୍ଚଶିକ୍ଷାରେ ସମୁଦାୟ ନାମଲେଖା ସାମାନ୍ୟ ବୃଦ୍ଧି ପାଇଛି । ଏହି ବୃଦ୍ଧି ପ୍ରାୟ ୩.୭ ଲକ୍ଷ ବା ମାତ୍ର ୦.୮ ପ୍ରତିଶତ ହୋଇଥିବା ବେଳେ ଐତିହାସିକ ଦୃଷ୍ଟିକୋଣରୁ ଏହା ହେଉଛି ଆଜି ପର୍ଯ୍ୟନ୍ତର ସର୍ବନିମ୍ନ ବାର୍ଷିକ ବୃଦ୍ଧି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଭାରତୀୟ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସମୁଦାୟ ନାମଲେଖାର ୭୫ ପ୍ରତିଶତରୁ ଅଧିକ ଭାଗ ଅକ୍ତିଆର କରୁଥିବା ମୌଳିକ ସ୍ନାତକ ବା ଅଣ୍ଡର-ଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ସଂଖ୍ୟା ଗୋଟିଏ ବର୍ଷ ମଧ୍ୟରେ ୯୩,୦୦୦ ବା ୦.୨୭ ପ୍ରତିଶତ ତଳକୁ ଖସିଆସିଛି । ଏହି ହ୍ରାସ ଏଭଳି ଏକ ସମୟରେ ଘଟିଛି ଯେତେବେଳେ ଦେଶରେ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ବୟସ ବର୍ଗର ଯୁବଜନସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। କେବଳ ସେତିକି ନୁହେଁ, ଏଆଇଏସଏଚଇରେ ଅଂଶଗ୍ରହଣ କରିଥିବା ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ମୋଟ ସଂଖ୍ୟା ମଧ୍ୟ ୨୦୨୨-୨୩ରେ ୫୬,୧୮୦ରୁ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ୨୦୨୩-୨୪ ମସିହା ସୁଦ୍ଧା ୫୯,୫୩୩ରେ ପହଞ୍ଚିଛି । ଶିକ୍ଷାନୁଷ୍ଠାନଗୁଡ଼ିକର ସଂଖ୍ୟା ବଢ଼ିବା ଏବଂ ଯୁବଗୋଷ୍ଠୀଙ୍କ ଜନସଂଖ୍ୟା ବଢ଼ିବା ସତ୍ତ୍ୱେ ସ୍ନାତକ ସ୍ତରରେ ନାମଲେଖା କମିବା ଏକ ବିରୋଧାଭାସ ସୃଷ୍ଟି କରୁଛି ଏବଂ ଏହା ଦେଶର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଗଭୀର ସାମାଜିକ ଓ ଅର୍ଥନୈତିକ ସଙ୍କଟର ସୂଚନା ଦେଉଛି । ୨୦୨୩-୨୪ ରିପୋର୍ଟରେ ଗ୍ରସ୍ ଏନରୋଲମେଣ୍ଟ ରେସିଓ ବା ସମୁଦାୟ ନାମଲେଖା ଅନୁପାତ (ଜିଇଆର) ୨୯.୫ରୁ ୩୦କୁ ସାମାନ୍ୟ ବୃଦ୍ଧି ପାଇଥିବା କଥାକୁ ବିଶେଷ ଭାବରେ ଦର୍ଶାଇ ସରକାର ନିଜର ପିଠି ଥାପୁଡ଼ାଉଛନ୍ତି, କିନ୍ତୁ ବିପୁଳ ସଂଖ୍ୟାରେ ସ୍ନାତକ ସ୍ତରରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କାହିଁକି କମିଲା ସେ ନେଇ କୌଣସି ବାସ୍ତବବାଦୀ ସ୍ପଷ୍ଟୀକରଣ ଦିଆଯାଇନାହିଁ। ଏପରିକି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ପାଠ୍ୟକ୍ରମରେ ଛାତ୍ରୀମାନଙ୍କର ନାମଲେଖା ବୃଦ୍ଧି ପାଇଥିବା କଥାକୁ ଉଦାହରଣ ଦେଇ ପ୍ରଶଂସା କରିଥିଲେ ସୁଦ୍ଧା ସାମଗ୍ରିକ ସ୍ନାତକ ନାମଲେଖାରେ ଘଟିଥିବା ଏହି ଐତିହାସିକ ଅବନତି ବିଷୟରେ ନୀରବ ରହିବା ସାଧାରଣ ଲୋକ ତଥା ବିଶେଷଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଏହି ଅବନତିର ଏକ ଅତ୍ୟନ୍ତ ରୋଚକ ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ଲିଙ୍ଗଗତ ବିଶ୍ଳେଷଣ । ଜାତୀୟ ସ୍ତରରେ ତଥ୍ୟକୁ ପରଖିଲେ ଏହି ହ୍ରାସ କେବଳ ଛାତ୍ର ବା ପୁରୁଷ ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ହିଁ ଦେଖିବାକୁ ମିଳିଛି । ୨୦୨୨-୨୩ ଏବଂ ୨୦୨୩-୨୪ ମଧ୍ୟରେ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରମାନଙ୍କ ସଂଖ୍ୟା ୨.୨ ପ୍ରତିଶତ ତଳକୁ ଖସିଯାଇଥିବା ବେଳେ, ଠିକ୍ ସେହି ସମୟ ମଧ୍ୟରେ ଛାତ୍ରୀମାନଙ୍କ ନାମଲେଖା କିନ୍ତୁ ୧.୮ ପ୍ରତିଶତ ବୃଦ୍ଧି ପାଇଛି। ଯଦିଓ ଦେଶର ସମୁଦାୟ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କ ମୋଟ ସଂଖ୍ୟା ଏବେ ବି ଛାତ୍ରମାନଙ୍କ ଠାରୁ କମ୍ ରହିଛି, ତଥାପି ମହିଳାମାନଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ କ୍ରମାଗତ ଭାବେ ବଢ଼ିବା ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ । ମହିଳା ସଶକ୍ତିକରଣ ଏବଂ ସଚେତନତା ଯୋଗୁଁ ଝିଅମାନେ ଅଧିକ ସଂଖ୍ୟାରେ କଲେଜ ମୁହାଁ ହେଉଛନ୍ତି, ଯାହା ଭାରତୀୟ ସମାଜ ପାଇଁ ଏକ ଶୁଭଲକ୍ଷଣ । ମାତ୍ର, ଅନ୍ୟ ପଟେ ଯୁବକ ବା ଛାତ୍ରମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ପ୍ରତି ଏହି ଅକସ୍ମାତ ବିମୁଖତା କାହିଁକି ବଢ଼ୁଛି, ତାହା ଶିକ୍ଷାବିତ୍ ତଥା ଅର୍ଥନୀତିଜ୍ଞମାନଙ୍କ ପାଇଁ ଏକ ବିରାଟ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି । ଦେଶରେ ଦିନକୁ ଦିନ ଉତ୍କଟ ହେଉଥିବା ବେକାରୀ ସମସ୍ୟା, ଉଚ୍ଚଶିକ୍ଷାର ଆକାଶଛୁଆଁ ଖର୍ଚ୍ଚ, ଘରୋଇକରଣ ଯୋଗୁଁ ବଢ଼ୁଥିବା ଫିସ୍ ଏବଂ ବର୍ଷ ବର୍ଷ ଧରି ସାଧାରଣ ଡିଗ୍ରୀ ହାସଲ କରିବା ପରେ ମଧ୍ୟ ଉପଯୁକ୍ତ ନିଯୁକ୍ତିର ସୁଯୋଗ ନ ମିଳିବା କାରଣରୁ ଯୁବକମାନେ ନିରାଶ ହେଉଥିବାର ଏକ ସ୍ପଷ୍ଟ ଅନୁମାନ କରାଯାଉଛି । ଅଧିକାଂଶ ଯୁବକ ତିନି ବା ଚାରି ବର୍ଷର ଦୀର୍ଘମିଆଦୀ ପାରମ୍ପରିକ ଶିକ୍ଷାରେ ସମୟ ନଷ୍ଟ କରିବା ପରିବର୍ତ୍ତେ ପରିବାରର ଆର୍ଥିକ ବୋଝ ହାଲୁକା କରିବା ଉଦ୍ଦେଶ୍ୟରେ ଶୀଘ୍ର ରୋଜଗାରକ୍ଷମ ହେବା ପାଇଁ ଗିଗ୍ ଇକୋନୋମି, କ୍ଷୁଦ୍ର ବ୍ୟବସାୟ କିମ୍ବା ସ୍ୱଳ୍ପକାଳୀନ ତାଲିମ ଭଳି ଅନ୍ୟ ବିକଳ୍ପ ଖୋଜୁଥିବାର ଏହା ଏକ ନିଚ୍ଛକ ପ୍ରମାଣ ହୋଇପାରେ। ଏହା ଆମ ଦେଶର ବହୁଚର୍ଚ୍ଚିତ ଜନସାଂଖ୍ୟିକ ଲାଭାଂଶ (ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଇପାରେ ।

ରାଜ୍ୟଗୁଡ଼ିକର ତଥ୍ୟକୁ ପର୍ଯ୍ୟବେକ୍ଷଣ କଲେ ଏହି ସମସ୍ୟାର ଆଞ୍ଚଳିକ ପ୍ରଭାବ ଏବଂ ଭୌଗୋଳିକ ଅସମାନତା ଅତି ସ୍ପଷ୍ଟ ଭାବରେ ବୁଝିହୁଏ । ଦେଶରେ ହୋଇଥିବା ଏହି ସାମଗ୍ରିକ ହ୍ରାସ ସବୁଆଡେ ସମାନ ଭାବରେ ହୋଇନାହିଁ, ବରଂ ଏହା ମୁଖ୍ୟତଃ କିଛି ନିର୍ଦ୍ଦିଷ୍ଟ ବୃହତ୍ ରାଜ୍ୟ ଯେପରିକି ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶରେ ଅଧିକ କେନ୍ଦ୍ରୀଭୂତ ହୋଇଛି । ପରିସଂଖ୍ୟାନ ଅନୁସାରେ ମହାରାଷ୍ଟ୍ରରେ ସ୍ନାତକ ନାମଲେଖା ସର୍ବାଧିକ ୬ ପ୍ରତିଶତ ହ୍ରାସ ପାଇଥିବା ବେଳେ ଜନବହୁଳ ଉତ୍ତରପ୍ରଦେଶରେ ଏହା ୩ ପ୍ରତିଶତ କମିଛି । ସେହିପରି ଦିଲ୍ଲୀ ଏବଂ ଜମ୍ମୁ କାଶ୍ମୀର ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ମଧ୍ୟ ବ୍ୟାପକ ଅବନତି ପରିଲକ୍ଷିତ ହୋଇଛି, ଯାହା ବିଶେଷ ଦୃଷ୍ଟି ଆକର୍ଷଣ କରେ । ଦିଲ୍ଲୀ ଯାହାକି ଆଜି ବି ସମଗ୍ର ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରମୁଖ ତଥା ସର୍ବଶ୍ରେଷ୍ଠ ଶିକ୍ଷା କେନ୍ଦ୍ର ଭାବରେ ପରିଚିତ, ସେଠାରେ ମଧ୍ୟ ୨୦୨୩-୨୪ ଶିକ୍ଷାବର୍ଷରେ ସ୍ନାତକ ସ୍ତରରେ ନାମଲେଖା ୬ ପ୍ରତିଶତ ହ୍ରାସ ପାଇବା ବାସ୍ତବରେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ତଥା ଚିନ୍ତାଜନକ ଅଟେ । ଯେଉଁ ନିର୍ଦ୍ଦିଷ୍ଟ ରାଜ୍ୟଗୁଡ଼ିକରେ ହ୍ରାସ ଦେଖିବାକୁ ମିଳିଛି, ସେଠାରେ ସମୁଦାୟ ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହୋଇଛନ୍ତି ବା ଆଗ୍ରହ ପ୍ରକାଶ କରିନାହାଁନ୍ତି । ଯଦି ଭାରତର ଦକ୍ଷିଣ ଏବଂ ପୂର୍ବ ଭାଗରେ ଥିବା ତାମିଲନାଡୁ, ବିହାର, କର୍ଣ୍ଣାଟକ ଏବଂ ଆମ ନିଜ ରାଜ୍ୟ ଓଡ଼ିଶା ଭଳି କେତେକ ରାଜ୍ୟରେ ନାମଲେଖା ଆଖିଦୃଶିଆ ଭାବେ ବୃଦ୍ଧି ପାଇନଥାନ୍ତା, ତେବେ ଦେଶର ସାମଗ୍ରିକ ହ୍ରାସର ଚିତ୍ର ଆହୁରି ଭୟଙ୍କର ହୋଇଥାନ୍ତା । ଏହି କ୍ଷେତ୍ରରେ ତାମିଲନାଡୁର ପ୍ରଦର୍ଶନ ଅତ୍ୟନ୍ତ ଉଲ୍ଲେଖନୀୟ ରହିଛି, କାରଣ ସେଠାରେ ସର୍ବାଧିକ ୧.୬ ଲକ୍ଷ ଅଧିକ ଛାତ୍ରଛାତ୍ରୀ କଲେଜରେ ନାମ ଲେଖାଇଛନ୍ତି । ଏହି ବୃଦ୍ଧି ଏକୁଟିଆ ଉତ୍ତରପ୍ରଦେଶରେ ହୋଇଥିବା ୧.୫୩ ଲକ୍ଷର ବିଶାଳ ହ୍ରାସକୁ ଜାତୀୟ ସ୍ତରରେ ବେଶ୍ କିଛି ମାତ୍ରାରେ ଭରଣା କରିପାରିଛି । ଓଡ଼ିଶା ଏବଂ ତାମିଲନାଡୁ ଭଳି ରାଜ୍ୟମାନଙ୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ଶିକ୍ଷାଭିତ୍ତିକ ବିକାଶମୂଳକ ପଦକ୍ଷେପ, ଛାତ୍ରବୃତ୍ତି ଏବଂ ସରକାରୀ ପ୍ରୋତ୍ସାହନ କାର୍ଯ୍ୟକ୍ରମଗୁଡ଼ିକ ଯୋଗୁଁ ନାମଲେଖା କ୍ଷେତ୍ରରେ ଏକ ସକାରାତ୍ମକ ବାତାବରଣ ଦେଖିବାକୁ ମିଳିଛି, ଯାହା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ଦୃଷ୍ଟାନ୍ତ ଅଟେ ।

ପାଠ୍ୟକ୍ରମ ଏବଂ ବିଷୟବସ୍ତୁ ଅନୁଯାୟୀ କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼େ ଯେ ଦେଶରେ କଳା (Arts), ବିଜ୍ଞାନ (Science) ଏବଂ ବାଣିଜ୍ୟ (Commerce) ଭଳି ମୌଳିକ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ଦ୍ରୁତ ଗତିରେ କମିବାରେ ଲାଗିଛି । ଏଆଇଏସଏଚଇ ତଥ୍ୟ ମୁତାବକ, ୨୦୨୨-୨୩ ବର୍ଷ ତୁଳନାରେ ୨୦୨୩-୨୪ ବର୍ଷରେ କେବଳ ସ୍ନାତକ କଳା ପାଠ୍ୟକ୍ରମରେ ପୂର୍ବ ବର୍ଷ ଅପେକ୍ଷା ୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ କମ୍ ନାମ ଲେଖାଇଛନ୍ତି, ଯାହାକି ସିଧାସଳଖ ପାଖାପାଖି ୫ ପ୍ରତିଶତ ହ୍ରାସ ବୋଲି ଆକଳନ କରାଯାଇଛି। ସେହିପରି ବାଣିଜ୍ୟ ପାଠ୍ୟକ୍ରମରେ ମଧ୍ୟ ବିଦ୍ୟାର୍ଥୀଙ୍କ ସଂଖ୍ୟାରେ ଏକ ବଡ଼ ଧକ୍କା ଲାଗିଛି ଏବଂ ପ୍ରାୟ ୨.୩ ଲକ୍ଷ ନାମଲେଖା କମିଛି । ପାରମ୍ପରିକ ତଥା ମୌଳିକ ପାଠ୍ୟକ୍ରମ ପ୍ରତି ଭାରତୀୟ ଯୁବକମାନଙ୍କର ଏହି ଅନାଗ୍ରହ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆଜିର ପିଢ଼ି କେବଳ ଏକ ସାଧାରଣ ଡିଗ୍ରୀ ହାସଲ କରିବା ଅପେକ୍ଷା ବୃତ୍ତିଗତ କିମ୍ବା ବୈଷୟିକ ଶିକ୍ଷା ପ୍ରତି ଅଧିକ ଧ୍ୟାନ ଦେବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କୁ ଶିକ୍ଷା ଶେଷ ହେବା ମାତ୍ରେ ଶୀଘ୍ର ଚାକିରି ଯୋଗାଇବାରେ ସାହାଯ୍ୟ କରିବ । ଏହି ପରିବର୍ତ୍ତିତ ମାନସିକତାର ଏକ ଜ୍ୱଳନ୍ତ ଉଦାହରଣ ଉତ୍ତରପ୍ରଦେଶର ସାମ୍ପ୍ରତିକ ତଥ୍ୟରୁ ଖୁବ୍ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ । ଉତ୍ତରପ୍ରଦେଶରେ ସ୍ନାତକ ନାମଲେଖାରେ ତୀବ୍ର ହ୍ରାସ ଘଟିଥିବା ବେଳେ ଏକାସାଙ୍ଗରେ ଡିପ୍ଲୋମା ପାଠ୍ୟକ୍ରମରେ ପ୍ରାୟ ସମାନ ପରିମାଣର ଐତିହାସିକ ବୃଦ୍ଧି ଦେଖାଯାଇଛି, ଯାହାକି ଦେଶର ଅନ୍ୟ କୌଣସି ପ୍ରମୁଖ ରାଜ୍ୟରେ ଏତେ ମାତ୍ରାରେ ପରିଲକ୍ଷିତ ହୋଇନାହିଁ । ତଥ୍ୟ ଅନୁସାରେ ସେଠାରେ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ୧.୫୩ ଲକ୍ଷ କମିଥିବା ବେଳେ ତାହାର ବିପରୀତ ଦିଗରେ ସ୍ୱଳ୍ପକାଳୀନ ଡିପ୍ଲୋମା କୋର୍ସରେ ୧.୩୮ ଲକ୍ଷ ଅଧିକ ନାମଲେଖା ହୋଇଛି । ଏହି ତଥ୍ୟ ସୂଚାଉଛି ଯେ ପରିବାର ଉପରେ ପଡୁଥିବା ଅର୍ଥନୈତିକ ଚାପ, ମୁଦ୍ରାସ୍ଫୀତି ଏବଂ ବେକାରୀର ଆଶଙ୍କା ଯୋଗୁଁ ଛାତ୍ରମାନେ ତିନି କିମ୍ବା ଚାରି ବର୍ଷର ଦୀର୍ଘ ସ୍ନାତକ ପାଠ୍ୟକ୍ରମ ତୁଳନାରେ ଅଳ୍ପ ସମୟ ଏବଂ କମ୍ ଖର୍ଚ୍ଚରେ ଶେଷ ହେଉଥିବା ଡିପ୍ଲୋମା କୋର୍ସକୁ ନିଜର ଭବିଷ୍ୟତ ଭାବେ ଅଧିକ ପସନ୍ଦ କରୁଛନ୍ତି, ଯାହା ସେମାନଙ୍କୁ ସ୍ନାତକ ଡିଗ୍ରୀ ଅପେକ୍ଷା ଶୀଘ୍ର ଶିଳ୍ପ ଓ ନିଯୁକ୍ତି ବଜାରରେ ପ୍ରବେଶ କରିବାକୁ ଆବଶ୍ୟକ ସୁଯୋଗ ଦେଇପାରିବ ।

ଉଚ୍ଚଶିକ୍ଷା ସର୍ବେକ୍ଷଣ ରିପୋର୍ଟରୁ ସାମ୍ନାକୁ ଆସିଥିବା ଏହି ସମସ୍ତ ଆକଳନଗୁଡ଼ିକ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଯଦିଓ ଦେଶରେ ମହିଳାମାନଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢ଼ୁଛି ଏବଂ ସେମାନେ ଉନ୍ନତ ପ୍ରଦର୍ଶନ କରୁଛନ୍ତି, ତଥାପି ପୁରୁଷ ଛାତ୍ରମାନଙ୍କର ନାମଲେଖା ସାମଗ୍ରିକ ଭାବେ କମିବା ଏକ ବୃହତ୍ତର ଆର୍ଥିକ ଅସ୍ଥିରତା ଓ ନିଯୁକ୍ତିହୀନତାର ସଙ୍କେତ ହୋଇପାରେ । ସରକାର କେବଳ ମୋଟ ନାମଲେଖା ଅନୁପାତ ବା ଜିଇଆରର ସାମାନ୍ୟ ବୃଦ୍ଧିକୁ ଏକ ବିରାଟ ସଫଳତା ଭାବେ ଉପସ୍ଥାପନ କରି ଆତ୍ମସନ୍ତୋଷ ଲାଭ କରିବା ଆଦୌ ଉଚିତ୍ ନୁହେଁ । ଶିକ୍ଷା କ୍ଷେତ୍ରରେ କୌଣସି ନୂତନ ନୀତିର ସଫଳ ରୂପାୟନ ଏବଂ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତି ପାଇଁ ଠିକ୍ ସମୟରେ ନିର୍ଭୁଲ ତଥ୍ୟର ଉପଲବ୍ଧତା ସରକାରଙ୍କ ପାଇଁ ନିତାନ୍ତ ଆବଶ୍ୟକ ହୋଇଥାଏ । କିନ୍ତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟର ପ୍ରକାଶନରେ ବର୍ଷ ବର୍ଷ ଧରି ବିଳମ୍ବ କରିବା ଦ୍ୱାରା ନୀତି ନିର୍ଦ୍ଧାରଣ ପ୍ରକ୍ରିୟା ଗଭୀର ଭାବରେ ବାଧାପ୍ରାପ୍ତ ହୋଇଥାଏ ଏବଂ ମୂଳ ସମସ୍ୟାର ଯଥାର୍ଥ ତଥା ତ୍ୱରିତ ସମାଧାନ କଦାପି ହୋଇପାରେ ନାହିଁ । ସ୍ନାତକ ଶିକ୍ଷା ହେଉଛି ଏକ ବିକାଶଶୀଳ ଦେଶର ବୌଦ୍ଧିକ ଏବଂ ଅର୍ଥନୈତିକ ବିକାଶର ମୂଳଦୁଆ, ଯାହା ଭବିଷ୍ୟତର ନେତୃତ୍ୱ ଓ ଗବେଷକମାନଙ୍କୁ ସୃଷ୍ଟି କରିଥାଏ । କଳା, ବିଜ୍ଞାନ ଓ ବାଣିଜ୍ୟ ଭଳି ମୌଳିକ ତଥା ଜ୍ଞାନବର୍ଦ୍ଧକ ବିଷୟଗୁଡ଼ିକରେ ଛାତ୍ରମାନଙ୍କ ଏଭଳି କ୍ରମାଗତ ବିମୁଖତା ଆଗାମୀ ଦିନରେ ଦେଶର ବୌଦ୍ଧିକ ବିକାଶ, ନବସୃଜନ ଏବଂ ଉଚ୍ଚସ୍ତରୀୟ ଗବେଷଣା କ୍ଷେତ୍ରକୁ ଗଭୀର ଭାବରେ କ୍ଷତିଗ୍ରସ୍ତ କରିବାର ଆଶଙ୍କା ରହିଛି । ତେଣୁ ସରକାର ଅବିଳମ୍ବେ ଏହି ହ୍ରାସର ପ୍ରକୃତ ସାମାଜିକ ଓ ଆର୍ଥିକ କାରଣଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିଶେଷଜ୍ଞମାନଙ୍କ ସହାୟତାରେ ଏକ ବ୍ୟାପକ ଅନୁଧ୍ୟାନ କରିବା ଦରକାର । ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି)କୁ କାର୍ଯ୍ୟକାରୀ କରାଯାଉଥିବା ସମୟରେ ଏହିପରି ଏକ ଆହ୍ୱାନକୁ ଗମ୍ଭୀରତାର ସହ ନିଆଯିବା ଆବଶ୍ୟକ । ଦେଶର ଯୁବବର୍ଗ ପାଇଁ ଉଚ୍ଚଶିକ୍ଷାକୁ କିପରି ଅଧିକ ଗ୍ରହଣଯୋଗ୍ୟ, ଆର୍ଥିକ ଦୃଷ୍ଟିରୁ ସୁଲଭ ଏବଂ ସର୍ବୋପରି ରୋଜଗାରକ୍ଷମ କରାଯାଇପାରିବ, ସେ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଆନ୍ତରିକତାର ସହ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର କୋଠାବାଡ଼ି ନିର୍ମାଣ କରିଦେଲେ ବା ସରକାରୀ ଖାତାରେ କଲେଜ ସଂଖ୍ୟା ବୃଦ୍ଧି କରିଦେଲେ ଶିକ୍ଷା ସମସ୍ୟାର ସମାଧାନ ହେବନାହିଁ, ବରଂ ଶିକ୍ଷାକୁ ବାସ୍ତବିକ ଜୀବନର ସମସ୍ୟା ଏବଂ ନିଶ୍ଚିତ ଜୀବିକା ସହ ଯୋଡ଼ିବା ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି ।

# ଏମ୍ଏମ୍‌ଡ଼ିଆର୍ ସଂଶୋଧନ ଆଇନ-୨୦୨୬ : ବିକଶିତ ଭାରତ -ବିକଶିତ ଓଡ଼ିଶା ପାଇଁ ଏକ ମାଇଲ ଖୁଂଟ



**ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ**

ଓଡ଼ିଶାକୁ ପ୍ରକୃତିର ଏକ ଅମୂଲ୍ୟ ଉପହାର ଏହାର ଖଣିଜ ସମ୍ପଦ। ଅନେକ ରାଜ୍ୟରେ ଖଣିଜ ସମ୍ପଦ ନଥିବାବେଳେ ଓଡ଼ିଶାରେ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦର ଭଣ୍ଡାର ଅଛି । ସାରା ଦେଶ ପରି ଓଡ଼ିଶାର ଗୁରୁ ଖଣିଜ ସମ୍ପଦ, କେନ୍ଦ୍ର ସରକାରଙ୍କର ଅଧୀନରେ ଥିବାବେଳେ ଲଘୁ ଖଣିଜ ସମ୍ପଦ, ରାଜ୍ୟ ସରକାରଙ୍କର ଅଧୀନରେ ଅଛି । ଗୁରୁ ଖଣିଜ ସମ୍ପଦ, ଲୁହାପଥର, କ୍ରୋମାଇଟ୍, ବକ୍‌ସାଇଟ୍, ମାଙ୍ଗାନିଜ୍, କୋଇଲା ଆଦି ଖଣିଜ ସମ୍ପଦ ରାଜ୍ୟକୁ ଦେଶର ଖଣିଜ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଦେଇଛି । ଏହି ସମ୍ପଦକୁ ନେଇ ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ, ନିର୍ମାଣ ଓ ଅନେକ ଶିଳ୍ପ ରାଜ୍ୟରେ ଗଢ଼ିଉଠିଛି । ଏହା ସହିତ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି ।

କିନ୍ତୁ ଏତେ ସବୁ ଥାଇ ବି ବିକାଶରେ ବାଧକର କାରଣ ହେଲା, ପୂର୍ବର କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ତଥା ବିଜେଡି ସରକାର, ଖଣିଜ ସମ୍ପଦର ଉତ୍ପାଦନ ଓ ଏହାର ସୁରକ୍ଷା ଠିକ ଢଙ୍ଗରେ କରିପାରିନଥିଲେ । ପୂର୍ବରୁ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଓଡ଼ିଶାରେ ପ୍ରଚୁର ଗୁରୁ ଖଣିଜ ସମ୍ପଦ ଚୋରି ହୋଇଥିଲା ଯାହାକୁ ଜଷ୍ଟିସ ଶାହା କମିଶନ ଆନୁମାନିକ ୬୦,୦୦୦ କୋଟି ବୋଲି ଆକଳନ କରିଥିଲେ । ଏହା ସେ କେବଳ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ନେଇ କେତେକ ଜିଲ୍ଲାରେ ଅନୁଧ୍ୟାନ କରି ଆକଳନ କରିଥିଲେ । ଯଦି ସେ ସମସ୍ତ ଖଣିଜ ସମ୍ପଦ ଚୋରିର ଯାଂଚ କରିଥାନ୍ତେ ଓ ସବୁ ଜିଲ୍ଲା ବୁଲିଥାନ୍ତେ ତେବେ ଚୋରି ମୂଲ୍ୟ ୧ ଲକ୍ଷ କୋଟି ଛୁଇଁଥାନ୍ତା । କିନ୍ତୁ କଂଗ୍ରେସ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିନଥିଲେ। ଏହା ସହିତ ତତ୍କାଳୀନ ରାଜ୍ୟ ସରକାର ଯଦି ଲଘୁ ଖଣିଜ ସମ୍ପଦର ଭିଜିଲାନ୍ସ ଯାଂଚ କରିଥାନ୍ତେ ତେବେ ସେଥିରୁ ଚୋରି ଯୋଗୁ ଆଉ ୫୦,୦୦୦ କୋଟି ରାଜ୍ୟ ରାଜକୋଷରୁ କ୍ଷତି ହୋଇଥିବା ଜଣାପଡିଥାନ୍ତା ।

ଏହା ବ୍ୟତୀତ ଏମ୍ଏମ୍‌ଡ଼ିଆର୍ ଆକ୍ଟ (ମାଇନ୍ସ ମିନେରାଲ ଡେଭଲପମେଂଟ ଆଣ୍ଡ ରେଗୁଲେସନ ଆକ୍ଟ ବା ଖଣି ଏବଂ ଖଣିଜ ପଦାର୍ଥ ବିକାଶ ଏବଂ ନିୟନ୍ତ୍ରଣ ଆଇନ), ୧୯୫୭କୁ ତତ୍କାଳୀନ କଂଗ୍ରେସ ସରକାର ଏପରି ବ୍ୟବହାର କରିଥିଲେ ଯେ ଖଣି ଲିଜ୍‌ରେ କୌଣସି ସ୍ୱଚ୍ଛତା ନଥିଲା ଓ ଯିଏ ଆଗରୁ ଆବେଦନ କଲା ସିଏ ଶାଗ ମାଛ ଦରରେ ଖଣି ଲିଜ୍ ନେଇ ଯାଉଥିଲା।

୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଆସିବା ପରେ ଏମ୍ଏମ୍‌ଡ଼ିଆର୍ ଆକ୍ଟର ୨୦୧୫ ରେ ସଂଶୋଧନ ଅଣାଯାଇ ଏହାକୁ ଅଧିକ ସ୍ୱଚ୍ଛ କରାଗଲା ଓ ଖଣିଜ ସମ୍ପଦ ଥିବା ରାଜ୍ୟମାନେ କିପରି ଅଧିକ ରାଜସ୍ୱ ପାଇବେ ସେଥିପାଇଁ ବ୍ୟବସ୍ଥା କରାଗଲା। ଏହା ସହିତ ଦେଶର ମାଇନିଂ ସେକ୍ଟର ବିଶ୍ୱ ମାଇନିଂ ବଜାରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖି ହୋଇପାରିଲା ଓ କଂଚାମାଲର ଦରଦାମ୍, କେନ୍ଦ୍ର ସରକାର ସ୍ଥିର ରଖି ଦେଶରେ ଖଣିଜଭିତିକ ଶିଳ୍ପର ବିକାଶକୁ ବଳ ଦେଲେ । ଏଥିଯୋଗୁ ଷ୍ଟିଲ, ସିମେଂଟ୍, ବିଦ୍ୟୁତ ଆଦି ଉତ୍ପାଦନର ବଜାର ଦର ନିୟନ୍ତ୍ରଣରେ ରହିବା ସହିତ ଦେଶ ବିଦେଶରେ ଅନେକ କମ୍ପାନୀ ଭାରତରେ ଖଣିଜଭିତିକ ଶିଳ୍ପରେ ଭାଗନେବାକୁ ଅଗ୍ରସର ହେଲେ। ଏବେ ଦେଶରେ ଖଣି ଶିଳ୍ପର ନିରନ୍ତର ବିକାଶ ଓ ଏହାର ଭାଲ୍ୟୁ-ଆଡିସନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିବା ପାଇଁ ଓ ବିକଶିତ ଭାରତ-୨୦୪୭ ଭିଜନରେ ଖଣିଜ ଶିଳ୍ପ ଭାଗୀଦାରୀକୁ ବଢାଇବା ପାଇଁ କେନ୍ଦ୍ର ସରକାର ଏମ୍ଏମ୍‌ଡ଼ିଆର୍ ଆକ୍ଟ - ୧୯୫୭ରେ ସଂଶୋଧନ ଆଣିଛନ୍ତି ଯାହା ଦେଶର ଖଣିଜ ଶିଳ୍ପକୁ ଆଗକୁ ବଢାଇବା ସହିତ ରାଜ୍ୟମାନଙ୍କର ଆର୍ଥିକ ଲାଭକୁ ସୁରକ୍ଷିତ ରଖିବ । କିନ୍ତୁ ବିଜେଡି ଓ କଂଗ୍ରେସ ଏହି ସଂଶୋଧନକୁ ଲୋକଙ୍କ ପାଖରେ ଭୁଲ ଭାବେ ଉପସ୍ଥାପନ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଅଗଷ୍ଟ ୨୦୨୬ରେ ସଂସଦର ଉଭୟ ସଦନରେ ପାରିତ ହୋଇଥିବା ଏମ୍ଏମ୍‌ଡ଼ିଆର୍ ସଂଶୋଧିତ ଆଇନର ମୂଳ ଲକ୍ଷ୍ୟ ହେଉଛି ଗୁରୁ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନୀତିଗତ ନିଶ୍ଚିତତା ବ୍ୟବସ୍ଥା ସୃଷ୍ଟି କରି ନିବେଶ ଓ ଉତ୍ପାଦନକୁ ଗତି ଦେବା । ଏମ୍ଏମ୍‌ଡ଼ିଆର୍ ଆଇନର ସଂଶୋଧନ କାହିଁକି ହେଲା ତାହା ଲୋକେ ଜାଣିବା ଦରକାର । ବିରୋଧୀ ଦଳମାନେ ଏହା ଜାଣିଥିଲେ ବି ରଣନୀତି ଓ ଦଳୀୟ ସ୍ୱାର୍ଥ ପାଇଁ ଲୋକଙ୍କୁ ଭୁଲ୍ ତଥ୍ୟ ଦେବା ଦେଖାଯାଉଛି ।

ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆଜି ବିଶ୍ୱ, ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା କରୁଛି। ଇସ୍ପାତ, ସିମେଂଟ୍, ବିଦ୍ୟୁତ୍, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ। ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଂଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ। ଭାରତରେ ଖଣି ଏବଂ ଖଣିଜ ପଦାର୍ଥ ଏମ୍ଏମ୍‌ଡ଼ିଆର୍ ଆଇନ, ୧୯୫୭ ଅଧୀନରେ ନିୟନ୍ତ୍ରିତ । ସଂଶୋଧନ ଆଇନ, ୨୦୨୬, ଏହି କ୍ଷେତ୍ର ପାଇଁ ଏକ ସମାନ ଏବଂ ସନ୍ତୁଳିତ ଆର୍ଥିକ ଢାଂଚା ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଛି । ଖଣିଜ ସମ୍ପଦ କିଛି ରାଜ୍ୟରେ ରହିଛି କିନ୍ତୁ ଏହା ସମଗ୍ର ଜାତୀୟ ଅର୍ଥନୀତିକୁ ସାହାଯ୍ୟ କରେ, ଯାହା ଏହାର 'କର'କୁ ଜାତୀୟ ଗୁରୁତ୍ୱ ଦେଇଥାଏ । ଅନିୟନ୍ତ୍ରିତ ବ୍ୟବସ୍ଥା ଏବଂ ଭିନ୍ନ ରାଜ୍ୟର ଟିକସ ଢାଂଚା, ଖଣିର କାର୍ଯ୍ୟ କ୍ଷମତାକୁ କ୍ରମାଗତ ଭାବରେ ନଷ୍ଟ କରେ ଓ ଶିଳ୍ପ ଏବଂ ପରିବାରରେ ଉତ୍ପାଦିତ ଦ୍ରବ୍ୟର ଖର୍ଚ୍ଚ ବୃଦ୍ଧି କରେ । କିନ୍ତୁ ସଂଶୋଧିତ ଆଇନ, ୨୦୨୬ ଖଣିଜ ଦ୍ରବ୍ୟର 'କର'ରେ ସମାନତା ଏବଂ ଯୁକ୍ତିଯୁକ୍ତତା ଆଣିବାକୁ ଚେଷ୍ଟା କରୁଛି। ରାଜ୍ୟଗୁଡ଼ିକ ବର୍ତ୍ତମାନ ଖଣି ଉପରେ ପ୍ରାୟ ୧୪ ପ୍ରକାର କର, ଶୁଳ୍କ ଆଦି ଲାଗୁ କରନ୍ତି। ଏଥିରେ ରୟାଲ୍‌ଟି, ନିଲାମ ପ୍ରିମିୟମ୍, ଡ଼ିଏମ୍ଏଫ୍ ଦେୟ, ଜିଏସ୍‌ଟି ଏବଂ ପରିବହନ ଶୁଳ୍କ ଆଦି ଅନ୍ତର୍ଭୁକ୍ତ । କିଛି ରାଜ୍ୟ ଖଣିଜ ପଦାର୍ଥ ଥିବା ଜମି ଉପରେ ଅତିରିକ୍ତ ଭାବରେ କର ଲଗାଇବା ଆରମ୍ଭ କରିଛନ୍ତି, ଯାହା ୨୦ ପ୍ରତିଶତ ପରି ଉଚ୍ଚ ହାରକୁ ଛୁଇଁଛି । ଏହା ଏକ କ୍ରମାଗତ ଏବଂ ଖୋଲା ଓ ଅନିଶ୍ଚିତ ଟିକସ ବୋଝ ସୃଷ୍ଟି କରେ । ଗ୍ରାଫାଇଟ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ୟୁରାନିୟମ୍ ପରି ପରମାଣୁ ଖଣିଜ ପଦାର୍ଥ ଉପରେ ମଧ୍ୟ ଏହି କର ବୋଝ ସୃଷ୍ଟି କରେ ଯାହା ଏହି ରଣନୈତିକ ଖଣିଜ ପଦାର୍ଥର ନିଷ୍କାସନକୁ ଅବ୍ୟବସ୍ଥିତ କରେ । ରାଜ୍ୟ ରାଜ୍ୟ ମଧ୍ୟରେ ଭିନ୍ନ 'କର' ହାର ଉତ୍ପାଦନରେ ଅସମାନତା ସୃଷ୍ଟି କରେ । ରଣନୈତିକ ଖଣିଜ ପ୍ରକଳ୍ପଗୁଡ଼ିକୁ ବାଣିଜ୍ୟିକ ଭାବରେ କାର୍ଯ୍ୟକ୍ଷମ ରଖିବା ପାଇଁ ଟିକସର ଯୁକ୍ତିଯୁକ୍ତକରଣ ଆବଶ୍ୟକ। ଯେତେବେଳେ ଅଧିକ ଟିକସ ବୋଝ ହୁଏ, ସେତେବେଳେ ଭାରତୀୟ ଖଣିଜ ପଦାର୍ଥ ଅପେକ୍ଷା ବିଦେଶରୁ କଂଚାମାଲ ଆମଦାନୀ କରିବା ଅଧିକ ଲାଭବାନ ହୁଏ। ଏଥିଯୋଗୁ ଦେଶର ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ଓ କମ୍ପାନୀମାନେ ବିଦେଶରୁ କଂଚାମାଲ ଆମଦାନୀ କରନ୍ତି । ଏଥିଯୋଗୁ ଆମର ଖଣିଜ ସମ୍ପଦ ଥାଇବି ୨୦୨୫ -୨୬ ଆର୍ଥିକ ବର୍ଷରେ ୧୦,୧୨,୫୨୯ କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶରୁ ଆମଦାନୀ ହୋଇଥିଲା। ଖଣିଜ କ୍ଷେତ୍ରରେ "ଆତ୍ମନିର୍ଭରତା" ଲକ୍ଷ୍ୟ ପାଇଁ ଏହି ଖର୍ଚ୍ଚ ବୃଦ୍ଧିକୁ ରୋକିବା ଅତ୍ୟନ୍ତ ଜରୁରି।

ସେହିପରି, ଖଣିଜ ଉପରେ ଟିକସ ସିଧାସଳଖ ଖଣିଜ ମୂଲ୍ୟରେ ଯୋଡାଯାଏ। ଏଥିଯୋଗୁ ଇସ୍ପାତ, ସିମେଂଟ୍, ବିଦ୍ୟୁତ୍ ଏବଂ ନିର୍ମାଣରେ ଦରଦାମ୍ ବଢେ । ସାଧାରଣ ପରିବାର, ଗୃହ, ବିଦ୍ୟୁତ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅଧିକ ଦେୟ ଦିଅନ୍ତି । ଯଦି ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ତେବେ ଖଣି ବନ୍ଦ ହୁଏ ଓ କୋଟି କୋଟି ଶ୍ରମିକ ନିଯୁକ୍ତି ହରାନ୍ତି। ଅନ୍ୟପଟେ ନିବେଶକମାନେ କେବଳ ସେହି ସ୍ଥାନରେ ଖଣି ପାଇଁ ପୁଞ୍ଜି ଲଗାନ୍ତି ଯେଉଁଠାରେ 'ଟିକସ' ସ୍ଥିର ଥାଏ। ହଠାତ୍ ଟିକସରେ ପରିବର୍ତ୍ତନ ସାଧାରଣ ଜନତାଙ୍କୁ ନିରୁତ୍ସାହିତ କରେ ।

ଏହିସବୁ କାରଣରୁ ଆଇନରେ ସଂଶୋଧନ ହୋଇଛି । ରାଜ୍ୟମାନେ ପୂର୍ବଭଳି ରୟାଲିଟି, ଡ଼ିଏମ୍ଏଫ୍ ଅନୁଦାନ ଓ ଅନ୍ୟାନ୍ୟ ଟିକସ ପାଇବାବେଳେ କେବଳ ଖଣିଜ ପଦାର୍ଥ ବା ଜମି ଉପରେ ବିନା କେନ୍ଦ୍ର ଅନୁମୋଦନରେ ନୂତନ କର ଆଦାୟ କରିପାରିବେ ନାହିଁ ଓ ପଛୁଆ ତାରିଖରୁ ଟିକସ ଆଦାୟ କରିପାରିବେ ନାହିଁ। କିନ୍ତୁ ଯାହା ଆଦାୟ କରାଯାଇଛି ତାକୁ ଆଉ ଫେରାଇବା ଆବଶ୍ୟକ ନାହିଁ ।

ଆଇନର ପ୍ରମୁଖ ବ୍ୟବସ୍ଥା ଏମ୍ଏମ୍‌ଡ଼ିଆର୍ ଆଇନ, ୧୯୫୭ରେ ନୂତନ ଧାରା ୯-ଡି ଯୋଡିହୋଇଛି । ଏହା ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିଜ କିମ୍ବା ଖଣିଜ ପଦାର୍ଥ ଥିବା ଜମି ଉପରେ କୌଣସି ଟିକସ, ସେସ୍ କିମ୍ବା ଅନ୍ୟ କୌଣସି ଟିକସ ଲାଗୁ କରାଯିବ ନାହିଁ। ଏପରି ଟିକସ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ କିମ୍ବା ପ୍ରତିବନ୍ଧକ ଅନୁଯାୟୀ ଲାଗୁ କରାଯାଇପାରେ। ଦ୍ୱିତୀୟରେ ସଂଶୋଧନ ଲାଗୁହେବା ପୂର୍ବରୁ ରାଜ୍ୟଦ୍ୱାରା ସଂଗ୍ରହ କରାଯାଇନଥିବା ଯେକୌଣସି ଟିକସକୁ ଅବୈଧ ବୋଲି ବିବେଚନା କରାଯିବ କିନ୍ତୁ ପୂର୍ବରୁ ଜମା କିମ୍ବା ଆଦାୟ କରାଯାଇଥିବା ପରିମାଣ ଫେରସ୍ତ କରାଯିବ ନାହିଁ। ତୃତୀୟରେ କେନ୍ଦ୍ର ସରକାରଙ୍କୁ ନିୟମ ପ୍ରଣୟନ କରିବାକୁ କ୍ଷମତା ଦେବା ପାଇଁ ଏମ୍ଏମ୍‌ଡ଼ିଆର୍ ଆଇନର ଧାରା -୧୩ ସଂଶୋଧନ କରାଯାଇଛି ।

ଏହି ସଂଶୋଧନ ଫଳରେ ରାଜ୍ୟର ରାଜସ୍ୱ ଏବଂ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏକ ସ୍ୱଚ୍ଛ, ନିଲାମ-ଆଧାରିତ ବ୍ୟବସ୍ଥା ଅଧୀନରେ ୨୦୧୫ ପରଠାରୁ ରାଜ୍ୟଗୁଡ଼ିକୁ ସଂଗୃହୀତ ଖଣିଜ ରାଜସ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଆଇନର ସଂଶୋଧନ ଏହି ସ୍ଥିତିକୁ ପରିବର୍ତ୍ତନ କରିବ ନାହିଁ। ଯାହାଫଳରେ ରାଜ୍ୟଗୁଡ଼ିକ ଖଣି ରାଜସ୍ୱର ଅତ୍ୟଧିକ ଅଂଶ ପାଇବା ଜାରି ରଖିବେ । ୨୦୧୪ ପୂର୍ବରୁ, ଏହି କ୍ଷେତ୍ରକୁ ଇଚ୍ଛାଧୀନ ଏବଂ ଅଣ-ସ୍ୱଚ୍ଛ ଅନୁଦାନ ଏବଂ ରିହାତିର ନବୀକରଣ ଦ୍ୱାରା ଚିହ୍ନିତ କରାଯାଇଥିଲା। ମାମଲା ବାରମ୍ବାର କୋର୍ଟକୁ ଯାଉଥିଲା, ଉତ୍ପାଦନ କମ୍ ଥିଲା ଏବଂ ରାଜ୍ୟର ରାଜସ୍ୱ କମ୍ ରହିଥିଲା। କିନ୍ତୁ ୨୦୧୫ର ସଂଶୋଧନ ପରେ, ଖଣିଜ ଉତ୍ପାଦନରୁ ରାଜ୍ୟଗୁଡ଼ିକୁ ୩୫୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ କୋଇଲା ସମେତ ଅନ୍ୟ କ୍ଷେତ୍ରରୁ ରାଜ୍ୟମାନେ ୭ ଲକ୍ଷ କୋଟିରୁ ଅଧିକ ରାଜସ୍ୱ ପାଇଛନ୍ତି ।

ଖଣି କ୍ଷେତ୍ର ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ବର୍ତ୍ତମାନ ରାଜ୍ୟଗୁଡ଼ିକୁ ଯାଉଛି । ମୋଟ ଖଣିଜ ରାଜସ୍ୱ, କୋଇଲା ଏବଂ ଅଣ-କୋଇଲାରେ ସେମାନଙ୍କର ଅଂଶ ଏକ ଦଶନ୍ଧିରେ ପ୍ରାୟ ୨୮ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୫-୨୬ରେ ପ୍ରାୟ ୧,୧୪,୫୪୯.୨୮ କୋଟିରେ ପହଁଚିଛି । କୋଇଲା କ୍ଷେତ୍ର ଏହି ପରିବର୍ତ୍ତନକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ରାଜ୍ୟଗୁଡ଼ିକ ୨୦୧୪-୧୫ରେ ୧୧,୯୪୭.୯୭ କୋଟି ପାଇଥିଲେ, ଯାହା ୨୦୨୫-୨୬ରେ ବୃଦ୍ଧି ପାଇ ୩୨,୧୮୩.୦୯ କୋଟିରେ ପହଁଚିଛି । କେନ୍ଦ୍ରର ଅଂଶ ସେହି ସମୟ ମଧ୍ୟରେ ୯,୫୩୪.୨୪ କୋଟିରୁ ହ୍ରାସ ପାଇ ୩,୭୭୧.୮୨ କୋଟିକୁ ପହଁଚିଛି ଅର୍ଥାତ୍ ୨୨.୯୭ ପ୍ରତିଶତରୁ ୧୦.୫ ପ୍ରତିଶତକୁ କମିଛି । ଏହା ଦର୍ଶାଉଛି ଯେ କେନ୍ଦ୍ର କମ୍ ଅର୍ଥ ନେବା ବେଳେ ରାଜ୍ୟମାନେ ଟିକସର ଅଗ୍ରଭାଗ ନେଉଛନ୍ତି। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଆସାମର ଯନ୍ତ୍ରଣାରେ ଭିଜେ ଆଖି



**ପ୍ରଦୀପ ମହାନ୍ତ**



ଚାଲିଗଲା ଏବେ ଆସାମର ସେହି ସ୍ଥିତି ପରି ଲାଗୁଛି ! ଓଡ଼ିଶାର ସେହି ମହାବାତ୍ୟା କଥା ଶୁଣିଥିଲି ଆଉ ପଢ଼ିଥିଲି କିନ୍ତୁ ଏବେ ଯେପରି ଲାଗୁଛି ଆଖି ଆଗରେ ଆସାମକୁ ନେଇ ସେୟା ଦେଖୁଛି କେବେ ସେ ୧୯୯୯ ଆଉ ଏବେ ୨୦୨୬ ! ଶୁଣେ ତୋ ଆସାମରେ ଲାଗିରହେ ବାତ୍ୟା କିନ୍ତୁ ପ୍ରଥମ ଥର ଲୁମ ଟାଙ୍କୁରି ଉଠିଛି ! ୨୭ ବର୍ଷ ପରେ ଲାଗୁଛି ପୁଣି ଥରେ ଭୟଙ୍କର ବାତ୍ୟାର ତାଣ୍ଡବ ଚାଲୁଛି ! କେତେ ବାତ୍ୟା ଆସି ତୋ ଚାଲିଗଲା ୨୭ ବର୍ଷ ଭିତର କିନ୍ତୁ ଏହି ଅଦିଆଁ ମେଘ ବାତ୍ୟାରେ ପରିଣତି ହୋଇ ଆସାମକୁ ଶୁଣି ନେଲା !

କିଏ ବାପାଙ୍କୁ ଆଖି ଆଗରେ ହରାଉ ଥାଏ...

କିଏ ମାଁକୁ ଅଗାଦ ଜଳ ସ୍ରୋତରେ ଭାସି ଯିବାର ଦେଖୁଥାଏ...

କିଏ ଛୁଆକୁ ଅଖିଆ ଅପୀଆ ଦେଖି କାନ୍ଦୁ ଥାଏ...

କିଏ ଭାଇର ଜୀବନ ଚାହିଁବି ବଞ୍ଚାଇ ପରୁନ ଥାଏ...

କିଏ ପାଳିତ ପଶୁ, ପକ୍ଷୀନଙ୍କୁ ହରାଇ ମରୁଥାଏ...

କିଏ ନିଜର ଝାଳ ବୁହା ଧନ ଭାସି ଯିବାର ଦେଖି ଶବ ସାଜି ଯାଉଥାଏ !

ପୁଣି...

ବର୍ଷା ଝଡରେ ଗଛ ତଳେ ଆମ୍ବ ପଡ଼ିଥିବା ପରି ଜାଗା ଜାଗାରେ ମଲା ମଡ଼ ଛାଇ ଯାଇ ପଡ଼ି ଯାଇଥାଏ' ଲାଗେ ଯେପରି ମଲା ଶରୀରର ସମୁଦ୍ର ଇଏ ! ଜୀବନର ଦୁ-ଛକିରେ ଯେପରି ଆସାମୀୟ ବନ୍ଧୁ' କାନ୍ଦି ହାତ ଠାରି ଡାକୁଥାଏ ! ଯନ୍ତ୍ରଣାରେ କଲମ ତୋ ଆସାମର ଦୁଃଖକୁ ଦେଖି ଲେଖି ଶାନ୍ତ ହୋଇଯାଏ... ! କିନ୍ତୁ'... ପ୍ରାଣ ରହି ରହିକା ଚାଲୁଥାଏ ! କେତେବେଳେ କଲମ ଅଟକି ପୁଣି କାଗଜକୁ ଲୁହରେ ଭିଜାଇବାକୁ ବାଧ କରାଇ ଦିଏ ! ପୁଣି ବେଳେ ବାପା ମରି ମରି ଛୁଆକୁ ବଞ୍ଚାଇବାର ଦେଖି ଲୁହରେ ଆଖି ଲାଲ୍ ପଡ଼ିଯାଏ ! ଜଙ୍ଗଲି ପଶୁ, ପକ୍ଷୀ କଥା' କି? ବା ଲେଖିବି.. ତାଙ୍କ କଷ୍ଟରେ ତୋ ଯେପରି କୌଣସି ସୀମା ହିଁ ନ' ଥାଏ ! ମଣିଷ ତୋ କେଉଁଠି ମୁଣ୍ଡ ଗୁଞ୍ଜି ବଞ୍ଚିବାକୁ ପ୍ରୟାସ କରେ... ! କିନ୍ତୁ ଅକୁହା ନିରୀହ ଜୀବ ଜନ୍ତୁ ଯେପରି ବଞ୍ଚିବାର ଅସାବି ଛାଡ଼ି ଦେଇ ଥାଏ ! ମଣିଷ ତୋ ରିଲିଫ ନାମକ ସରକାରୀ ବ୍ୟବସ୍ଥା ଟିକକ ପାଇ ଯାଏ... କିନ୍ତୁ ଅଗଣନ୍ତି ଜୀବନ ଭୋକ ଉପାସରେ ମରୁଥାଏ !

କାହିଁକି ? କାହିଁକି ଯେ! ଏତେ ପ୍ରତାରଣା କାହିଁକି ଯେ? ପୁଣି ଏତେ ଦୁଃଖଦ ସ୍ଥିତି ! ମନ ବ୍ୟାକୁଳ ହୋଇ ଉଠୁଛି' ରାତି ଦୁଇ ପହରରେ ଆଖି ଖୋଲି ଗଲେବି ଯେପରି ଆଖି ସାମ୍ନାରେ ଦୁର୍ଘଟଣା ଘଟି ଯାଉଛି ! ଆଉ ମୁଁ ଯେପରି ତାହା ଦେଖି ମଧ୍ୟ କିଛି କରି ପାରୁନାହିଁ ! ମନ ଡହଳ ବିକଳ ହୋଇ ଉଠେ ! ଯେପରି କେହି ନିଜ ଲୋକ ମୋତେ ଡାକୁଛି ଆଓ...


ମୋତେ ପଞ୍ଚାଅ... !

ଲୁହ ଖୋସି ଖୋସି ଯାଉଛି.. ହାତ ରହି ରହି ଚାଲୁଛି !

କାହିଁକି ଯେ?

କାହିଁକି ଏତେ କଷ୍ଟ ଦୁନିଆଁ ଦେଖୁଛି !

+ସୁକିନ୍ଦା, ଯାଜପୁର
ମୋ: ୮୨୬୦୫୪୨୬୧୦




## ଶିକ୍ଷକ

**ଦୀନବନ୍ଧୁ ପୋଇ**

ଶିକ୍ଷକ ଅଟଇ ଦେଶ ଭବିଷ୍ୟତ
ସବୁଥିର ସିଏ ମୂଳ
ତିଆରି କରନ୍ତି ତାଙ୍କରି ହାତରେ
କେତେ ବୃତ୍ତିଧାରୀ ଦଳ ।
ଏମିତି ରହିଛି ତାଙ୍କର ସେ ଗୁଣ
ଦେଖିଲେ ଯେ କେହି ନର
ମଥାଟି ତାହାର ଆପେ ନଇଁଯିବ
ଭାବି ବ୍ରହ୍ମା ମହେଶ୍ୱର ।
ବ୍ରହ୍ମା ପରି ସିଏ ସୃଷ୍ଟି କରିଥାନ୍ତି
ନାନାଗୁଣ ଧାରୀ ଶିଷ୍ୟ
ସଂହାର କରନ୍ତି ଅସୁର ପ୍ରକୃତି
ଥିଲେ ଶିଷ୍ୟର ଅବଶ୍ୟ ।
କହିବା ଚାଲିବା ବେଶ ପୋଷାକରେ
ଥାଏ ତାଙ୍କ ଶାଳୀନତା
ଚରିତ୍ର ଚଳଣି ବ୍ୟବହାର ପରେ
ଦିଶେ ନାହିଁ ମଳିନତା ।
ଶୋଷଣ ପୋଷଣ ମୁଁ କାର କଷଣ
ନ ଥାଏ ଏଇ ଲକ୍ଷଣ
ଧୈର୍ଯ୍ୟ ରଖି ସିଏ କରଇ ତା କାମ
ବୃଥା ନଦିଏ ଭାଷଣ ।
ସମୟ କର୍ତ୍ତବ୍ୟ ଏଦୁଇ ଶବଦ
ବୁଝିଥାଏ ମୂଲ୍ୟବାନ
ଦୂରେଇ ରହେ ସେ ଅହଙ୍କାରୀ ଠାରୁ
ଅଛି ତାର ସ୍ୱାଭିମାନ ।
ନେବା ପାଇଁ ସିଏ କାହାରି ଦରବ
ଆଗ୍ରହ କେବେ କରେନି
ତ୍ୟାଗଗୁଣ ତାର ଜନ୍ମରୁ ଶପଥ
ଏଥିରେ ସିଏ ଡ଼ରେନି ।
ଦିଅ ସନମାନ ଆହେ ସୂରି ଜନ
ନକରି ତାଙ୍କର ନିନ୍ଦା
ଦେଶ ବିକଶିତ ହୋଇବ ନିଶ୍ଚୟ
କରି ଚାଲ ନିଜ ଧନ୍ଦା ।
ନଥିଲେ ଏ ଗୁଣ କହନ୍ତି ଯେ ଜନ
ଶିକ୍ଷକରେ ନୁହେଁ ଗଣା
ବେଶ ପରିଧାନ ଦାମିକା ହେଇଲେ
ନିଷ୍ଟେ ହେବ ଦିନେ ବଣା ।

ଗୋରଡ଼ା ପାଳ, କରମୁଳ
ଢେଙ୍କାନାଳ,
ମୋ: ୯୯୩୮୮୦୨୪୧୨

## ଜୀବନ :ଏକ ଅଧୁରା କବିତା

**ବସନ୍ତ କୁମାର ପ୍ରଧାନ**

ଜୀବନଟା ଏକ ଅଧୁରା କବିତା
କରିହୁଏ ନାହିଁ ଶେଷ
ଅଧୁରା ରହଇ ଜୀବନର ସ୍ୱପ୍ନ
ହୋଇଲେ ଶେଷ ଆୟୁଷ ।
ଜୀବନ ବୀଣାରୁ ଛିଣ୍ଡିଯାଏ ତାର
ବେସୁରା ହୁଏ ରାଗିଣୀ
ସାତ ସୁରେ ବନ୍ଧା ଏହି ଜୀବନରୁ
ଆସେ ନୈରାଶ୍ୟର ଧ୍ୱନି ।
ଜୀବନର ଜୟ ଯାତ୍ରା ହିଁ ଆରମ୍ଭ
ଜନମରୁ ମୃତ୍ୟୁ ଯାଏଁ
ସଂସାର ଜଞ୍ଜାଳ ମାୟା ମୋହେ ପଡ଼ି
ପରାଜୟ ଲଭିଥାଏ ।
ମଣି ହରା ଫଣୀ ପରି ଏ ଜୀବନ
ହରାଇ ଶାନ୍ତି ରତନ
ପାର୍ଥିବ ପ୍ରୀତିରେ ମତୁଆଲା ହୋଇ
ଭୋଗଇ ଦୁଃଖ କଷଣ ।
ଜୀବନର ଲକ୍ଷ୍ୟ ନହୁଏ ପୂରଣ
ନର ହୁଏ ବାଟ ବଣା
ସ୍ୱର ଲୟ ତାଳ ସମନ୍ୱୟ ଦୂର
ଭୋଗଇ ମୃତ୍ୟୁ ଯନ୍ତ୍ରଣା ।
ଗାଇବାକୁ ଯାଇ ଗାଇ ନପାରିଲେ
ନିଜ ଜୀବନ ସଂଗୀତ
ଅଧୁରା ଜୀବନ ଅଧୁରା ସପନ
ପ୍ରାଣ କରେ ମର୍ମାହତ ।
ଜୀବନଟା ଏକ ଅଧୁରା କବିତା
ଭୁଲିଗଲେ ବାସ୍ତବତା
ଅଳୀକ ଅସାର ସଂସାର ବେଭାର
ଲଭେନା କେବେ ପୂର୍ଣ୍ଣତା ।
ଝଝଝଝଝଝଝଝଝଝଝଝଝଝଝଝଝଝଝ

ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

# ଆଜିର ବ୍ୟସ୍ତ ତଥା ସଫଳ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ

ବର୍ତ୍ତମାନ ସୁଧାଂଶୁ ମୋହନ ସାହୁ ଓଡିଆ ଚଳଚ୍ଚିତ୍ର ଜଗତର ଜଣେ ବ୍ୟସ୍ତ ତଥା ଆଗ ଧାଡିର ନିର୍ଦ୍ଦେଶକ। ପ୍ରାୟ ୧୦ ବର୍ଷ ଶିଶିର ମିଶ୍ର, ମହସୀନ, ବିଜୟ ଭାସ୍କର, ସଂଗ୍ରାମ ବିଶ୍ୱାଳ ପ୍ରଭୃତି ନିର୍ଦ୍ଦେଶକଙ୍କ ଅଧିନରେ ସହ ନିର୍ଦ୍ଦେଶକ ଭାବେ କାମ କରିବା ପରେ ପ୍ରଥମେ ସୁବ୍ରତ ସାମନ୍ତରାୟଙ୍କ କିଏ ପୋଛିବ ମା'ଆଖିର ଲୁହ ଚିତ୍ରରେ ନିର୍ଦ୍ଦେଶନା ଦେଇ ଓଡିଆ ଚଳଚ୍ଚିତ୍ର ଜଗତରେ ପାଦ ଦିଅନ୍ତି। କିଏ ପୋଛିବ ମା'ଆଖିର ଲୁହ ଚିତ୍ରରୁ ଗଣ୍ଡ ଭୈରବ ଚିତ୍ର ପର୍ଯ୍ୟନ୍ତ ୩୩ଟି ଚିତ୍ରରେ ନିର୍ଦ୍ଦେଶନା ଦେଇ ସେ ଓଡିଆ ଚଳଚ୍ଚିତ୍ର ଜଗତରେ ସର୍ବାଧିକ ଚିତ୍ରରେ ନିର୍ଦ୍ଦେଶନା ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ଆଜି ତାଙ୍କ ନିର୍ଦ୍ଦେଶିତ ୩୫ ତମ ଚିତ୍ର ଦଣ୍ଡକାଳୀ ମୁକ୍ତିଲାଭ କରୁଛି। ଏହା ପୁର୍ବରୁ ନିର୍ଦ୍ଦେଶକ ସଞ୍ଜୟ ନାୟକ ରହିଛି ରହିବି ତୋ'ରି ପାଇଁ ଚିତ୍ରରୁ ଆଉ ଗୋଟେ ଲଭ୍ ଷ୍ଟୋରୀ ଚିତ୍ର ପର୍ଯ୍ୟନ୍ତ ୩୨ଟି ଚିତ୍ରରେ ନିର୍ଦ୍ଦେଶନା ଦେଇ ରେକର୍ଡ ସୃଷ୍ଟି କରିଥିଲେ। ଆଗକୁ ସୁଧାଂଶୁଙ୍କ ନିର୍ଦ୍ଦେଶିତ ନାୟିକା ଓ ମଙ୍ଗଳପୁର ଡାଏରୀ ପ୍ରଭୃତି ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଅଛି। ବଳିଷ୍ଠ ନିର୍ଦ୍ଦେଶନା ପାଇଁ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୟଂସିଦ୍ଧା ଓ ମାୟାବୀ ଚିତ୍ର ପାଇଁ ସମ୍ମାନୀତ ହୋଇଛନ୍ତି। ସୁଧାଂଶୁ ମୋହନ ସାହୁ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଅଲଣାହାଟ ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି। ତାଙ୍କ ବାପା ହେଉଛନ୍ତି କେଳୁଚରଣ ସାହୁ ଓ ମା'କିଶୋରୀ ସାହୁ। କଲେଜରେ ପଢୁଥିବା ବେଳେ ସେ ବହୁତ ନାଟକ ଓ ସିନେମା ଦେଖୁଥିଲେ। ପିଲାଟି ଦିନରୁ କୌଣସି ନାଟକରେ ଅଭିନୟ ନକରି ମଧ୍ୟ ସେ ସହ ନିର୍ଦ୍ଦେଶକ ହେବା ପାଇଁ ଥରେ ଶିଶିର ମିଶ୍ରଙ୍କ ସହିତ ମିଶିବାକୁ କଟକରେ ପହଞ୍ଚନ୍ତି। ପ୍ରାୟ ୨୫ ଘଣ୍ଟା ଅପେକ୍ଷା କରିବା ପରେ ଶିଶିର ମିଶ୍ରଙ୍କ ସହିତ ତାଙ୍କର ସାକ୍ଷାତ ହୁଏ। ସାକ୍ଷାତ ହେବା ପରେ ଶିଶିର ମିଶ୍ର ତାଙ୍କୁ ବସ୍ତ୍ରହରଣ ଚିତ୍ରରେ ସହ ନିର୍ଦ୍ଦେଶକ ଭାବେ ନେଲେ। ଏହା ପରେ ସେ ବିଜୟ ଭାସ୍କରଙ୍କ ନାଗ ପଞ୍ଚମୀ, କୋଟିଏ ମଣିଷ ଗୋଟିଏ ଜଗା, ସଂଗ୍ରାମ ବିଶ୍ୱାଳଙ୍କ ରଖିଲେ ଶିବ ମାରିବ କିଏ , ସକଳ ତୀର୍ଥ ତୋ ଚରଣେ, ରାକ୍ଷୀ ଭିଜିଗଲା ଆଖି ଲୁହରେ , ମହସୀନ୍‌ଙ୍କ ଲକ୍ଷ୍ମଣ ରେଖା ଓ ଲକ୍ଷ୍ମୀ ପ୍ରତିମା ଚିତ୍ରରେ ସହ ନିର୍ଦ୍ଦେଶକ ଭାବେ କାମ କରନ୍ତି। ଦୀର୍ଘ ୧୦ ବର୍ଷର ଅଭିଜ୍ଞତାକୁ ପାଥେୟ କରି ପ୍ରଥମ ଥର ପାଇଁ ସେ ୧୯୯୯ ମସିହାରେ ନିର୍ଦ୍ଦେଶନା ଦିଅନ୍ତି ସୁବ୍ରତ ସାମନ୍ତରାୟଙ୍କ କିଏ ପୋଛିବ ମା'ଆଖିର ଲୁହ ଚିତ୍ରରେ। ଏହା ପରେ ସେ ଅରୁଣ ସାହୁଙ୍କ ସହର ଜଳୁଛି ଚିତ୍ରରେ ନିର୍ଦ୍ଦେଶନା ଦେବା ସହିତ ଉକ୍ତ ଚିତ୍ରରେ ଖଳନାୟକ ଭାବେ ଅଭିନୟ କରନ୍ତି ଏବଂ ମିଥୁନ ଚକ୍ରବର୍ତ୍ତୀଙ୍କୁ ଅତିଥୀ କଳାକାର ଭାବେ ନେଇଥିଲେ।ମହାବାତ୍ୟା ପରେ ନିର୍ମିତ ହୋଇଥିବା ଉକ୍ତ ଚିତ୍ରଟି ବେଶ୍ ସଫଳତା ପାଇଥିଲା। ୨୦୦୧ ମସିହାରେ ପୁଣି ଅରୁଣ ସାହୁଙ୍କ ସମୟ ଖେଳୁଛି ଚକା ଭଉଁରୀ ଚିତ୍ରରେ ନିର୍ଦ୍ଦେଶନା ଦିଅନ୍ତି। ଉକ୍ତ ଚିତ୍ରରେ ସୁମିତ ସାଇଗଲଙ୍କୁ ଅତିଥି କଳାକାର ଭାବେ ନିଅନ୍ତି ଓ ନିଜେ ଖଳନାୟକ ଭାବେ ଅଭିନୟ କରିଥିଲେ। ଏହା ପରେ ଇଟିଭିରେ ପ୍ରସାରିତ ମେଗା ଧାରାବାହିକ ଭାଗ୍ୟ ବିଧାତାରେ ନିର୍ଦ୍ଦେଶନା ଦେଇ ପ୍ରଶଂସିତ ହୋଇଥିଲେ। ଉକ୍ତ ଧାରାବାହିକରେ ସୂର୍ଯ୍ୟକାନ୍ତ ଭୂମିକାରେ ଖୁବ୍ ସୁନ୍ଦର ଭାବେ ଅଭିନୟ କରିଥିଲେ।ସେ ଗାୟତ୍ରୀ ଧାରାବାହିକର କେତୋଟି ଅଧ୍ୟାୟରେ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଧାରାବାହିକ ସଂସ୍କାରରେ ମଧ୍ୟ ସେ ଖଳନାୟକ ଭାବେ ଅଭିନୟ କରିଛନ୍ତି। ପରେ ପରେ ସେ ସମୟ ଖେଳୁଛି ଚକା ଭଉଁରୀ, ପ୍ରେମୀ ନମ୍ବର ୱାନ, ପ୍ରେମ ଋତୁ ଆସିଲାରେ, ଶତୃସଂହାର, ଡନ୍, ସ୍ୱୟଂସିଦ୍ଧା, ମୁଁ ପ୍ରେମୀ ମୁଁ ପାଗଳ, ରାଜା ଝିଅ ସଙ୍ଗେ ହୋଇଗଲା ଭାବ, ପର୍ଶୁରାମ, ପାରିବେନି କେହି ଅଲଗାକରି, ମୁଁ ରାଜା ତୁ ରଣୀ, ଭଉଁରୀ, କଲେଜ ଟାଇମ୍, ରଘୁପତି ରାଘବ ରାଜାରାମ, ଭଲପାଏ ତତେ ଶହେରୁ ଶହେ, ପ୍ରେମରେ ପ୍ରେମରେ, ତୋର ଦିନେକୁ ମୋର ଦିନେ, ଦିଲ୍ ଦିୱାନା ହେଇଗଲାରେ, ଶିବା ନଟ୍ ଆଉଟ, ହାପି ଲକି, ଲୋକାଲ ଟୋକା ଲଭ୍ ଚୋଖା , ପ୍ରେମ ଏଟିଏମ୍, ମାୟାବୀ , ବାପା ସୁପରମ୍ୟାନ୍, ପ୍ରିୟେ ତୁ ମୋ ସିଏ, କଟକ(ଶେଷରୁ ଆରମ୍ଭ), ଅପରେସନ୍-୧୨/୧୭, ଆଇଲଭ୍ ୟୁ-୨, ଆଶ୍ରମ, ମିସ୍ କାଲ ଫ୍ରେଣ୍ଡ , ଗଣ୍ଡ ଭୈରବ ପ୍ରଭୃତି ଚିତ୍ରରେ ନିର୍ଦ୍ଦେଶନା ଦେଇ ରେକର୍ଡ ସୃଷ୍ଟି କରିଛନ୍ତି। ଗଣେଷ ପୂଜାକୁ ତାଙ୍କ ନିର୍ଦ୍ଦେଶିତ ଦଣ୍ଡକାଳୀ ଚିତ୍ର ମୁକ୍ତିଲାଭ କରିଛି। ସେ ପ୍ରିୟେ ତୁ ମୋ ସିଏ ଚିତ୍ରରେ ଅଭିନୟ କରିଛନ୍ତି। ଆଗକୁ ତାଙ୍କ ନିର୍ଦ୍ଦେଶିତ ମନଷ୍ଟାର, ନାୟିକା ଓ ମଙ୍ଗଳପୁର ଡାଏରୀ ପ୍ରଭୃତି ଚିତ୍ର ମୁକ୍ତିଲାଭ କରିବାକୁ ଅଛି। ସେ ତାଙ୍କ ନିର୍ଦ୍ଦେଶିତ ଡନ୍ , ପ୍ରିୟେ ତୁ ମୋ ସିଏ ଏବଂ ରମେଶ ରାଉତଙ୍କ ନିର୍ଦ୍ଦେଶିତ ତୋର ମୋର କଟି ଓ ଜ୍ୟୋତି ଦାସଙ୍କ ନିର୍ଦ୍ଦେଶିତ ବଦ୍ୟାରାଣରେ ମଧ୍ୟ ଖଳନାୟକ ଭାବେ ଅଭିନୟ କରିଥିଲେ। ତାଙ୍କ ନିର୍ଦ୍ଦେଶିତ ଚୁମ୍‌କି ମାଇଁ ଡାର୍ଲିଂ, ଅଧାଲେଖା ଗପ , ଏକା ତୁ ଏକା ମୁଁ , ଆସ୍ତିକ ନାସ୍ତିକ, ମୁଖା , ତୋ ନାର ମାନେ ହଁ , ବାହାଘର ଡଟ୍ କମ୍ ପ୍ରଭୃତି ଚିତ୍ର ଟେଲିଭିଜନରେ ମୁକ୍ତିଲାଭ କରିଛି। ଜୀବନରେ କେବେ ଅଭିନୟ କରିନଥିବା ସୁଧାଂଶୁ ନିର୍ଦ୍ଦେଶନା ଓ ଅଭିନୟରେ ସଫଳତା ପାଇବା କମ୍ ଗୌରବର କଥା ନୁହେଁ।



ଉପସ୍ଥାପନା: ଗୌରୀ ଶଙ୍କର ପଣ୍ଡା
ଗୁଣପୁର, ଜି-ରାୟଗଡା


# ଦୀର୍ଘ ବର୍ଷ ପରେ ପରଦାକୁ ଫେରୁଛନ୍ତି ବିପାଶା ବସୁ, 'ବାରାବାଙ୍କି'ର ଆରମ୍ଭ କଲେ ସୁଟିଂ

ବିପାଶା ବସୁ ଦୀର୍ଘ ବର୍ଷ ପରେ ପୁଣିଥରେ ଅଭିନୟ ଜଗତକୁ ଫେରିଛନ୍ତି। ବିପାଶା ଜଣାଶୁଣା ନିର୍ଦ୍ଦେଶକ ହଂସଲ ମେହତାଙ୍କ ଆଗାମୀ କ୍ରାଇମ୍ ଥ୍ରିଲର୍ ସିରିଜ୍ 'ବାରାବାଙ୍କି' ପାଇଁ ସୁଟିଂ ଆରମ୍ଭ କରିଥିବା ଜଣାପଡ଼ିଛି।

୧୯୮୪ ମସିହାକୁ ପୃଷ୍ଠଭୂମି କରି ନିର୍ମିତ ଏହିସିରିଜ୍ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଆଲୋକ ଲାଲଙ୍କ ପୁସ୍ତକ 'ଦ ବାରାବାଙ୍କି ନାର୍କୋସ୍: ବଷ୍ଟିଂ ଇଣ୍ଡିଆଜ୍ ମୋଷ୍ଟ ନଟୋରିଅସ୍ ଡ୍ରଗ୍ କାର୍ଟେଲ୍' ଉପରେ ଆଧାରିତ।

ଏହି ସିରିଜ୍‌ଟି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଆଲୋକ ଲାଲଙ୍କ ନେତୃତ୍ୱରେ ଚାଲିଥିବା ଏକ ବାସ୍ତବ ଅପରେସନ୍‌ରୁ ପ୍ରେରିତ। ଉତ୍ତରପ୍ରଦେଶର ବାରାବାଙ୍କି ଜିଲ୍ଲାରେ ସକ୍ରିୟ ଥିବା ଏକ ବଡ଼ ଅଫିମ ଚୋରାଚାଲାଣକାରୀ ଗ୍ୟାଙ୍ଗ୍‌କୁ ଧ୍ୱଂସ କରିବା ଏହି ଅପରେସନ୍‌ର ମୁଖ୍ୟ ଲକ୍ଷ୍ୟ ଥିଲା। ବିପାଶା ବସୁଙ୍କ ସହ ଏହି ସିରିଜ୍‌ରେ ସନ୍ନି କୌଶଲ ଏବଂ 'ହୋମ୍‌ବାଉଣ୍ଡ' ଅଭିନେତା ବିଶାଲ ଜେଠୱା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ତେବେ ଉଭୟଙ୍କ ଚରିତ୍ର ସମ୍ପର୍କରେ ବର୍ତ୍ତମାନ କୌଣସି ବିସ୍ତୃତ ତଥ୍ୟ ପ୍ରକାଶ କରାଯାଇନାହିଁ। ବିପାଶା ଗତ ମାସରୁ ମୁମ୍ବାଇରେ 'ବାରାବାଙ୍କି'ର ସୁଟିଂ ଆରମ୍ଭ କରିଛନ୍ତି। ଏହି ଫିଲ୍ମ ମାଧ୍ୟମରେ ତାଙ୍କର ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ହଂସଲ ମେହତାଙ୍କ ସହ କାମ କରିବାର ସୁଯୋଗ ମିଳିଛି। ଏହି ସିରିଜ୍‌କୁ ଜଣେ ଆଇପିଏସ୍ ଅଧିକାରୀ ଏବଂ ତାଙ୍କ ଟିମ୍‌ର ପ୍ରତ୍ୟକ୍ଷ ଅନୁଭୂତି ଭାବେ ଉପସ୍ଥାପନ କରାଯାଇଛି। ପ୍ରଭାବଶାଳୀ ଡ୍ରଗ୍ କାର୍ଟେଲ୍‌ଗୁଡ଼ିକ ବିରୋଧରେ ଅଭିଯାନ ଚଳାଇ ସେମାନଙ୍କ ଚୋରାଚାଲାଣ ନେଟୱର୍କକୁ ଧ୍ୱଂସ କରିବା ହିଁ ଏହି କାହାଣୀର ମୁଖ୍ୟ ବିଷୟ। 'ମେଡ୍ ଇନ୍ ଇଣ୍ଡିଆ: ଦ ଟାଇଟନ୍ ଷ୍ଟୋରି' ପାଇଁ ପରିଚିତ ପ୍ରଭଲୀନ କୌର ଏହି ସିରିଜ୍‌ର ସହ-ପ୍ରଯୋଜକ ଅଛନ୍ତି। ବିପାଶାଙ୍କ ଚରିତ୍ର ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ। ତେବେ ରିପୋର୍ଟ ଅନୁଯାୟୀ, ତାଙ୍କ ଚରିତ୍ରର କାହାଣୀର ମୁଖ୍ୟ ନାୟକଙ୍କ ସହ ଏକ ଗଭୀର ସମ୍ପର୍କ ରହିବ। ହଂସଲ ମେହତା ତାଙ୍କୁ ଏହି ପ୍ରୋଜେକ୍ଟ ପାଇଁ ପ୍ରସ୍ତାବ ଦେବାର କିଛି ସମୟ ପରେ ହିଁ ବିପାଶା ଏଥିରେ ଅଭିନୟ କରିବାକୁ ରାଜି ହୋଇଥିବା ଜଣାପଡ଼ିଛି। ଏହାସହ ହଂସଲ ମେହତା ମଧ୍ୟ ବିପାଶାଙ୍କ ସହ କାମ କରିବାକୁ ଇଚ୍ଛା ଥିବା ନିର୍ଦ୍ଦେଶକମାନଙ୍କ ତାଲିକାରେ ଥିଲେ।





# ବିନା ଡାଏଟିଂରେ ୫-୬ କେଜି ଓଜନ କମାଇଥିଲେ ଅକ୍ଷୟ କୁମାର, କହିଲେ ଫିଟନେସ୍‌ର ରହସ୍ୟ

ବଲିଉଡ ସୁପରଷ୍ଟାର୍ ଅକ୍ଷୟକୁମାରଙ୍କର ଆଜି ଜନ୍ମଦିନ। ସେ ବଲିଉଡର ଜଣେ ଫିଟ୍ କଳାକାର। ସେ ୫୯ ବର୍ଷରେ ପଦାର୍ପଣ କରିଛନ୍ତି। ନିଜର କେତେକ ଭଲ ନୀତି ପାଇଁ ଅନ୍ୟ କଳାକାରଙ୍କଠୁ ସେ ଭିନ୍ନ। ଯେତେବେଳେ ଆମେ ବଲିଉଡ୍‌ର ଫିଟ୍ ଅଭିନେତାଙ୍କ ବିଷୟରେ କଥା ହେଉ ତ ସେତେବେଳେ ସର୍ବପ୍ରଥମେ ଆମ ଆଖି ଆଗରେ ନାଚି ଉଠନ୍ତି ଅକ୍ଷୟ କୁମାର। ଅଭିନେତା ଅକ୍ଷୟ କୁମାର ଏବେ ୫୯ ବର୍ଷ ବୟସରେ ପଦାର୍ପଣ କରିଥିଲେ ବି ନିଜକୁ ସେ ୟଙ୍ଗ୍ ଲୁକ୍ ଏବଂ ଫିଟ୍ ରଖିବାରେ ସକ୍ଷମ ହୋଇଛନ୍ତି। ତେବେ କ'ଣ ଆପଣ ଜାଣନ୍ତି କି, ଅଭିନେତା ଅକ୍ଷୟ କୁମାର କିଛି ବର୍ଷ ତଳେ ତାଙ୍କ ଓଜନକୁ ୫ ରୁ ୬ କିଲୋଗ୍ରାମ କମାଇଥିଲେ ତାହାବି ପୁଣି ବିନା ଡାଏଟିଂରେ। ଅକ୍ଷୟଙ୍କ ଅଭିନୀତ ଫିଲ୍ମ 'ସୂର୍ଯ୍ୟବଂଶୀ'ଏବଂ 'ବଚ୍ଚନ ପାଣ୍ଡେ'କୁ ଦେଖିଲାପରେ ଏହା ଜଣାପଡ଼ିଥିଲା। ଏଥିରେ ସେ ବହୁତ ପତଳା ହୋଇଯାଇଥିବା ଦେଖାଯାଇଥିଲେ। ଅକ୍ଷୟଙ୍କ କହିବା ଅନୁସାରେ ସେ ତାଙ୍କ ଅଭିନୀତ ଦୁଇଟି ଫିଲ୍ମ ଲାଗି ନିଜ ଶରୀରର ୫ ରୁ ୬ କେଜି ଓଜନ କମାଇଥିଲେ। ତେବେ ଏନେଇ ସେ କ'ଣ ଡାଏଟ୍‌ର ଯୋଜନା କରିଥିଲେ କି ନାହିଁର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅଭିନେତା ଅକ୍ଷୟ କହିଥିଲେ ଯେ, 'ସୂର୍ଯ୍ୟବଂଶୀ'ଏବଂ 'ବଚ୍ଚନ ପାଣ୍ଡେ'ରେ ଅଭିନୟ ଲାଗି ତାଙ୍କୁ ଓଜନ କମାଇବାକୁ କୁହାଯାଇଥିଲା। ତେଣୁ ସେ ପ୍ରାକୃତିକ ଉପାୟରେ ଓଜନ କମାଇଥିଲେ। ଏନେଇ ସେ କୌଣସି ଡାଏଟିଂ ର ସହାୟକ ନେଇନଥିଲେ। ତେବେ ଓଜନ କମାଇବା ପାଇଁ ସେ ତାଙ୍କ ୱାର୍କଆଉଟ୍‌କୁ ପୂର୍ବାପେକ୍ଷା ଅଧିକା ବଢ଼ାଇଦେଇଥିବା କହିଥିଲେ ଅକ୍ଷୟ । ଏହି ସମୟରେ ସେ ନିଜର ସବୁଠାରୁ ମୋର ପ୍ରିୟ ଖାଦ୍ୟ ଘିଅ ପରଠାକୁ ଖାଉଥିଲେ।

# ଐଶ୍ୱର୍ଯ୍ୟାଙ୍କୁ ଦୁଲ୍‌କରଙ୍କ ଭୟ !

ଅଭିନେତା ଦୁଲ୍‌କର ସଲମାନ୍‌ଙ୍କ ସହ ଆଉ କାମ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ଅଭିନେତ୍ରୀ ଐଶ୍ୱର୍ଯ୍ୟା ଲକ୍ଷ୍ମୀ! ମାଲୟାଲମ୍ ଚଳଚ୍ଚିତ୍ର 'କିଙ୍ଗ୍ ଅଫ୍ କୋଥା'ରେ ତାଙ୍କ ସହ ଅଭିନୟ କରି ଟ୍ରୋଲିଂର ଶିକାର ହେବା ପରେ ଲକ୍ଷ୍ମୀ ଦୁଲ୍‌କରଙ୍କ ନାଁ ଶୁଣିଲେ ଡରୁଛନ୍ତି। ଏହି ସିନେମାରେ ସେ ଦୁଲ୍‌କରଙ୍କୁ ସମ୍ବୋଧନ କରୁଥିବା 'ରାଜୁବେଟା' ଶବ୍ଦ ପାଇଁ ତାଙ୍କୁ ପ୍ରବଳ ପରିହାସ ସହିବାକୁ ପଡ଼ିଛି। ତାଙ୍କର ନୂଆ ଫିଲ୍ମ 'ହେଲୋ ମମି' ସୁଟିଂର ପ୍ରଥମ ଦିନ ଜଣେ ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମୀଙ୍କୁ 'ରାଜୁବେଟା' କହି ସମ୍ବୋଧନ କରିବା ତାଙ୍କୁ ଖୁବ୍ ଖରାପ ଲାଗିଥିଲା ବୋଲି ସେ ପ୍ରକାଶ କରିଛନ୍ତି। ୨୦୨୩ରେ ମୁକ୍ତିଲାଭ କରିଥିବା ଏହି ସିନେମାରେ ଦୁଲ୍‌କର ଓ ଐଶ୍ୱର୍ଯ୍ୟା ଲକ୍ଷ୍ମୀ ସହ-କଳାକାର ଥିଲେ। ଚଳଚ୍ଚିତ୍ରଟି



ଆଶାନୁରୂପ ସଫଳତା ନ ପାଇବା ପରେ ଏହାର ଅଭିନେତା ଓ ଅଭିନେତ୍ରୀଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଟ୍ରୋଲିଂ ହୋଇଥିଲା। ସିନେମାରେ ଲକ୍ଷ୍ମୀଙ୍କ ଅଭିନୟ ଓ ସଂଳାପ ପରିବେଷଣ ଶୈଳୀକୁ ନେଇ ଅନେକ ଉପହାସସୂଚକ ଟିପ୍ପଣୀ କରିଥିଲେ। ସେଥିମଧ୍ୟରୁ କିଛି ସମାଲୋଚନା ଯଥାର୍ଥ ଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ଏହାକୁ ନକାରାତ୍ମକ ଭାବେ ଗ୍ରହଣ ନକରି ସେ ନିଜର ଦୁର୍ବଳତାକୁ ବି ସୁଧାରିଛନ୍ତି।

ଏବେ ଦୁଲ୍‌କରଙ୍କ ସହ ପୁଣି କାମ କରିବାକୁ ଐଶ୍ୱର୍ଯ୍ୟା ଲକ୍ଷ୍ମୀ ସମ୍ପୂର୍ଣ୍ଣ ମନା କରି ନଥିଲେ ବି ସେତେଟା ଉତ୍ସାହ ଦେଖାଉନାହାନ୍ତି। ଏପରିକି ଦୁଲ୍‌କର ସଲମାନ୍‌ଙ୍କ ସହ ଏକ ବିଜ୍ଞାପନରେ ଅଭିନୟ କରିବାର ସୁଯୋଗ ମିଳିଥିଲେ ବି ସେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି। 'କିଙ୍ଗ୍ ଅଫ୍ କୋଥା' ସିନେମା ପରେ ପରେ ମାଲାୟାଲମ୍ ଚଳଚ୍ଚିତ୍ର ଜଗତର କିଛି ନିର୍ମାତା ତାଙ୍କୁ ନୂଆ ପ୍ରକଳ୍ପରେ ନେବାକୁ ଦ୍ୱିଧା ପ୍ରକାଶ କରୁଥିବା ସେ ଅନୁଭବ କରିଥିଲେ। ସେହି କାରଣରୁ ଦୁଲ୍‌କର ସଲମାନ୍‌ଙ୍କୁ ଜଣେ ଭଲ ସହ-ଅଭିନେତା ବୋଲି କହୁଥିବା ଐଶ୍ୱର୍ଯ୍ୟା ଏବେ ତାଙ୍କ ସହ ଏକତ୍ର ନଜର ଆସିବାକୁ ଭୟ କରୁଛନ୍ତି।

# ସାହିତ୍ୟ ଓ କଳା ସଂସ୍କୃତିକୁ ମୁଁ ଭଲ ପାଏ : ଡାକ୍ତର କରୁଣାକର ବିଶ୍ୱାଳ

ଓଡ଼ିଶାର କଳା ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଉଥିବା ଜଣେ ପ୍ରିୟ ମଣିଷ ହେଉଛନ୍ତି ଡାକ୍ତର କରୁଣାକର ବିଶ୍ୱାଳ। ବାଲେଶ୍ୱର ଜିଲ୍ଲାର ସୋର ବ୍ଲକ୍ ଅନ୍ତର୍ଗତ କେଦାରପୁର ପଞ୍ଚାୟତର ସାନ୍ତପଡା ଗ୍ରାମରେ ୧୯୭୨ ମସିହାରେ ଶ୍ରୀ ବିଶ୍ୱାଳ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତାଙ୍କ ନାମ ବଳରାମ ବିଶ୍ୱାଳ ଓ ମାତାଙ୍କ ନାମ ଜତି ବିଶ୍ୱାଳ। ପତ୍ନୀ ସୁସନ୍ଧ୍ୟା ବିଶ୍ୱାଳ ଓ ପୁତ୍ର ପ୍ରତ୍ୟୁଷ ଙ୍କୁ ନେଇ ସମୟ ଚକରେ ସଂସାର ରଥ ଆଗେଇ ଚାଲିଛି। ସରକାରୀ ଚାକିରିରୁ ଶ୍ରୀ ବିଶ୍ୱାଳ ଅବସର ଗ୍ରହଣ କରିଛନ୍ତି। ଓଡ଼ିଶାର ଯେଉଁ ଭଲ ଓ ଆଦର୍ଶ ଡାକ୍ତର ମାନେ ରୋଗୀ ସେବା କରୁଛନ୍ତି ସେମାନଙ୍କ ମଧ୍ୟରେ ଡାକ୍ତର କରୁଣାକର ବିଶ୍ୱାଳ ଅନ୍ୟତମ। ଶ୍ରୀ ବିଶ୍ୱାଳ ବର୍ତ୍ତମାନ ବର୍ତ୍ତମାନ ସୋର ଟ୍ରେଜେରୀ ଅଫିସ୍ ନିକଟସ୍ଥ ଶିକ୍ଷକ ଭବନ ପାଖରେ ସ୍ଥାୟୀ ଭାବେ ରହୁଛନ୍ତି ଓ ପ୍ରାଇଭେଟ୍ କ୍ଲିନିକ୍ କରି ରୋଗୀ ସେବା କରୁଛନ୍ତି। ଶ୍ରୀ ବିଶ୍ୱାଳ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ବୁର୍ଲାରେ ମେଡିକାଲ ପାଠ ପଢୁଥିଲେ ଓ ଜ୍ୟୋତି ବିହାରରେ ପୋଷ୍ଟ ଗ୍ରା ଜୁଏସନ୍ ଏବଂ ସ୍ପେଶିଆଲିଷ୍ଟ । ରୋଗୀର କଷ୍ଟ ଓ ଯନ୍ତ୍ରଣା କମିଗଲେ ଶ୍ରୀ ବିଶ୍ୱାଳଙ୍କୁ ଖୁବ୍ ଖୁସି ଓ ଆନନ୍ଦ ଲାଗେ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ପୁତ୍ର ପ୍ରତ୍ୟୁଷ ମେଡିକାଲ ପଢୁଛନ୍ତି। ଶ୍ରୀ ବିଶ୍ୱାଳ ଜଣେ ଭଲ ବକ୍ତା ଏବଂ ସେ ଖୁବ୍ ସୁନ୍ଦର ଭାଷଣ ଦେଇ ପାରନ୍ତି। ଶ୍ରୀ ବିଶ୍ୱାଳ କୁହନ୍ତି ରୋଗୀ ମାନଙ୍କ ଉପଯୁକ୍ତ ସେବା ପାଇଁ ସମୟ ଦରକାର। ଓଡ଼ିଶାର ସ୍ୱାସ୍ଥ୍ୟ ସେବା ପାଇଁ ଠିକ୍ ଅଛି ବୋଲି ଶ୍ରୀ ବିଶ୍ୱାଳ କୁହନ୍ତି। ତଥାପି ଆମର ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯେଉଁ ସମସ୍ୟା ରହିଛି ସେଥି ପ୍ରତି ଅଧିକ ଦୃଷ୍ଟି ଦେବା ଆବଶ୍ୟକ। ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଖୁବ୍ ଗଭୀର ରୁଚି ରହିଛି ଶ୍ରୀ ବିଶ୍ୱାଳଙ୍କର। ଖୁବ୍ ସୁନ୍ଦର ଗଳ୍ପ ଲେଖନ୍ତି ଶ୍ରୀ ବିଶ୍ୱାଳ। ଏହା ବ୍ୟତୀତ ଖୁବ୍ ଭଲ ବ୍ୟାଡ ମିଣ୍ଟନ୍ ଖେଳନ୍ତି ଶ୍ରୀ ବିଶ୍ୱାଳ।



ଅତୀତରେ ବାସୁଦେବପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଭାବରେ ଶ୍ରୀ ବିଶ୍ୱାଳ ଚାକିରି କରିଥିଲେ ଏବଂ ରୋଗୀ ମାନଙ୍କୁ ସୁନ୍ଦର ସେବା ଯୋଗାଇ ଦେଇଥିଲେ ସ୍ୱାସ୍ଥ୍ୟ କ୍ଷେତ୍ରରେ। ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତ, ଆଧ୍ୟାତ୍ମିକ ଚିନ୍ତାଧାରା, ଦର୍ଶନ, ଶାସ୍ତ୍ର ପ୍ରଭୃତିକୁ ଖୁବ୍ ଭଲ ପାଆନ୍ତି ଶ୍ରୀ ବିଶ୍ୱାଳ। ବହି ପଢ଼ିବା, ଲେଖା ଲେଖି କରିବା ସହିତ ଚାଣକ୍ୟଙ୍କ ନୀତିବାଣୀ ଖୁବ୍ ଭଲ ଲାଗେ ଶ୍ରୀ ବିଶ୍ୱାଳଙ୍କୁ। ଶ୍ରୀ ବିଶ୍ୱାଳ ଙ୍କ ସମସ୍ତ ଆଶା ଓ ସ୍ୱପ୍ନ ପୂରଣ ହେଉ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ବିଶ୍ୱାଳଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।

ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# କେନ୍ଦୁଝରର ସ୍କୁଲଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ଓ ଗୁଣାତ୍ମକ ଶିକ୍ଷାର ନୂଆ ଅଧ୍ୟାୟ : 'ଷ୍ଟାର୍ସ' ମାଧ୍ୟମରେ ସୁଦୃଢ଼ ହେଉଛି ଶିକ୍ଷା ଭିତ୍ତିଭୂମି

କେନ୍ଦୁଝର,୧୦/୦୯ (ନି.ପ୍ର): କେନ୍ଦୁଝର ଗ୍ରାମାଚଂଳର ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାଦାନର ଶୈଳୀ ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି। କେବଳ ଘୋଷାପାଠ ନୁହେଁ, ବ୍ୟାବହାରିକ ଜ୍ଞାନ ସହ ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଏହି ସ୍କୁଲଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଜିଲ୍ଲାରେ 'ଷ୍ଟାର୍ସ' ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ଏହି ସକାରାତ୍ମକ ପରିବର୍ତନ ସମ୍ଭବ ହୋଇପାରିଛି।

ଘୋଷାପାଠ ଓ ପରୀକ୍ଷା କେନ୍ଦ୍ରିକ ସଂକୁଚିତ ଶିକ୍ଷା ପଦ୍ଧତିକୁ ଏଡ଼ାଇ ପିଲାଙ୍କ ମୌଳିକ ସୃଜନଶୀଳତା ଓ ବ୍ୟାବହାରିକ ଜ୍ଞାନର ବିକାଶ ପାଇଁ ଏହି ଯୋଜନା ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ପିଲାମାନେ ବିଷୟବସ୍ତୁକୁ ମନେ ନରଖି ତାହାର ବ୍ୟାବହାରିକ ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରୁଛନ୍ତି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶେଷ ତାଲିମ ପ୍ରଦାନ କରାଯାଉଛି, ଯାହା ଦ୍ୱାରା ଶ୍ରେଣୀଗୃହ ପାଠପଢ଼ା ଆହୁରି ଜୀବନ୍ତ ହୋଇପାରିଛି। ପ୍ରାଥମିକ ସ୍ତରରୁ ଭାଷା ଓ ଗଣିତ ଶିକ୍ଷା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ନିୟମିତ ଆକାଡେମିକ୍ ମନିଟରିଂ ମାଧ୍ୟମରେ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷଣ ସ୍ତରରେ ସୁଧାର ଅଣାଯାଉଛି। ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ବିଶେଷ କରି ଜନଜାତି ଓ ଅବହେଳିତ ବର୍ଗର ହଜାର ହଜାର କୋମଳମତି ଶିଶୁ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇପାରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରାମାଚଂଳ ଶିକ୍ଷାର ସମସ୍ୟାକୁ ନିକଟରୁ ଅନୁଭବ କରିଥିବାରୁ ଜିଲ୍ଲାର ପ୍ରତ୍ୟେକ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରମୁଖ ଦିଗଗୁଡ଼ିକୁ ପ୍ରାଥମିକତା ଦେଇଛନ୍ତ ଦୁର୍ଗମ ପାହାଡ଼ିଆ ଅଂଚଳର ଜନଜାତି ପିଲା ଯେପରି ସହରାଚଂଳ ଭଳି ଗୁଣାତ୍ମକ ଶିକ୍ଷା ପାଇପାରିବେ, ସେଥିପାଇଁ ନିର୍ଦ୍ଦେଶ ରହିଛି।'ଷ୍ଟାର୍ସ' ପ୍ରକଳ୍ପ ମାଧ୍ୟମରେ ଗ୍ରାମାଚଂଳର ପିଲାଙ୍କୁ ବୈଜ୍ଞାନିକ ମନୋଭାବ ଓ କମ୍ପ୍ୟୁଟର ଶିକ୍ଷା ସହ ଯୋଡ଼ାଯାଉଛି। ସ୍କୁଲଗୁଡ଼ିକରେ ପାଠାଗାର, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ଓ ଖେଳପଡ଼ିଆ ଭଳି ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରାଯାଉଛି। କେବଳ ନମ୍ବର ରଖିବା ଅପେକ୍ଷା ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଜୀବନ ଗଠନର ଶିକ୍ଷା ଭରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆଜି କେନ୍ଦୁଝରର ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷକଙ୍କ ନୂଆ ଉତ୍ସାହ ଓ ପିଲାଙ୍କ ଆଖିରେ ଭବିଷ୍ୟତର ଆଶା ସ୍ପଷ୍ଟ ବାରି ହୋଇପଡୁଛି। ସ୍ୱତନ୍ତ୍ର ଶିକ୍ଷାର ସଫଳ ରୂପାୟନ ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ବିଶେଷ ତାଲିମ ମଧ୍ୟ ପ୍ରଦାନ କରାଯାଉଛି। 'ଷ୍ଟାର୍ସ' ପ୍ରକଳ୍ପ ଓ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଆଗାମୀ ଦିନରେ କେନ୍ଦୁଝରକୁ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଦାମନଯୋଡ଼ିରେ ପରିବେଶ ସଚେତନତା କାର୍ଯ୍ୟକ୍ରମ- ପରିବେଶ ଅନୁକୂଳ ବ୍ୟାଗ ଓ ଚାରା ବଂଟନ

ଜୟପୁର,୧୦/୦୯ (ନି.ପ୍ର): ପରିବେଶ ସଚେତନତା ଅଭିଯାନ-୨୦୨୬ର ଅଂଶ ଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏସ୍ପିସିବି, କୋରାପୁଟ ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଏମ୍,ଏସ୍ ନାଲ୍କୋ, ଦାମନଯୋଡ଼ିର ସହଯୋଗରେ ନାଲ୍କୋ ସମ୍ମିଳନୀ କକ୍ଷଠାରେ "ପରିବେଶ ଅନୁକୂଳ ବ୍ୟାଗ ବଣ୍ଟନ ଓ ଚାରା ବଂଟନ" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଜି ସକାଳ ୧୦ଟା ୩୦ ମିନିଟ୍ ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ନାଲ୍କୋର ଅଧିକାରୀ, ସ୍ଥାନୀୟ ବ୍ୟବସାୟୀ, ବଣିକ, କୃଷକ, ଅଂଚଳବାସୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦୦ ଜଣ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଏସ୍ପିସିବିର ଆଂଚଳିକ ଅଧିକାରୀ ଦୀପେଶ ବିଶ୍ୱାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ନାଲ୍କୋର ଇଡି ଏମ୍ ଆଣ୍ଡ୍ ଆର୍ ଅମରେନ୍ଦ୍ର ମିଶ୍ର, ସିଜିଏମ୍ ଏଆର୍ ଦିଲୀପ ବାଗ୍ ଏବଂ ସିଜିଏମ୍ ଏନ୍ଭି ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଏସ୍ୟୁପି ର ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ପ୍ଲାଷ୍ଟିକ୍ ର ବିକଳ୍ପ ଭାବେ ପରିବେଶ ଅନୁକୂଳ ଓ ସ୍ଥାୟୀ ସାମଗ୍ରୀ ବ୍ୟବହାର ପାଇଁ ଆହ୍ୱାନ କରାଯାଇଥିଲା। ଏମ୍,ଏସ୍ ଅମାୟରା ଏଣ୍ଟରପ୍ରାଇଜେସ୍, ଜୟପୁରର ପ୍ରତିନିଧିମାନେ—ସିପିସିବି ପ୍ରମାଣିତ କମ୍ପୋଷ୍ଟେବଲ୍ କ୍ୟାରି ବ୍ୟାଗ୍ ର ନିର୍ମାତା—ଡାଇକ୍ଲୋରୋମିଥେନ୍ ଡିସିଏମ୍ ପରୀକ୍ଷଣର ପ୍ରଦର୍ଶନ କରିବା ସହ କମ୍ପୋଷ୍ଟେବଲ୍ ବ୍ୟାଗ୍ ର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ପ୍ଲାଷ୍ଟିକ୍ ବ୍ୟବହାରରୁ ସୃଷ୍ଟି ହେଉଥିବା ସମସ୍ୟା, ସ୍ଥାୟୀ ବିକଳ୍ପର ଆବଶ୍ୟକତା ଏବଂ ବ୍ୟବସାୟୀ, ଉପଭୋକ୍ତା ଓ ବିଭିନ୍ନ ଅନୁଷ୍ଠାନର ମିଳିତ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ପରିବେଶ ଅନୁକୂଳ କପଡ଼ା ବ୍ୟାଗ୍, ବିଭିନ୍ନ ଚାରା, ଶାଳପତ୍ର, ଖୋଇ ଓ କାଠ ଆଧାରିତ କଟଲେରୀ ବଂଟନ କରାଯାଇଥିଲା।

# ଡ୍ରେନ୍ ଅବ୍ୟବସ୍ଥା: କକ୍ସ କଲୋନୀବାସୀ ଅତିଷ୍ଠ

ଝାରସୁଗୁଡ଼ା,୧୦/୦୯ (ନି.ପ୍ର): ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଏବଂ କକ୍ସ କଲୋନୀ ଅଂଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘଦିନ ଧରି ଡ୍ରେନ୍ ଓ ନାଳନର୍ଦ୍ଦମା ସଫେଇ କରାଯାଉ ନଥିବାରୁ ଅଂଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍ ଗୁଡ଼ିକରେ ବର୍ଜ୍ୟବସ୍ତୁ ଜମି ରହିବା ସହ ପାଣି ଜମି ରହୁଥିବାରୁ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏଥିସହ ମଶାମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଛି। ଫଳରେ ଅଂଚଳରେ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଏହି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ମଧ୍ୟ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଶେଷକରି ବର୍ଷାଦିନରେ ଡ୍ରେନ୍ ରେ ପାଣି ଜମି ରହିବାରୁ ସମସ୍ୟା ଆହୁରି ଗୁରୁତର ହୋଇପଡୁଛି।

ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମାଜସେବୀ ଦେବାନନ୍ଦ ବାରିକ, ସଂକୀର୍ତନ ପ୍ରଧାନ ଓ ବଳିଆ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଡ୍ରେନ୍ ସଫେଇ ସହ ନିୟମିତ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ, ଏହି ସମସ୍ୟା ସମ୍ପର୍କରେ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନଥିଲା। ସ୍ଥାନୀୟ ବାସିନ୍ଦା ମଧ୍ୟ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପୌର ପରିଷଦ କର୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ସାପ୍ତାହିକ ଏକାଡେମିକ୍ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ୍

ଜୟପୁର,୧୦/୦୯ (ନି.ପ୍ର): ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରରେ କୁଳପତିଙ୍କ ନିଷ୍ପତି କ୍ରମେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକାମାନଙ୍କ ଜ୍ଞାନ, ଦକ୍ଷତା ଓ ଶିକ୍ଷାଦାନ କ୍ଷମତାର ବିକାଶ ଉଦ୍ଦେଶ୍ୟରେ ସାପ୍ତାହିକ ଏକାଡେମିକ୍ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ୍ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ବିଶ୍ୱବିଦ୍ୟାଳୟର ଏଲ-୨ କକ୍ଷରେ ଚତୁର୍ଥ ସାପ୍ତାହିକ ଫ୍ୟାକଲ୍ଟି ଡେଭଲପମେଂଟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନର ବିଷୟ ଥିଲା "ପରିବେଶୀୟ ସଙ୍କଟ ଓ ତାହାର ନିରାକରଣ"। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ଅଧ୍ୟକ୍ଷତା କରି ଅଧ୍ୟକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ସେ ବର୍ତମାନ ସମୟରେ ପରିବେଶୀୟ ସଙ୍କଟର ଗମ୍ଭୀରତା ଏବଂ ଏହାର ପ୍ରତିକାର ପାଇଁ ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷାକୁ କେବଳ ସରକାରଙ୍କ ଦାୟିତ୍ୱ ଭାବେ ନ ଦେଖି ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ରସାୟନ ବିଭାଗର ଡ. ସ୍ନିଗ୍ଧ ସାଗର ଶତପଥୀ ସମ୍ବଳିତ ବିଷୟ ଉପରେ ବିଶେଷଜ୍ଞ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତନ, ବାୟୁ ଓ ଜଳ ପ୍ରଦୂଷଣ, ଜୈବ ବିବିଧତାର ଅବକ୍ଷୟ, ମାନବ ସ୍ୱାସ୍ଥ୍ୟ ଉପରେ ପରିବେଶୀୟ ସଙ୍କଟର ପ୍ରଭାବ ଏବଂ ପରିବେଶ ସୁରକ୍ଷାର ବିଭିନ୍ନ ବୈଜ୍ଞାନିକ ଓ ବ୍ୟବହାରିକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବକ୍ତବ୍ୟରେ ସେ ସ୍ଥାୟୀ ବିକାଶ, ନବୀକରଣୀୟ ଶକ୍ତିର ବ୍ୟବହାର, ବୃକ୍ଷରୋପଣ, ପ୍ଲାଷ୍ଟିକ୍ ବର୍ଜନ, ଜଳ ସଂରକ୍ଷଣ ଓ ଅବଶିଷ୍ଟ ପରିଚାଳନା ଭଳି ପଦକ୍ଷେପ ମାଧ୍ୟମରେ ପରିବେଶ ସୁରକ୍ଷା କିପରି ସମ୍ଭବ, ତାହା ବ୍ୟାଖ୍ୟା କରିଥିଲେ। ଏହି ଆଲୋଚନା ଅଧ୍ୟାପକମାନଙ୍କ ପାଇଁ ଜ୍ଞାନବର୍ଦ୍ଧକ ଓ ଉପଯୋଗୀ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାମାନେ ସକ୍ରିୟ ଭାବେ ଯୋଗଦେଇ ବିଷୟ ସମ୍ପର୍କିତ ଆଲୋଚନା ଓ ମତ ବିନିମୟରେ ଅଂଶଗ୍ରହଣ କରିଥିଲେ। ପ୍ରଶ୍ନୋତର ଅଧିବେଶନରେ ପରିବେଶ ସୁରକ୍ଷା ସହିତ ଜଡିତ ବିଭିନ୍ନ ବ୍ୟବହାରିକ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି ସାପ୍ତାହିକ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ୍ ଅଧ୍ୟାପକମାନଙ୍କ ମଧ୍ୟରେ ନୂତନ ଜ୍ଞାନର ଆଦାନ-ପ୍ରଦାନ, ଅନ୍ତଃବିଭାଗୀୟ ଚିନ୍ତନ, ଗବେଷଣାମୂଳକ ଦୃଷ୍ଟିକୋଣ ଓ ଶିକ୍ଷାଦାନର ଗୁଣବତା ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି। ବିଶ୍ୱବିଦ୍ୟାଳୟରେ ଏପରି ଏକାଡେମିକ୍ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବା ଦ୍ୱାରା ଉଚ୍ଚଶିକ୍ଷାର ମାନ ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

# କୋରାପୁଟ ଜିଲ୍ଲାରେ ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ: ପ୍ରଶାସନର ଚଢ଼ଉ ଦାବି

ଜୟପୁର,୧୦/୦୯ (ନି.ପ୍ର): କୋରାପୁଟ ଜିଲାର ଉପାନ୍ତ ଅଂଚଳର ହେଉ କି ସହର ସବୁଠାରେ ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ । ବର୍ତମାନ ବର୍ଷା ଦିନ ଜାରି ରହିଥିବା ବେଳେ ପ୍ରଶାସନ ତୁରନ୍ତ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ପରିସ୍ଥିତି ଅଣାୟତ ହେବା ଆଶଙ୍କା ଦେଖାଯାଇଛି । କୋରାପୁଟ ଜିଲାର ଲମତାପୁଟ, ନନ୍ଦପୁର, କୋରାପୁଟ, ସେମିଳିଗୁଡା, ଜୟପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, କୋଟପାଡ ମୁଖ୍ୟ ବଜାରଠୁ ଆରମ୍ଭ କରି ପ୍ରତି ଗାଁର ଗଳି କନ୍ଦିରେ ଖୋଲାଖୋଲି ବିକ୍ରି ହେଉଛି ବିଷାକ୍ତ ଖାଦ୍ୟ । ପୋଡା ତେଲରେ ୧୦ ଥର ଗରମ କରି ପକୋଡି, ବରା, ସିଙ୍ଗଡା, କାକରା, ଆଳୁଚପ୍ ଛାଣୁଛନ୍ତି ଯାହାକି ବିଷାକ୍ତ ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଖାଇ ଲୋକେ କ୍ୟାନସର ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି । ବାସିଖାଦ୍ୟ, ରଙ୍ଗମିଶା ଚାଉମିନ୍, ଚାଟ, ଦହିବରା ଆଳୁଦମ୍, ଅପମିଶ୍ରିତ ଟିଫିନ୍ ଲୋକଙ୍କ ପେଟରେ ଯେମିତି ବିଷ ଭର୍ତି ହୋଇଯାଉଛି । ଆଉ ଖାଦ୍ୟ ନିରାପତା ବିଭାଗ ଯେମିତି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି। ସୂଚନା ମୁତାବକ, କୋରାପୁଟ ଜିଲାର ମୁଖ୍ୟ ବଜାର ହେଉ କି ଗ୍ରାମାଚଂଳର ଅଧିକାଂଶ ମିଷ୍ଟାନ୍ନ ଦୋକାନରେ ପୂର୍ବଦିନର ବାସି ବରା, ଆଳୁଚପ୍ କୁ ରାତିରେ ଫ୍ରିଜ୍ ରେ ରଖି ପୁନର୍ବାର ପୋଡା ତେଲ ଛାଣି ବିକ୍ରି କରୁଛନ୍ତି । ରସଗୋଲା, ଛେନାଗଜା ସହ ମିଠା ସାମଗ୍ରୀକୁ ପୁନର୍ବାର ସିରାରେ ଫୁଟାଇ ନୂଆ ନାଁରେ ବିକ୍ରି ହେଉଛି । ଫାଷ୍ଟଫୁଡ୍ ଦୋକାନୀମାନେ ୧୦ ଟଙ୍କିଆ ଟେକ୍ସଟାଇଲ୍ ରଙ୍ଗ ମିଶାଇ ଖାଦ୍ୟକୁ ଆକର୍ଷଣୀୟ କରୁଛନ୍ତି । ନିମ୍ନମାନର ଟମାଟୋ ଓ ଚିଲ୍ଲି ସସ୍ ଗ୍ରାହକଙ୍କୁ ଦେଉଛନ୍ତି । ପୋଡାତେଲରୁ ବାହାରୁଥିବା ବିଷାକ୍ତ ଧୂଆଁ ଲୋକଙ୍କ ଫୁସଫୁସ୍ ନଷ୍ଟ କରୁଛି । ଫଳରେ ଗ୍ୟାଷ୍ଟ୍ରିକ୍, ଲିଭର ଡ୍ୟାମେଜ୍, କିଡନୀ ଫେଲ୍ ହୋଇ ହସ୍ପିଟାଲରେ ଲାଇନ୍ ଲାଗୁଛି, କିନ୍ତୁ ମୂଳ କାରଣ ଉପରେ କାହାର ଦୃଷ୍ଟି ପଡୁ ନାହିଁ ।

ଗତ ବର୍ଷ ରଥଯାତ୍ରା ସମୟରେ ଖାଦ୍ୟ ନିରାପତ୍ତା ଅଧିକାରୀ ଥରେ ଚଢଉ କରି ନିଜ ଦାୟିତ୍ୱ ସାରିଦେଲେ । ତାହା ପରଠୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦୋକାନ ସିଲ୍ ହେଲାନି, ଗୋଟିଏ ବି ଜରିମାନା ହେଲାନି । ଫଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ଆକାଶ ଛୁଇଁଲାଣି । ଲାଇସେନ୍ସ ନାହିଁ, ସ୍ୱଚ୍ଛତା ନାହିଁ, ନିୟମ ନାହିଁ କେବଳ ଲୋଭ ଓ ଲାଂଚ ର ଖେଳ । ଧୂଳି ଉଡୁଥିବା ରାସ୍ତା କଡରେ ଖୋଲା ଡେକ୍ଚିରେ ମିଷ୍ଟାନ୍ନ ତିଆରି ହେଉଛି । ମାଛି ବସୁଛି, କୁକୁର ଶୁଙ୍ଘୁଛି ଓ ଚାଟୁଛି, ଆଉ ମଣିଷ ଖାଉଛି । ଆଉ କେତେ ଜୀବନ ଗଲେ ଖାଦ୍ୟ ନିରାପତା ବିଭାଗର ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବ । ତେଣୁ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବୀ ହୋଇଛି । ଏହା ସହ ଏହି ବିଷାକ୍ତ ଖାଦ୍ୟ ସହ ଦର ଦାମ ବି କମ୍ ନୁହଁ । ବରା ଗୋଟାକୁ ୧୦ ଟଙ୍କା, ସିଙ୍ଗଡା ୧୦ ଟଙ୍କା, ଆଳୁଚପ ୧୦ ଟଙ୍କାରେ ବିକ୍ରି କରୁଛନ୍ତି । ପ୍ରଶ୍ନ କଲେ ଏହା ସଂଘର ନିଷ୍ପତି ବୋଲି ଉତର ମିଳୁଛି । ରାସ୍ତା କଡର ଦୋକାନ ଜିଏସଟି ନାହିଁ କି ଟେକ୍ସ ନାହିଁ ସ୍ପଷ୍ଟ ଦିବା ଲୋକରେ ଚାଲିଛି ଲୁଟ ୍। ଏପରି ଲୁଟ୍ ଚାଲିଥିବା ବେଳେ କୋରାପୁଟ ଜିଲା ପ୍ରଶାସନ ଦର ନିୟନ୍ତ୍ରଣ କରିବାରେ ମଧ୍ୟ ବିଫଳ ହୋଇଛି । ଜିଲାବାସୀ ନିଜ ଭାଗ୍ୟକୁ ଆଦରି ପଡିରହିଛନ୍ତି । ତେଣୁ ଜିଲା ପ୍ରଶାସନ ନିୟମିତ ବ୍ୟବଧାନରେ ଚଢଉ କରିବାକୁ ଜିଲାବାସୀ ଦାବି କରିଛନ୍ତି ।

# ନିଖୋଜ ଝିଅକୁ ସୁରକ୍ଷିତ ଉଦ୍ଧାର

ଗଞ୍ଜାମ,୧୦/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ନିମାଖଣ୍ଡି ଥାନା ପୋଲିସ ନିଖୋଜ ଝିଅକୁ ସୁରକ୍ଷିତ ଉଦ୍ଧାର କରିଛି। ନିମାଖଣ୍ଡି ଥାନା କେସ ନମ୍ବର ୨୮୨, ତାରିଖ ୦୫.୦୯.୨୦୨୬, ଧାରା ୧୩୭(୨) ବିଏନଏସ ଓ ଉଏମଏମଆର ନମ୍ବର ୬୨/୨୦୨୬ରେ ମାମଲା ରୁଜୁ ହୋଇଥିଲା। ପାଂଚ ସେପ୍ଟେମ୍ବର ଦିନ ୧୨ଟା ୪୦ରେ ବୋରିଗାଁ, ଖଣ୍ଡିଆ ସାହିର ଟୁକୁନା ସାହୁ(୫୪), ପିତା ସ୍ୱର୍ଗତ ଭୀମ ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଏସଆଇ ଶକ୍ତିମୟୀ ବେହେରା ଜାଣିବାକୁ ପାଇଲେ ଯେ ପୀଡିତା ଭବାନୀ ସାହୁ ବଂଟି ସାହୁ ସହ ଗାଁ ଛାଡିଛନ୍ତି। ସାତ ସେପ୍ଟେମ୍ବରରେ ବଂଟି ସାହୁ ପୀଡିତାର ଭାଇକୁ ଫୋନ କରି ସେ ବାଲିପଡା ଗ୍ରାମ, ବ୍ରହ୍ମପୁର ସଦର ଥାନା ଅଂଚଳରେ ଅଛନ୍ତି ବୋଲି ଜଣାଇଥିଲେ।ସାଇବର ସେଲ ସହାୟତାରେ ଟେକ୍ନିକାଲ ନଜର ରଖାଯାଇଥିଲା। ସୂଚନା ମିଳିବା ପରେ ଏସଆଇ ଶକ୍ତିମୟୀ ବେହେରା ବାଲିପଡା ଗ୍ରାମକୁ ଯାଇ ପୀଡିତାଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି।ଉଦ୍ଧାର ଝିଅକୁ ପୋଲିସ ସୁରକ୍ଷାରେ ରଖାଯାଇଛି, ଆଇନ ଅନୁଯାୟୀ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭୁଲ ରକ୍ତ ନମୁନା ରିପୋର୍ଟ ଅଭିଯୋଗ : ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି କର୍ମଚାରୀ

ଚମ୍ପୁଆ,୧୦/୦୯ (ନି.ପ୍ର): ଚମ୍ପୁଆ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଚମ୍ପୁଆ ସହର ଓ ଆଖପାଖ ରେ ଥିବା ଗ୍ରାମାଂଚଳ ସହିତ ପଡ଼ୋଶୀ ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ଅଂଚଳରୁ ଦୈନିକ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସି ଥାଆନ୍ତି। ଚିକିତ୍ସାଳୟରେ ଥିବା ଡାକ୍ତର ମାନେ ରୋଗୀଙ୍କୁ ଦେଖିବା ପରେ ଆବଶ୍ୟକ ସ୍ଥଳେ ରୋଗ ନିରୂପଣ କରିବା ପାଇଁ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥାନ୍ତି। ରକ୍ତ ନମୁନା ରିପୋର୍ଟ ଦେଖିବା ପରେ ଡାକ୍ତର ରୋଗୀଙ୍କୁ ରୋଗ ଅନୁସାରେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇ ଥାଆନ୍ତି। କିନ୍ତୁ ରକ୍ତ ନମୁନା ରିପୋର୍ଟରେ ଯଦି ଭୁଲ ରହିଲା ତେବେ ତ କଥା ସରିଲା। ଭୁଲ ରକ୍ତ ନମୁନା ରିପୋର୍ଟ ଅନୁସାରେ ଯଦି ଡାକ୍ତର ରୋଗୀଙ୍କୁ ଭୁଲ ଔଷଧ ଲେଖି ଦିଅନ୍ତି ତେବେ ରୋଗୀଙ୍କ ଜୀବନ ମଧ୍ୟ ଯାଇପାରେ। ଯଦି ଜୀବନ ନ ଗଲା ତେବେ ଅନ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ହୋଇପାରେ। ଠିକ୍ ଏପରି ଏକ ଘଟଣା ଘଟି ଯାଇଛି ଚମ୍ପୁଆ ନିବାସୀ ମନୋଜ କୁମାର ରାମଙ୍କ ସହିତ। ସୂଚନା ଅନୁସାରେ ମନୋଜଙ୍କ ସ୍ତ୍ରୀ ଭାବନା ରାମଙ୍କ ଦେହ ଅସୁସ୍ଥ ରହିବା ସହିତ ତାଙ୍କ ଦେହ ହାତ ବ୍ୟଥା ହେଉଥିଲା। ତେଣୁ ମନୋଜ ତାଙ୍କ ସ୍ତ୍ରୀଙ୍କୁ ନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ରୋଗୀଙ୍କୁ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଯେତେ ବେଳେ ରକ୍ତ ନମୁନା ରିପୋର୍ଟ ଆସିଲା ସେଥିରେ ସିରମ ୟୁରିଆ ୬୯ ଏମ.ଜି ଓ ସିରମ୍ କ୍ରେଟିନିନ ୪ ଏମ.ଜି ରହିଥିଲା। ମନୋଜ ଏହି ରିପୋର୍ଟ ଦେଖି ସନ୍ଦେହ ପ୍ରକାଶ କରିଥିଲେ। କାରଣ ଏପରି ରିପୋର୍ଟ ସାଧାରଣତଃ କିଡନୀ ଖରାପ ହେବାର ସଂକେତ ସୂଚାଇ ଥାଏ। ତେଣୁ ସେ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ଚମ୍ପୁଆରେ ଥିବା ଦୁଇଟି ଘରୋଇ ପାଥୋଲାବରେ ପୁନର୍ବାର ତାଙ୍କ ସ୍ତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ଦେଇଥିଲେ। ଗୋଟିଏ ପାଥୋଲାବ ରିପୋର୍ଟରେ ସିରମ ୟୁରିଆ ୨୦.୬ ଏମ.ଜି ଓ ସିରମ୍ କ୍ରେଟିନିନ ୭ ଏମ.ଜି ରହିଥିବା ବେଳେ ଅନ୍ୟ ପାଥୋଲାବ ରିପୋର୍ଟରେ ୟୁରିଆ ୨୧.୩ ଏମ.ଜି ଓ ସିରମ୍ କ୍ରେଟିନିନ ୯ ଏମ.ଜି ରହିଥିଲା। ଉକ୍ତ ଦୁଇଟି ରିପୋର୍ଟ ଅନୁସାରେ ରୋଗୀଙ୍କ କିଡନୀ ଠିକ୍ ଥିବା ଜଣା ପଡିଥିଲା। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରୁ ଭୁଲ୍ ରକ୍ତ ନମୁନା ରିପୋର୍ଟ ପାଇବା ନେଇ ସୁନିଶ୍ଚିତ ହେବା ପରେ ମନୋଜ କୁମାର ରାମ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ର ଏସ.ଡି.ଏମ.ଓ ଙ୍କୁ ରକ୍ତ ନମୁନା ପରୀକ୍ଷା କରିଥିବା କର୍ମଚାରୀଙ୍କ ବିରୋଧରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ସେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ନମୁନା ପରୀକ୍ଷାଗାରରେ ଅଭିଜ୍ଞ ଓ ଅନୁଭବ ସମ୍ପନ୍ନ କର୍ମଚାରୀ ନିୟୋଜିତ କରିବା ପାଇଁ ଦାବି କରିଛନ୍ତି। ଯେପରି ଭବିଷ୍ୟତରେ କେହି ତାଙ୍କ ପରି ଆର୍ଥିକ କ୍ଷତି ଓ ମାନସିକ ଯନ୍ତ୍ରଣାର ଶିକାର ନ ହୁଅନ୍ତୁ।

# ହାଣ୍ଡିଭଙ୍ଗା ଗ୍ରାମରେ ସଖୀ ୱାନ୍ ଷ୍ଟପ୍ ସେଂଟରର ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୧୦/୦୯ (ନି.ପ୍ର): ମହିଳା ଓ ବାଳିକାଙ୍କ ସୁରକ୍ଷା, ସହାୟତା ଏବଂ ସଶକ୍ତିକରଣ ଉଦ୍ଦେଶ୍ୟରେ ୱାନ୍ ଷ୍ଟପ୍ ସେଂଟର, କେନ୍ଦୁଝର ପକ୍ଷରୁ ଆଜି ସଦର ବ୍ଲକ୍ ଅନ୍ତର୍ଗତ ହାଣ୍ଡିଭଙ୍ଗା ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଖୀ ଓଏସ୍ସିର କେନ୍ଦ୍ର ପ୍ରଶାସକ ଶ୍ରୀମତୀ ସୁଜାତାରାଣୀ ପାଢ଼ୀ, କାଉନସେଲର ମିସ୍ ଦୀପିକା ନାୟକ ଏବଂ କେସ୍ ୱାର୍କର ମିସ୍ ତବସୁମ୍ ବେଗମ୍ ଯୋଗଦେଇଥିଲେ।

ଏହି ସଚେତନତା କାର୍ଯ୍ୟକ୍ରମରେ ଜିସିଆରପି, ସଭାପତି, ସମ୍ପାଦକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଇସି, ଏମବିକେ, ପିସି ଓ ଅନ୍ୟାନ୍ୟ ସମୁଦାୟ ପ୍ରତିନିଧିଙ୍କ ସମେତ ମୋଟ ୩୩ ଜଣ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ପରିଚାଳିକା ଶ୍ରୀମତୀ ସୁଜାତାରାଣୀ ପାଢ଼ୀ ସଖୀ ୱାନ୍ ଷ୍ଟପ୍ ସେଂଟରର ଉଦ୍ଦେଶ୍ୟ, କାର୍ଯ୍ୟ ଓ ମହିଳାମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସେବା ବିଷୟରେ ବିସ୍ତୃତ ଭାବେ ସଚେତନ କରିଥିଲେ। ହିଂସା, ନିର୍ଯାତନା, ଘରୋଇ ହିଂସା, ଯୌନ ଉତ୍ପୀଡ଼ନ ଆଦିର ଶିକାର ମହିଳା ଓ ବାଳିକାମାନଙ୍କୁ ସଖୀ ଓଏସ୍ସି ପକ୍ଷରୁ ମିଳୁଥିବା କାଉନସେଲିଂ, ଆଇନଗତ ସହାୟତା, ଚିକିତ୍ସା ସହାୟତା, ପୋଲିସ୍ ସହାୟତା, ଅସ୍ଥାୟୀ ଆଶ୍ରୟ ଓ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଧୈର୍ଯ୍ୟର ସହ ସଚେତନତାମୂଳକ ବକ୍ତବ୍ୟ ଶୁଣିବା ସହ ସଖୀ ଓଏସ୍ସିର କାର୍ଯ୍ୟପ୍ରଣାଳୀ ଓ ସେବା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ନିଜ ନିଜ ଅଂଚଳରେ ସଖୀ ଓଏସ୍ସିର ସେବା ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଏବଂ ଆବଶ୍ୟକ ସମୟରେ ମହିଳା ଓ ବାଳିକାମାନଙ୍କୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା।

କାର୍ଯ୍ୟକ୍ରମ ଶେଷରେ ମହିଳା ଓ ବାଳିକାଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସୁନିଶ୍ଚିତ କରିବା ସହ ତୃଣମୂଳ ସ୍ତରରେ ସଚେତନତା ଓ ସହଯୋଗକୁ ସୁଦୃଢ଼ କରିବା ପାଇଁ ଅଂଶଗ୍ରହଣକାରୀମାନେ ସଖୀ ଓଏସ୍ସି ସହ ସହଯୋଗ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

# ବ୍ରାହ୍ମଣ ମହାସଭା ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର,୧୦/୦୯ (ନି.ପ୍ର): ଯୋଗର୍ସ ପାର୍କ ନିକଟସ୍ଥ ପ୍ରସ୍ତାବିତ ପର୍ଶୁରାମ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୁଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଲିକା ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ପୌରସଂସ୍ଥା ଓ ବନ ବିଭାଗର ସମସ୍ତ କର୍ମଚାରୀ ବଲାଙ୍ଗିର, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ବୃନ୍ଦ ସକ୍ରିୟ ଭାବେ ଯୋଗଦାନ କରି ସହଯୋଗ କରିଥିଲେ । ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣବଲ୍ଲଭ ତ୍ରିପାଠ ଏବଂ ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଶ୍ରୀ ଆଚାର୍ଯ୍ୟ ଅତିଥିମାନଙ୍କୁ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରି ସମସ୍ତଙ୍କୁ ଅଧିକରୁ ଅଧିକ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଜଣାଇଥିଲେ । ଶେଷରେ ପରିବେଶ ସୁରକ୍ଷା ଓ ସବୁଜ ସମାଜ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା, କର୍ମକର୍ତା, କାର୍ଯ୍ୟକାରୀ ପରିଷଦ ସଦସ୍ୟ / ସଦସ୍ୟା, ସଭ୍ୟ/ସଭ୍ୟା ଗଣ ତଥା ଅତିଥି ବୃନ୍ଦ ଯଥା ଜୟରାମ ମିଶ୍ର, ଶିବ ଶଙ୍କର ଖୁଆସ, ଲୋକନାଥ ନେପାକ, ପର୍ଶୁରାମ ନାୟକ, ଶ୍ରୀକର ମିଶ୍ର, ନିଳାଚଳ ହୋତା, କିଶୋର ମୋହନ ମିଶ୍ର, କିଶୋର ପୁରୋହିତ, ସୁଶ୍ରୀ ରାଜଶ୍ରୀ ତ୍ରିପାଠୀ, ହଜାରୀ ମିଶ୍ର, ପ୍ରଭାକର ମିଶ୍ର, ନିହାରିକା ମିଶ୍ର, ସାଗରିକା ଗୁରୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଦିବାକର ହୋତା, ଜଗଦୀଶ ନାଥ, ସନ୍ତୋଷ ତ୍ରିପାଠୀ, ସୁବାଷ ଶତପଥୀ, କୃପାସିନ୍ଧୁ ମିଶ୍ର, ସିଦ୍ଧେଶ୍ୱର ମିଶ୍ର, ଅରୁଣ ମିଶ୍ର, ପଣ୍ଡିତ ସନ୍ତୋଷ ମିଶ୍ର, ସନ୍ତୋଷ ନନ୍ଦ, ରାମ ଶଙ୍କର ଶତପଥି, ହିମାଂଶୁ ଦାଶ ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରି ଉପରୋକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଉତ୍ସର୍ଗ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ନିର୍ବାଚନ

ସମ୍ବଲପୁର,୧୦/୦୯ (ନି.ପ୍ର): ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ହଲ ପରିସରରେ ଅଗ୍ରଣୀ ଉତ୍ସର୍ଗ ଅନୁଷ୍ଠାନର ସାଧାରଣ ପରିଷଦର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଅନୁଷ୍ଠାନକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ସଭ୍ୟ ଧୀରେଶ୍ୱର ଷଡ଼ଙ୍ଗୀ, ଲୋକନାଥ ପାଣ୍ଡେ,ବିଜୟ ପ୍ରଧାନ, ସୁବାଷ ନନ୍ଦ, ମୋହନ ଦାଶ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ପରେ ଆଗାମୀ ବର୍ଷ ପାଇଁ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ପ୍ରଶାନ୍ତ ପାଟଯୋଶୀ ସଭାପତି, ଜୟନ୍ତ ନନ୍ଦ ଉପସଭାପତି, ହରି ଶଙ୍କର ମେହେର ସମ୍ପାଦକ, ସନତ ବେହେରା ସହ ସମ୍ପାଦକ ଓ ଭାବଗ୍ରାହୀ ପଣ୍ଡା କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ସେହିପରି ଆମ୍ବୁଲାନ୍ସ ଦାୟିତ୍ୱରେ ରାଜେନ୍ଦ୍ର ମିଶ୍ର, ସମ୍ପୂର୍ଣ୍ଣ ଶରୀର ଦାନ ପାଇଁ ବିଜୟ ପ୍ରଧାନ, ଶିବ ପାଣିଗ୍ରାହୀ ଓ ଲକ୍ଷ୍ମଣ ପାଣିଗ୍ରାହୀ, ମେଡିକାଲ ସାମଗ୍ରୀ ପାଇଁ ମହେନ୍ଦ୍ର ମିଶ୍ର, କୁନା ଦାନୀ ଓ ରାଜେନ୍ଦ୍ର ମହାପାତ୍ର, ସ୍ୱାସ୍ଥ ଓ ଶିକ୍ଷା ପ୍ରକଳ୍ପ ପାଇଁ ସଂଜୀବ ମିଶ୍ର ଓ ପ୍ରିୟ ରଞ୍ଜନ ସାହୁ ଦାୟୀତ୍ୱ ଗ୍ରହଣ କରିଥିଲେ ।

# ଯୌତୁକ ନିଷେଧ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୧୦/୦୯ (ନି.ପ୍ର): ଆଜି ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯୌତୁକ ନିଷେଧ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଭବାନୀପାଟଣାସ୍ଥିତ ଷ୍ଟାଟିଷ୍ଟିକାଲ୍ ସମ୍ମିଳନୀ ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୃଣ୍ମୟୀ ନିଶା, ସମାଜ କଲ୍ୟାଣ ଅଧିକାରୀ ନିୟତି ବାଳା ସୋରେନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶ୍ରୀମତୀ ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ ବିଶ୍ୱନାଥ ଦାଶ ଉପସ୍ଥିତ ଥିଲେ । ଏହି ଅବସରରେ ତାଲିମଦାତା ଲକ୍ଷ୍ମୀପ୍ରିୟା ସାହୁ ଯୌତୁକ ନିଷେଧ ଆଇନର ବିଭିନ୍ନ ଦିଗ, ଯୌତୁକ ଦାବି ଓ ଗ୍ରହଣର ଆଇନଗତ ପରିଣାମ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଯୌତୁକ ପ୍ରଥା ବିରୋଧରେ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ପରିଚୟ ମିଳିଥିବା ଯୁବକର ମୃତଦେହ ହତ୍ୟା ନା ଆତ୍ମହତ୍ୟା ସନ୍ଦେହ

ବୈଶିଙ୍ଗା , ୧୦/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଗରଗଡ଼ିଆ ଉପକଣ୍ଠ ଧଡ଼ାସାହି ଜଙ୍ଗଲରୁ ଗତ ୪ ତାରିଖ ରାତିରେ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଘନୀଭୂତ ହେଉଥିବା ବେଳେ ଆଜି ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରିଛି । ମୃତକ ହେଉଛନ୍ତି ଏହି ଥାନା ଅର୍ନ୍ତଗତ ଯୁଗଳ ପଞ୍ଚାୟତର କଇଁଥା ଶାସନ ଗ୍ରାମର କାଲୁ ଦେହୁରୀଙ୍କ ୩୮ ବର୍ଷୀୟ ପୁଅ ଚନ୍ଦନ । ପେଶାରେ ସେ ରାଜମିସ୍ତ୍ରୀ । ତେବେ ଚନ୍ଦନଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ତାଙ୍କ ମୃତଦେହ ଧଡାସାହି ଜଙ୍ଗଲ ଭିତରକୁ କେମିତି ଗଲା ସେ ବାବଦରେ କୌଣସି ସୂଚନା ପୋଲିସକୁ ଏଯାଏ ମିଳି ପାରିନାହିଁ । ଗୁରୁବାର ସନ୍ଧ୍ୟାରେ ଧଡ଼ାସାହି ଜଙ୍ଗଲକୁ କାଠ ଓ ପତ୍ର ସଂଗ୍ରହ ପାଇଁ ଯାଇଥିବା କିଛି ସ୍ଥାନୀୟ ଲୋକ ଜଙ୍ଗଲ ଭିତରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବୈଶିଙ୍ଗା ପୋଲିସ ଗତ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମୃତକଙ୍କ ପରିଚୟ ମିଳିବା ପରେ ଏବେ ମୃତ୍ୟୁର କାରଣ ପୋଲିସ ଖୋଜୁଛି । ତେବେ ଅସମର୍ଥିତ ସୂତ୍ରରୁ ପ୍ରକାଶ, ଗ୍ରାମର କିଛି ଲୋକଙ୍କ କହିବାନୁଯାୟୀ ଚନ୍ଦନ ଙ୍କ ସ୍ତ୍ରୀ ସହିତ ଅନ୍ୟ ଜଣେ ପୁରୁଷ ର ସମ୍ପର୍କ ଥାଇପାରେ, ଏହି କାରଣରୁ ତାଙ୍କୁ ରାସ୍ତାରୁ ହଟାଇବାକୁ ଏଭଳି ଷଡଯନ୍ତ୍ର କରାଯାଇ ଥାଇ ପାରେ ।

# ଇସିଙ୍କୁ ନ୍ୟାୟ ଦେବା ପାଇଁ ଏକତ୍ରିତ ହେଲେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା

ବାଲିଆପାଳ , ୧୦/୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ନିଖିରା ଗ୍ରାମର ସ୍ୱୟଂ ସହାୟିକାରେ ଚାକିରି କରିଥିବା ଇସି ମେମ୍ବର ସବିତା ନନ୍ଦିଙ୍କୁ ତାଙ୍କ ସ୍ୱାମୀ ମାନସ କୁମାର ନନ୍ଦି ଏବଂ ଶାଶୁ ମଙ୍ଗଳବାର ଦିନ ରାତିରେ ମାଡ ମାରି ଲହୁ ଲୁହାଣ କରିଦେଇଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୈଣସି ପଦକ୍ଷେପ ନନେବାରୁ ବୁଧବାର ସ୍ୱୟଂ ସହାୟିକା ଗୋଷ୍ଠୀର ଜେଣ୍ଡର ସିଆରପି ଏବଂ ଇସି ମେମ୍ବର ମାନେ ଥାନାରେ ଏକତ୍ରିତ ହୋଇ ସବିତାଙ୍କୁ ନ୍ୟାୟ ଦେବା ପାଇଁ ଅଡ଼ି ବସିଥିଲେ। ବାଲିଆପାଳ ପୋଲିସ ସ୍ୱାମୀ ଏବଂ ଶାଶୁଙ୍କୁ ଥାନାକୁ ଡ଼କାଇ ବୁଝାସୁଝା କରିବା ପରେ ମଧ ସବିତାଙ୍କ ସ୍ୱାମୀ ସବିତାଙ୍କୁ ସାଙ୍ଗରେ ରଖିବେ ନାହଁ ବୋଲି ସ୍ପଷ୍ଟ ଭାବେ ମନା କହିଥିଲେ। ପରେ ବାଲିଆପାଳ ପୋଲିସ ସବିତାଙ୍କ ଅଭିଯୋଗକୁ ଆଧାର କରି କେସ ନମ୍ବର ୪୩୨/୨୬ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସୁଚନା ଥାଉ କି ୨୦୨୫ ରେ ଦୁଇ ପକ୍ଷର ଶାଶୁର ଅଭିଯୋଗ ଏବଂ ବୋହୂର ଅଭିଯୋଗ କ୍ରମେ ପୃଥକ ପୃଥକ ଭାବେ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା।

# ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ଆଇନ-୨୦୨୬....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ ୨୦୧୩-୧୪ ଆର୍ଥିକ ବର୍ଷରେ ୧୩,୫୮୬.୧୬ କୋଟି ପାଇଥିଲେ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ବୃଦ୍ଧି ପାଇ ୮୨,୩୬୬.୧୯ କୋଟିରେ ପହଁଚିଛି । ଏହା ବାରବର୍ଷ ମଧ୍ୟରେ ୧୬.୨୦ ପ୍ରତିଶତର ଏକ ଚକ୍ରବୃଦ୍ଧି ହାର। ୨୦୧୫-୧୬ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ, ରାଜ୍ୟଗୁଡ଼ିକୁ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପାଇଛନ୍ତି କିନ୍ତୁ କେନ୍ଦ୍ର କେବଳ ପ୍ରାୟ ୮୨,୦୦୦ କୋଟି ଟଙ୍କା ପାଇଛି ।

ଓଡ଼ିଶା ୨୦୧୫ ପୂର୍ବରୁ ୫୦୦୦ କୋଟି ଟଙ୍କା ପାଉଥିବା ବେଳେ ୨୦୧୫ ପରେ ୫୫୦୦୦ କୋଟି ଟଙ୍କା ପାଇଛି । ସଂଶୋଧିତ ଆଇନ ଏହି ସ୍ଥିତିକୁ ଅପରିବର୍ତ୍ତିତ ରଖିଛି ।

୨୦୧୫ରେ ପ୍ରଚଳିତ ନୂଆ ନିଲାମ ବ୍ୟବସ୍ଥା, ରାଜ୍ୟଗୁଡ଼ିକୁ ଏକ ସମ୍ପୂର୍ଣ୍ଣ ନୂତନ ନିଲାମ 'ପ୍ରିମିୟମ' ଦେଉଛି । ୨୦୧୫ ପରଠାରୁ, ରାଜ୍ୟଗୁଡ଼ିକ ୧୨୦୦ କାର୍ଯ୍ୟକ୍ଷମ ଖଣିରୁ ରୟାଲଟି ଭାବରେ ୨.୩୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି । କେବଳ ୧୦୦ ନିଲାମ ହୋଇଥିବା ଖଣିରୁ, ସେମାନେ ନିଲାମ ପ୍ରିମିୟମ ଭାବରେ ୯୬,୦୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଓଡ଼ିଶା, ଏହାର ୭୯ ନିଲାମ ହୋଇଥିବା ବ୍ଲକ୍ ମଧ୍ୟରୁ ୩୫ଟିକୁ କାର୍ଯ୍ୟକ୍ଷମ କରି, ୨୦୨୦-୨୧ ଏବଂ ୨୦୨୫-୨୬ ମଧ୍ୟରେ ପ୍ରାୟ ୮୭,୦୦୦ କୋଟି ଟଙ୍କା ପ୍ରିମିୟମ ଆୟ କରିଛି । ସେହିଭଳି ବାଲି, ପଥର, ମାଟି, ସିଲିକା, ଗ୍ରାନାଇଟ୍, ମାର୍ବଲ୍, ଜିପ୍‌ସମ୍, ଲାଟେରାଇଟ୍ ସମେତ ପ୍ରାୟ ୫୦ ଟି କ୍ଷୁଦ୍ର ଖଣିଜ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ସଂଶୋଧିତ ଆଇନର ଏଗୁଡ଼ିକ ଉପରେ କୌଣସି ପ୍ରଭାବ ନାହିଁ । ଏହା ଉପରେ ରାଜ୍ୟ କର୍ତ୍ତୃତ୍ୱ ପୂର୍ବପରି ଜାରି ରହିଛି । ତେଣୁ ମୁଖ୍ୟ କଥା ହେଲା , ଆଗକୁ ରାଜ୍ୟର ଖଣିଜ ସ୍ୱାର୍ଥରେ କ୍ଷତି ହେବ ନାହିଁ ବରଂ ଲାଭ ହେବ । ରାଜ୍ୟରେ ଅନେକ ଖଣିଜଭିତିକ ଶିଳ୍ପ ପ୍ରତିଷ୍ଠା ହେବ ଓ ଏହା ଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟ ଅଧିକ ଖଣିଜ ରାଜସ୍ୱ ପାଇବ । ଏହା ସ୍ପଷ୍ଟ ଯେ ରାଷ୍ଟ୍ରର ବିକାଶ ହେଲେହିଁ ରାଜ୍ୟର ବିକାଶ ହେବ ଏବଂ ରାଷ୍ଟ୍ରର ବିକାଶକୁ ଛାଡି ରାଜ୍ୟର ବିକାଶ ହୋଇପାରିବ ନାହିଁ । ବିକଶିତ ଓଡ଼ିଶା -୨୦୩୬ ଓ ବିକଶିତ ଭାରତ -୨୦୪୭ ସ୍ୱପ୍ନ ସାକାର ହେବା ଦିଗରେ ଏହି ସଂଶୋଧନ ସହାୟକ ହେବ । ଆଜି ଯେଉଁମାନେ ବିଲ୍‌ର ସଂଶୋଧନକୁ ସମାଲୋଚନା କରୁଛନ୍ତି ସେମାନେ ଓଡ଼ିଶାକୁ ୨୦୧୫ ପରେ ମିଳିଥିବା ଅଧିକ ଖଣିଜ ଆୟକୁ କିପରି ବେପରୁଆ ଓ ଦୁର୍ନୀତିଖୋର ଭାବେ ଖର୍ଚ୍ଚ କରୁଥିଲେ ତାହା ଉପରେ ସମୀକ୍ଷା କରିବା କଥା । ଅଧିକ ରାଜସ୍ୱ ଆସିବାପରେ ଏହାର କିପରି ସଦ୍‌ବିନିଯୋଗ ହୋଇ ଲୋକଙ୍କ ବିକାଶ ହେବ ତାହା ଉପରେ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ । କେବଳ ରାଜନୈତିକ ଉଦ୍ଦେଶ୍ୟରେ ଲୋକଙ୍କୁ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କଲେ ଲୋକେ କ୍ଷମା କରିବେ ନାହିଁ ।

ଭାରତର ସଂସଦ, ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ହୋଇଥିବାରୁ ଏହା ନିଜର ସାମ୍ବିଧାନିକ ତଥା ଆଇନଗତ ପରିଧି ଭିତରେ ଏମ୍‌ଏମ୍‌ଡିର ଆଇନର ସଂଶୋଧନ ଜନସାଧାରଣଙ୍କ ହିତରେ କରିଛି । ଖଣିଜ ସମ୍ପଦର ସୁରକ୍ଷା, ସ୍ୱଚ୍ଛ ଶାସନ, ନିବେଶର ବିସ୍ତାର, ଉତ୍ପାଦନ ବୃଦ୍ଧି ଓ ରାଜ୍ୟମାନଙ୍କର ରାଜସ୍ୱ ସୁରକ୍ଷା କହଇ ସମନ୍ୱିତ ଦୃଷ୍ଟିକୋଣ ହିଁ ବିକଶିତ ଭାରତର ମଜଭୁତ ଭିତିଭୂମି ହେବ ।

(ରାଜ୍ୟ ସାଧାରଣ ସମ୍ପାଦକ)
ଭାରତୀୟ ଜନତା ପାର୍ଟି, ଓଡ଼ିଶା
ଫୋନ୍ ନଂ - ୯୪୩୭୦୮୮୨୦୯

# ଜିଲ୍ଲାସ୍ତରୀୟ ଶକ୍ତି କ୍ଲବ୍ ତାଲିମ ଶିବିର ଅନୁଷ୍ଠିତ




ବାରିପଦା, ୧୦/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ସେଣ୍ଟର ଫର୍ ଏନଭାଇରନମେଣ୍ଟାଲ ଷ୍ଟଡିଜ୍‌ର ଯୁଗ୍ମ ଆନୁକୂଲ୍ୟରେ 'ଏନର୍ଜି କ୍ଲବ୍' ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଦୁଇଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦାସ୍ଥିତ ଏମ୍.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ଶକ୍ତିର ସୁବିନିଯୋଗ, ଅପଚୟ ରୋକିବା ଏବଂ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି ଉପରେ ତାଲିମରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରଥମ ଦିବସରେ ବାଙ୍ଗିରିପୋଷି, କୁଳିଅଣା, ଶାମାଖୁଣ୍ଟା, ସାରସକଣା, ବାରିପଦା ଓ ଶୁଳିଆପଦା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଏନର୍ଜି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିବାବେଳେ ଦ୍ୱିତୀୟ ଦିବସରେ ବଡ଼ସାହି, ବେତନଟୀ, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ତାଲିମ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା ଏବଂ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଗୌତମ କୁମାର ପାତ୍ର ଏବଂ ଜିଲ୍ଲା ସାଇନ୍ସ ସୁପରଭାଇଜର ଜ୍ଞାନରଞ୍ଜନ ଆଚାର୍ଯ୍ୟ ତାଲିମର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସହ ଦୈନନ୍ଦିନ ଜୀବନରେ ଶକ୍ତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସି.ଏଚ୍.ସି., ଉତ୍ତର ଓଡ଼ିଶା ଜୋନ୍‌ର ଡେପୁଟି ସେକ୍ରେଟାରୀ ରାଜେଶ ପ୍ରଧାନ, ଟାଟା ପାୱାରର ସୁପରିଟେଣ୍ଡିଂ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶକ୍ତି ସଂରକ୍ଷଣର ବିଭିନ୍ନ ମାଧ୍ୟମ ଓ ଉପାୟ, ବିଦ୍ୟୁତ୍ ଶକ୍ତିର ସଠିକ୍ ବିନିଯୋଗ ଏବଂ ଅପଚୟ ରୋକିବା ସମ୍ପର୍କରେ ବ୍ୟବହାରିକ ତଥ୍ୟ ଓ ଉପଦେଶ ପ୍ରଦାନ କରିଥିଲେ । ରାଜ୍ୟସ୍ତରରୁ ଯୋଗଦେଇଥିବା ପ୍ରୋଗ୍ରାମ ଅଫିସର ଡ. ସ୍ୱାଗତିକା ମିଶ୍ର ଏବଂ ପ୍ରୋଜେକ୍ଟ ଅଫିସର ଡ. ରାଜେଶ ମହାନ୍ତ ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ 'ଲାଇଫ୍' (ଲାଇଫଷ୍ଟାଇଲ୍ ଫୋର୍ ଇନଭିରନମେଣ୍ଟ)ର ଉଦ୍ଦେଶ୍ୟ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ମୟୂରଭଞ୍ଜ ଜିଲ୍ଲାର ଇକୋ-କ୍ଲବ୍ ମାଷ୍ଟର ଟ୍ରେନର ଡ. ରାମକାନ୍ତ ମହାନ୍ତ ଶକ୍ତି ସଂରକ୍ଷଣ ଓ ଏନର୍ଜି କ୍ଲବ୍ ପରିଚାଳନା ସମ୍ପର୍କିତ ନିଜର ଅଭିଜ୍ଞତା ଓ ନୂତନ ଚିନ୍ତାଧାରା ଅଂଶଗ୍ରହଣକାରୀଙ୍କ ସହ ବାଣ୍ଟିଥିଲେ । ବିଭିନ୍ନ ସମ୍ପଦ ତଥା ବିଷୟ ବିଶେଷଜ୍ଞ ବ୍ୟକ୍ତି ଶକ୍ତି ସଂରକ୍ଷଣର ବ୍ୟବହାରିକ ଦିଗ ସହ ବିଦ୍ୟାଳୟସ୍ତରରେ ଏନର୍ଜି କ୍ଲବ୍‌ର ସଫଳ ପରିଚାଳନା, କାର୍ଯ୍ୟକଳାପ ଏବଂ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣ ପ୍ରତି ସଚେତନ କରିବାର ସରଳ ଓ ପ୍ରଭାବଶାଳୀ ପଦ୍ଧତି ସମ୍ପର୍କରେ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ କରିଥିଲେ । ତାଲିମ କାର୍ଯ୍ୟକ୍ରମର ସୁପରିଚାଳନା ଓ ସଫଳ ଆୟୋଜନରେ ଏମ୍.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଜିଲ୍ଲା ଶିକ୍ଷା ବିଭାଗର କର୍ମଚାରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୫ ଓରାଙ୍ଗଉଟାନ୍ ଉଦ୍ଧାର ପରେ...

୫ଟି ଶାବକଙ୍କ ପଛରେ ସେମାନଙ୍କ ମାଆମାନେ କେଉଁଠି, ଏହାକୁ ନେଇ ମଧ ପ୍ରଶ୍ନ ଉଠିଛି । ମାଆମାନଙ୍କୁ ହଟାଇ ଶାବକଙ୍କୁ ଚୋରାଚାଲାଣ କରାଯାଇଛି କି? ନା ବେଆଇନ୍ ବ୍ରିଡିଂ କରି ସ୍ମଗଲିଂ ପାଇଁ ପ୍ରସ୍ତୁତ କରାଯାଇଥିଲା ? ଏସବୁ ଦିଗରେ ଖୋଳତାଡ଼ ଚାଲିଛି । ବିଚିତ୍ରପୁର ପରେ ଏବେ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଉପରେ ଝଞ୍ଜରର ନଜର । ଉଦୟପୁର ବର୍ଡରରେ ପହଞ୍ଚି ତଦନ୍ତ କରିଛି ଟିମ୍ । ପଶ୍ଚିମବଙ୍ଗ ପୁଲିସ ସହ ଆଲୋଚନା କରିବା ସହ ପ୍ରାୟ ୪୦ଟି ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଛି । ବିଶେଷକରି ସିସିଟିଭି ରେ ଦେଖାଯାଇଥିବା ଥାର୍ ଗାଡ଼ି ଏବେ ତଦନ୍ତର ଫୋକସରେ । ଗାଡ଼ିଟି କାହାର ଏବଂ ଓରାଙ୍ଗଉଟାନ୍ ଚୋରାଚାଲାଣ ସହ ଏହାର କୌଣସି ସମ୍ପର୍କ ଅଛି କି, ତାହା ଖୋଜୁଛି ଝଞ୍ଜର । ତଦନ୍ତକୁ ଆହୁରି ଜୋରଦାର କରିବାକୁ କୋଲକାତା ଓ ଭୋପାଳରୁ ସ୍ୱତନ୍ତ୍ର ଟିମ୍ ଓଡ଼ିଶାରେ ପହଞ୍ଚୁଛି । ଥାଇଲାଣ୍ଡ, ମାଲେସିଆ ଓ ଇଣ୍ଡୋନେସିଆ ସହ ଲିଙ୍କ୍‌ର ସନ୍ଦେହ ଥିବାରୁ ଆବଶ୍ୟକ ପଡ଼ିଲେ ଇଣ୍ଟରପୋଲର ସହାୟତା ନିଆଯାଇପାରେ । ସେପଟେ ଯେଉଁ ଜଙ୍ଗଲରୁ ୫ ଓରାଙ୍ଗଉଟାନ୍ ଉଦ୍ଧାର ହୋଇଥିଲେ, ସେହି ଅଞ୍ଚଳକୁ ତାରବାଡ଼ ଦେଇ ଘେରାଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରିଛି ବନ ବିଭାଗ । ଘଟଣାସ୍ଥଳରୁ ଏକ ମାସ୍କ ମଧ ମିଳିଛି । ଏବେ ଅପେକ୍ଷା, କେବେ ଖୋଲିବ ବିଚିତ୍ରପୁର ଜଙ୍ଗଲରୁ ୫ ଓରାଙ୍ଗଉଟାନ୍ ଉଦ୍ଧାର ପଛର ସମ୍ପୂର୍ଣ୍ଣ ରହସ୍ୟ ।

### ଚୀନ୍‌କୁ ରୋକିବାକୁ ...

ଭାବରେ ଛିଡ଼ା ହେବ ବୋଲି ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଗସ୍ତ ପରେ ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ୍ ଏହି ଦୁଇ ଦେଶ ଗସ୍ତ କରି ସାମରିକ ସହଯୋଗକୁ ଆଗକୁ ନେଉଛନ୍ତି । ଏହାସହ ରାଜସ୍ଥାନର ଯୋଧପୁରଠାରେ ଭାରତୀୟ ଓ ଜାପାନ ବାୟୁସେନା ମଧ୍ୟରେ ୧୪ ଦିନିଆ ଯୁଗ୍ମ ସାମରିକ ଅଭ୍ୟାସ 'ବୀର ଗାର୍ଡିଆନ୍-୨୦୨୬' ଆରମ୍ଭ ହୋଇଛି, ଯେଉଁଥିରେ ତେଜସ୍, ସୁଖୋଇ-୩୦, ରାଫାଲ୍ ଏବଂ ଜାପାନର ଏଫ୍-୨ଏ ଫାଇଟର ଜେଟ୍ ଭାଗ ନେଉଛନ୍ତି । ଏହି ସମସ୍ତ ପଦକ୍ଷେପ ଇଣ୍ଡୋ-ପ୍ୟାସିଫିକ୍ କ୍ଷେତ୍ରରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଭାରତର ପ୍ରଚେଷ୍ଟାକୁ ଦର୍ଶାଉଛି ।

### ୫୦ ହଜାର ଲାଞ୍ଚ ...

କରିବା ଅଭିଯୋଗରେ କଟକ ଜିଲ୍ଲା ଆଠଗଡ଼ର ପୂର୍ବତନ ଫରେଷ୍ଟର ଆଶିଷ ନାଏକଙ୍କୁ ଗୁରୁବାର ଗିରଫ କରିଛି ଭିଜିଲାନ୍ସ। ସେ ଏବେ କଟକ ସ୍ଥିତ ଡିଏଫଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଥିବା ବେଳେ ଆବଶ୍ୟକ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଶ୍ରୀ ନାଏକ ଜାଲ୍ ବିଲ୍ ଦାଖଲ କରି ୭ ଲକ୍ଷ ୪୧ ହଜାର ୨୯୭ ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଆଠଗଡ଼ ସଦର ସେକ୍ସନ ଅଧୀନସ୍ଥ କୁଲେଇଲୋ ବିଟ୍ ଏବଂ ସଦର ବିଟ୍‌ରେ ୨୦୨୫-୨୬ ବର୍ଷର ସହାୟକ ପ୍ରାକୃତିକ ପୁନରୁଦ୍ଧାର ରୋପଣ ପ୍ରକଳ୍ପ ପାଇଁ କାମ୍ପା ଯୋଜନା ଅଧୀନରେ ଏହି ଜାଲ୍ ବିଲ୍ ସବୁ ପ୍ରସ୍ତୁତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଶ୍ରୀ ନାୟକ ୧୧,୩୭୬ଟି ଚାରାରୋପଣ ଆଦୌ ନକରି, ସେଗୁଡ଼ିକର କାର୍ଯ୍ୟାନ୍ୱୟନ ଦର୍ଶାଇ ମିଥ୍ୟା ଦାବି କରିଥିଲେ ଏବଂ ଅର୍ଥ ଉଠାଇ ନେଇଥିଲେ। ଫଳରେ ସରକାରୀ ରାଜକୋଷର ୭,୪୧,୨୯୭ ଟଙ୍କା କ୍ଷତି ଘଟିଛି।

### ଉପମୁଖ୍ୟମନ୍ତ୍ରୀ ପଦର ...

ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ (ଚିଫ ମିନିଷ୍ଟର ଆଣ୍ଡ କାଉନସିଲ ଅଫ ମିନିଷ୍ଟରସ)ଙ୍କୁ ସମ୍ବିଧାନର ଧାରା ୧୬୩ ଓ ୧୬୪ ସ୍ୱୀକୃତି ଦେଇଛି। କିନ୍ତୁ ଉପମୁଖ୍ୟମନ୍ତ୍ରୀ ଭଳି ସ୍ୱତନ୍ତ୍ର ସାମ୍ବିଧାନିକ ପଦ ପ୍ରସଂଗରେ ସାମ୍ବିଧାନରେ କିଛି ବ୍ୟବସ୍ଥା ନାହିଁ ବୋଲି ଦର୍ଶାଇ ଏହି ଆବେଦନ ଦାୟର ହୋଇଥିଲା। କିନ୍ତୁ ଉପମୁଖ୍ୟମନ୍ତ୍ରୀ ପଦରେ ନିଯୁକ୍ତ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବେ ବିଭିନ୍ନ ସୁବିଧା ଓ ପ୍ରୋଟୋକଲ ପ୍ରଦାନ କରାଯାଉଛି। ସମ୍ବିଧାନ ଉପମୁଖ୍ୟମନ୍ତ୍ରୀ ପଦକୁ ସ୍ୱୀକୃତି ଦେଉ ନଥିବା ବେଳେ ଓଡ଼ିଶାରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବର୍ଣ୍ଣନାତ୍ମକ ପଦବି 'ଉପମୁଖ୍ୟମନ୍ତ୍ରୀ' କୌଣସି ପୃଥକ ସାମ୍ବିଧାନିକ ପଦ ବା ମନ୍ତ୍ରୀ ପରିଷଦର ମନ୍ତ୍ରୀଙ୍କ ଠାରୁ ଉର୍ଦ୍ଧ୍ୱ ପଦ ନୁହେଁ ବୋଲି ଘୋଷଣା କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପଦବିଟି ମନ୍ତ୍ରୀ ପରିଷଦର ଜଣେ ଅନୁରୂପ ଓ ଏହା ମୁଖ୍ୟମନ୍ତ୍ରୀଙ୍କ କୌଣସି କ୍ଷମତା ପ୍ରଦାନ କରେ ନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

# ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଏକତ୍ରିତ ହେଲେ ପଞ୍ଚାୟତବାସୀ: ନିଶାଡିଙ୍କ ଉତ୍ପାତରେ ଅତିଷ୍ଠ ଲୋକେ




ବାଲିଆପାଳ , ୧୦/୯ (ନି.ପ୍ର):) ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆ ପଞ୍ଚାୟତର ଥିବା ପ୍ରତ୍ୟେକ ଗାଁର ର ଗଳିକନ୍ଦିରେ ବର୍ତ୍ତମାନ ଛୁଆ ଠାରୁ ବୁଢ଼ା ପର୍ଯ୍ୟନ୍ତ ନିଶାଗ୍ରସ୍ତ ଅବସ୍ଥାରେ। ବିପଥଗାମୀ ଯୁବପିଢ଼ୀ । ସ୍କୁଲ ପିଲା ଖାଇଲେଣି ନିଶା। ତାଛଡା ଯୁବକ ଥିବା ଅବସ୍ଥାରେ ଯୋଉ ମାନେ ନିଶା ଦ୍ରବ୍ୟ କଣ ଜାଣିନଥଲେ ସେମାନେ ବୟସର ଅପରାହ୍ନରେ ଖାଉଛନ୍ତି ନିଶା। ଚିନ୍ତାରେ ପଡିଲେଣି ପରିବାର ବାପା,ମା, ସ୍ତ୍ରୀ । ଗାଁ ହାଟ ପିଣ୍ଡି ,ଚା ଦୋକାନ, ସ୍କୁଲ ପାଖ ଦୋକାନ ହେଉ କି ମନ୍ଦିର ପାଖରେ ୫୦ ଉର୍ଦ୍ଧ୍ୱ ସ୍ଥାନରେ ଖୁଲମଖୁଲା ଚାଲିଛି ଦେଶୀ , ବିଦେଶୀ ମଦ ସାଙ୍ଗକୁ ଧଳାଜହର ବ୍ୟବସାୟ। ବାଲିଆପାଳ ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ନିଶାବେପାରୀ ବେଶ ସୁହାଉଛି ପ୍ରଶାସନ ଓ ନିଶା ମାଫିଆ ଙ୍କ ମଧୁ ଚନ୍ଦ୍ରିକାରେ ବେଧଡକ ଭାବେ ଚାଲିଛି ବେପାର ବିଶେଷ କରି ନରାଛକ ଠାରେ ଥିବା ପାଞ୍ଚଟି ଚୋରା ମଦ ଭାଟି ଯୋଗୁଁ ଅତିଷ୍ଠ ହେଲେଣି ଗ୍ରାମବାସୀ। ଆଗରୁ ସନ୍ଧ୍ୟା ପରେ ଗାଁ ଦାଣ୍ଡରେ, ଛକ ବଜାରରେ ମଦୁଆ ଙ୍କ ଭିଡ ଜମୁଥିଲା। ଏବେ ଦିନ ଦ୍ୱିପ୍ରହରରେ ମଧ ନିଶାରେ ଟୁର ହୋଇ ରହୁଛନ୍ତି ନିଶାଖୋର ମାନେ । ଫଳରେ ମାରପିଟ୍, ଚୋରି, ଛିନ୍ନତାଇ, ଡକାୟତି ଭଳି ଅସାମାଜିକ କାର୍ଯ୍ୟ ବଢ଼ି ବଢ଼ି ଚାଲିଛି। ସବୁଠାରୁ ବଡ଼ କଥା ହେଲା ସ୍କୁଲ କଲେଜ ପିଲା ପାଠ ଛାଡି ଧଳା ଜହର ଜାଲରେ ପଡି ଭବିଷ୍ୟତ ନଷ୍ଟ କରୁଛନ୍ତି। ଝିଅ ବୋହୂ ଘରୁ ବାହାରିବାକୁ ଡରୁଛନ୍ତି। ଯଦି ଏଭଳି ପରିସ୍ଥିତି ଆଗକୁ ବଢ଼ି ବଢ଼ି ଚାଲିବ ପଞ୍ଚାୟତ ବାସୀଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହେଇ ଯିବା ସୁନିଶ୍ଚିତ। ଲୋକ ଦେଖାଣିଆ ପାଇଁ ଅବକାରୀ ବିଭାଗ ଥରେ କି ଦୁଇ ଥର ମଦ ଭାଟିରେ ଚଢ଼ାଉ କରି ଦୋକାନୀ କୁ ଗିରଫ କରି ପୁଣି ଦୁଇ ଦିନ ପରେ ମୋଟା ଅଙ୍କର ଅର୍ଥ ନେଇ ଛାଡିଦେବାରୁ ଏହି ସବୁ ସମସ୍ୟା ଉପୁଜିଛି। ପୋଲିସର ପେଟ୍ରୋଲିଙ୍ଗ ଗାଡ଼ି ଦିନେ ହେଲେ ବି ଗ୍ରାମବାସୀ ଦେଖିନାହାନ୍ତି । ଏନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଗୁରୁବାର ନାରାୟଣସ୍ୱର ମନ୍ଦିର ପରିସରରେ ବେତଗଡିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ ଗିରିଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଚୋରା ମଦ ଏବଂ ଧଳାଜହର ବାରବାର କୁ ବନ୍ଦ କରିବା ପାଇଁ ସରକାର ଏବଂ ପ୍ରଶାସନକୁ ନିବେଦନ କରିଛନ୍ତି । ଏହି ସଭାରେ ସମିତି ସଦସ୍ୟ ରାଜିବ ରାୟ, ଅଶ୍ୱିନୀ ବାଡି, ଅଭିରାମ ପଢିଆରୀ, ଶାନ୍ତି ପଦ ରାୟ, ଆରତୀ ମଣ୍ଡଳ,ମାମି ବେହୁରୀ,ପୂଜା ବେହୁରୀ , ସୁଚିତ୍ରା ପ୍ରଧାନ, ଆରତୀ ମଣ୍ଡଳ,ସୁକାନ୍ତ ପଢ଼ିହାରି,ନିର୍ମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆରୁହା ହରପ୍ରସାଦ ଏକାଡେମୀରେ ଆନନ୍ଦ ମାର୍ଗ ପକ୍ଷରୁ ଯୋଗଶିକ୍ଷା ଶିବିର ଅନୁଷ୍ଠିତ




ଜଳେଶ୍ୱର, ୧୦/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ହରପ୍ରସାଦ ଏକାଡେମୀ ପରିସରରେ ଆନନ୍ଦ ମାର୍ଗ ପକ୍ଷରୁ ଏକ ଯୋଗଶିକ୍ଷା ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ ମାର୍ଗର ମାର୍ଗୀ ପ୍ରଦୀପ ସିଂହଙ୍କ ନିଷ୍ଠାପର ଉଦ୍ୟମରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦ ମାର୍ଗର ବରିଷ୍ଠ ସନ୍ନ୍ୟାସୀ ତଥା ଅଭିଜ୍ଞ ଆଚାର୍ଯ୍ୟ ଜୟକୃଷ୍ଣ ନନ୍ଦ ଅବଧୂତ ଅଧକ୍ଷତା କରିବା ସହ ଯୋଗର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।ସେ କହିଥିଲେ ଯେ,ଏକ ସୁସ୍ଥ ଶରୀର ଓ ନିରୋଗ ମନ ଗଠନ ପାଇଁ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ବିଶେଷ କରି ଶିକ୍ଷା ଓ ଦୀକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ଯୋଗ ଅଭ୍ୟାସ ବିଶେଷ ସହାୟକ ହୋଇଥାଏ। ତେଣୁ ପ୍ରତ୍ୟେକ ଶିକ୍ଷାର୍ଥୀ,ଶିକ୍ଷକ-ଶିକ୍ଷୟିତ୍ରୀ ଓ ସାଧାରଣ ଜନସାଧାରଣ ନିୟମିତ ଭାବେ ଯୋଗାଭ୍ୟାସ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ସମାବେଶରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ଦାସ, ଶିକ୍ଷକ ବିଶ୍ୱରଞ୍ଜନ ସିଂହ ଓ ଶିକ୍ଷୟିତ୍ରୀ ନିବେଦିତା ଜେନା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଆଚାର୍ଯ୍ୟ ଶୁଦ୍ଧ ଶିଳା ଅବଧୂତ ଉପସ୍ଥିତ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ଟିକାଲ ଯୋଗଶିକ୍ଷା ଓ ପ୍ରାଣାୟାମ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ଦାସ ଆନନ୍ଦ ମାର୍ଗର ଆଚାର୍ଯ୍ୟ, ମାର୍ଗୀ ଓ ଉପସ୍ଥିତ ସମସ୍ତ ଗୁରୁଜନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଘାଯତିନଙ୍କ ୧୧୧ ତମ ସ୍ମୃତି ଦିବସ ମହାସମାରୋହରେ ପାଳିତ




ବାଲେଶ୍ୱର , ୧୦/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀ ବାଳିକା ବିଦ୍ୟାଳୟ ସହିଦ ବାଘାଯତିନଙ୍କ ୧୧୧ ତମ ସ୍ମୃତି ଦିବସ ସଭାପତି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ , ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ , କାର୍ଯ୍ୟ କାରୀ ସଭାପତି ସୁରଜିତ ଦେବ , ସାଧାରଣ ସମ୍ପାଦକ ହରେନ୍ ଚନ୍ଦ୍ର ରଣା, ଉପସଭାପତି ଅର୍ଚ୍ଚନା ନନ୍ଦୀ , ଉପସଭାପତି ଅପର୍ଣ୍ଣା ମହାପାତ୍ର , ରକ୍ତ ତୀର୍ଥ ଯାତ୍ରୀ ବେଙ୍ଗଲରୁ ଆସିଥିବା ସଭାପତି ପ୍ରବଳ ଚକ୍ରବର୍ତ୍ତୀ , ସମ୍ପାଦକ ସୁଜିତ୍ ଭୌମିକ , ବିଜେପି ଯୁବନେତା ସମାଜ ସେବୀ ଗୌରାଙ୍ଗ ଦାସ , ବିଜେପିର ଯୁବନେତା ଚନ୍ଦ୍ରକାନ୍ତ ବାବୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ସାଂସଦ ପ୍ରତାପ ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରମ୍ ସମସ୍ତେ ବୋଲିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନେ ବାଘଯତିନ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ବାଘଯତିନ ଅମର ଆତ୍ମା ସତ୍ ଗତି ପାଇଁ ପୋଲିସ କର୍ମଚାରି ଦ୍ୱାରା ଗାର୍ଡ ଅଫ ଅନର ଦିଆଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସଭାପତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତାଙ୍କ ବକ୍ତବ୍ୟରେ ବଘାଯତିନ ଙ୍କ ଜୀବନୀ ଗୁଣ ଗାନ କରିବା ସଙ୍ଗେ ସଙ୍ଗେ ସହିଦ ବାଘାଯତୀନ ଙ୍କ ପାଇଁ ଏକ ମ୍ୟୁଜିଅମ୍ ହେବ ବୋଲି କହିଥିଲେ । ଦେଶ ଓ ଦେଶ ବାହାରୁ ଲୋକେ ଏହାକୁ ଦେଖି ଆମର ପୂର୍ବ ପୁରୁଷ କଥା ଜାଣି ପାରିବେ ବୋଲି କହିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ସୁରଜିତ ଦେବ ତାଙ୍କ ବକ୍ତବ୍ୟରେ କହିଥିଲେ ବାଘାଯତିନ ପିଲାଦିନେ ବାଘ ସହିତ ଲଢେଇ କରିଥିଲେ । ଶେଷରେ ସେ ଯୁଦ୍ଧ କରି କ୍ଷତ ବିକ୍ଷତ ଅବସ୍ଥାରେ ଧରାପଡ଼ି ବାରବାଟୀ ବାଳିକା ବିଦ୍ୟାଳୟ ପରିସରରେ ଚିକିତ୍ସିତ ହେଉଥିଲେ । ସେତେ ବେଳେ ବାରବାଟୀ ବାଳିକା ବିଦ୍ୟାଳୟ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଥିଲା । ତାଙ୍କର ଚେତା ଫେରିବାରୁ ଦେହର କ୍ଷତ ବିକ୍ଷତ ହୋଇଥିବା ସ୍ଥାନରେ ବେଣ୍ଡିସ ଗୁଡ଼ିକ ଛିଡାଇ ଦେଇଥିଲେ । ସେ କହିଥିଲେ ମୁଁ ଗୋଟିଏ ବିପ୍ଳବୀ ମରିଯିବି ସତ ମୋ ରକ୍ତରେ କୋଟିଏ ବିପ୍ଳବୀ ଜନ୍ମନେବେ ଇଂରେଜ୍ ବିରୁଦ୍ଧରେ ଲଢେଇ କରିବେ । ଶେଷରେ ଇଂରେଜ ମାନେ ଦେଶରୁ ଯିବେ ବୋଲି କହିଥିଲେ। ସମ୍ମାନୀୟ ଅତିଥି ବିଧାୟକ ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ବୀର ବାଘାଯତିନ୍ ଦେଶ ପାଇଁ ନିଜର ଜୀବନ ବଳି ଦାନ ଦେଇଥିବାରୁ ତାଙ୍କୁ ଶତ ଶତ ପ୍ରଣାମ ବୋଲି କହିବା ସଙ୍ଗେ ସଙ୍ଗେ ବାଳିକା ବିଦ୍ୟାଳୟ ରେ ବାଘାଯତିନଙ୍କୁ ମନେ ରଖିବା ପାଇଁ ଏକ ମ୍ୟୁଜିଅମ୍ ଓ ତାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ନିଶ୍ଚିତ ହେବ ବୋଲି କହିଥିଲେ। ସେହିପରି ଅନ୍ୟ ସମ୍ମାନୀୟ ଅତିଥି ମାନେ ବାଘଯତିନଙ୍କ ଜୀବନୀ ବିଷୟରେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟରେ ପିଲାମାନଙ୍କର ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା । କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଅପର୍ଣ୍ଣା କର , ଶତ୍ରୁଘନ ମଲ୍ଲିକ ,ଯଶୋଦା ନନ୍ଦନ ଆଶ , ବିଭୂ ପଦ୍ ଦାସ, ଗୋପାମୁଦ୍ରା ମହାପାତ୍ର , ପଦ୍ମଲୋଚନ ଲେଙ୍କା , ଆଶ୍ରୀତା ତରେଇ , ଆଶା ଲତା ବାଡ଼ି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ ନିମନ୍ତେ ପଞ୍ଜୀକୃତ ବ୍ୟବସ୍ଥା

ଖୋରଧା , ୧୦/୯ (ନି.ପ୍ର): ଓଡ଼ିଶା ସରକାର, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଅଗ୍ରଣୀ ଯୋଜନା ରବ୍ୟାପକ ପ୍ରଚାର ଓ ପ୍ରସାର ସହ ସମସ୍ତ ଜନସାଧାରଣ ଏବଂ ତତ୍ ସହିତ ଯୋଜନାର ଉଦ୍ଦିଷ୍ଟ ହିତାଧିକାରୀ ମାନେ ଯୋଜନାର ସୁଫଳ ନେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଜିଲ୍ଲାର ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ ମାନଙ୍କ ଏକ ଡାଟା ବେଶ୍ ପ୍ରସ୍ତୁତ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ସମସ୍ତ ସରକାରୀ ଯୋଜନାର,ତଥ୍ୟ, ସୂଚନା ,ଯୋଜନା ର ସଂପୃକ୍ତ ହୋଇ ପାରିବା ହିତାଧିକାରୀଙ୍କ ମାନଙ୍କ ସବିଶେଷ ତଥ୍ୟ ସୁଚାରୁ ରୂପେ, କମ୍ ସମୟ ମଧ୍ୟରେ ବିସ୍ତାରିତ ଓ ପ୍ରସାରଣ କରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ ଖୋରଧା ଜିଲ୍ଲାର ୬ ଗୋଟି ବ୍ଲକ ରେ ଯଥା ଖୋରଧା, ବେଗୁନିଆ ,ବୋଲଗଡ଼, ଟାଙ୍ଗୀ, ଚିଲିକା, ବାଣପୁର ବ୍ଲକରେ ଏବଂ ଜିଲ୍ଲା ସଦର ମହକୁମାରେ ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ୍ ମାନଙ୍କୁ ଅନୁରୋଧ କରାଯାଇଅଛି ସେମାନଙ୍କର ବିସ୍ତୃତ ସୂଚନା ଏବଂ ଦରଖାସ୍ତ ତଥା ଆବଶ୍ୟକ ପ୍ରମାଣ ପତ୍ର, ମୋବାଇଲ ନମ୍ବର, ଇ ମେଲ୍ ଠିକଣା ସହ ଆସନ୍ତା କାଲି ଅର୍ଥାତ୍ ତା ୧୦.୦୯.୨୦୨୬ ରିଖ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଖୋରଧା ଠାରେ କିମ୍ବା କାର୍ଯ୍ୟାଳୟ ଆଇ ମେଲ୍ **dipro khordha 1@ gmail.com**ରେ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିବା ପାଇଁ ଜଣାଇ ଦିଆଗଲା ।



# ପିକ୍ ଅପ-ବାଇକ ଦୁର୍ଘଟଣାରେ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ





ବୈଶିଙ୍ଗା , ୧୦/୯ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ରୁପ୍ସା ରାସ୍ତାର କଦଳିଆ ନିକଟରେ ବୁଧବାର ରାତି ୮ ଘଟିକା ସମୟରେ ଗୋଟିଏ ବାଇକ ରେ ସ୍ୱାମୀ ସ୍ତ୍ରୀ ଦୁହେଁ ଆସୁଥିବା ବେଳେ ଏକ ଅଜଣା ପିକ୍ ଅପ୍ ଗାଡି ଧକ୍କା ଦେଇ ଦୃତ ଗତିରେ ରୁପ୍ସା ଦିଗରେ ପଳାଇ ଯାଇଥିଲା । ସଙ୍ଗେ ସଙ୍ଗେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ନେଇ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇଥିଲେ । ଖବର ରୁ ପ୍ରକାଶ ବଡସାହି ଥାନା ଅନ୍ତର୍ଗତ କେନ୍ଦୁଡିହା ଗ୍ରାମର ରମେଶ ବେହେରା(୫୫) ତାଙ୍କ ସ୍ତ୍ରୀ ଯଶୋଦା ବେହେରା(୪୫) ନିଜର ବାଇକ ନଂ ଓ ଆର ୧୧ଏଫ୍-୧୩୦୧ ରେ ନିଜ ଘରକୁ ଫେରୁଥିଲେ। କଦଳିଆ ନିକଟରେ ତାଙ୍କୁ ଏକ ପିକ୍ ଅପ୍ ଧକ୍କା ଦେଇ ପଳାଇ ଯାଇଥିଲା । ବୈଶିଙ୍ଗା ହସ୍ପିଟାଲ ରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାମୀ ରମେଶ ଙ୍କର ଗୋଡ ଭାଙ୍ଗି ଗୁରୁତର ହୋଇ ଯାଇଥିବାରୁ ବାଲେଶ୍ୱର ରେଫର କରାଯାଇଥିବା ଜଣା ଯାଇଛି । ତେବେ ବୈଶିଙ୍ଗା ପୋଲିସ ବିଳମ୍ବରେ ଖବର ପାଇ ଘଟଣା ସ୍ଥଳରୁ ବାଇକ ଉଦ୍ଧାର କରିବା ସହିତ ହସ୍ପିଟାଲ ଯାଇ ତଦନ୍ତ କରିଥିବା ଜଣା ଯାଇଛି ।

# ମେଘାସନ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ଉତ୍ସବ




ଉଦଳା , ୧୦/୯ (ନି.ପ୍ର): ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଚଳିତ ବର୍ଷ ନୂଆକରି ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଚଳିତ ସେପ୍ଟେମ୍ବର ୮ ତାରିଖ ମଙ୍ଗଳବାରଦିନ ବେଶ ଆନନ୍ଦଉଲ୍ଲାସ ମଧ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଯେଉଁ ଆନନ୍ଦ ଅନୁଭୁତ ହୋଇଥାଏ ଖୁବ୍ ଆବେଗତର ସହିତ ବ୍ୟକ୍ତ କରିଥିଲେ । ଏହାପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ଶଙ୍ଖ ବଜାଇ ବେଦମନ୍ତ୍ର ଉଚାରଣ ପୂର୍ବକ ମଂଚାସୀନ ସମସ୍ତ ଅତିଥି ପୂଜାର୍ଚ୍ଚନା କରିଥିଲେ । ପରେ ବିଗତ ବର୍ଷର ଛାତ୍ର ଛାତ୍ରୀ ମାନେ ନବାଗତ ଭାଇ ଭଉଣୀ ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସ୍ୱାଗତ ଜଣାଇଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧାପିକା ଡ଼. ଶୁଭଦର୍ଶନି ମହାନ୍ତି ଆୟୋଜିତ ସାଧାରଣ ସଭାରେ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓଡ଼ିଆ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ପ୍ରାଧାପକ ଡ଼. ନିରଂଜନ ପାଠୀ ଓଡ଼ିଆ ଭାଷା ସାହିତ୍ୟରେ ଥିବା ସ୍ୱତନ୍ତ୍ର ମହକ କିପରି ବାରି ହୋଇ ପଡ଼େ ବକ୍ତବ୍ୟରେ କହିଥିଲେ । ପ୍ରାଧାପକ ବୃନ୍ଦାବନ ମହାନ୍ତି ଓ ପ୍ରାଧାପକ ସରୋଜ କୁମାର ମହାନ୍ତି ଓଡ଼ିଆ ଲିପି ବହୁ ପୁରାତନ ହୋଇଥିବା ବେଳେ ଓଡ଼ିଶାର ଖାଦ୍ୟ, ପେୟ, ପୋଷାକ ଓ ପର୍ବ ପର୍ବାଣୀ ସବୁକିଛିରେ ଥିବା ସ୍ୱତନ୍ତତା ସମ୍ପର୍କରେ ଅବଗତ କରାଇଥିଲେ । ଦିବସବ୍ୟାପି ନବାଗତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପଢ଼ିବି, ଓଡ଼ିଆ ଲେଖିବି ଓ ଓଡ଼ିଆ ବୋଲି ମୁଁ ପରିଚୟ ଦେବି ଚର୍ଚ୍ଚାର ମାହୋଲ ଏକ ଭିନ୍ନସ୍ୱାଦର ବାତାବରଣ ଖେଳାଇ ଦେଇଥିଲା । ଅଧାପିକା ସୌମ୍ୟା ବାରିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାମ୍ବିଧାନିକି ସ୍ୱୀକୃତି ଲାଭ କରିବାରେ ସମଗ୍ର ଭାରତ ବର୍ଷରେ ଓଡ଼ିଆ ଭାଷା ପ୍ରଥମ ଅଟେ ବୋଲି କହିବା ସହ ଏଥିପାଇଁ ଆମେ ଓଡ଼ିଆ ମାନେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ଅଧାପକ ସନ୍ତୋଷ କୁମାର ଜେନା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ସ୍ୱାଗତ ଉତ୍ସବର ଯବନିକା ପକାଇଥିଲେ ।

# କୁସୁପୁର ରାମେଶ୍ୱର ମନ୍ଦିରରୁ ଚୋରି


ପୁରୀ, ୧୦/୯ (ନି.ପ୍ର): ପୁରୀ ଜିଲ୍ଲା ଗୋପ ଥାନା ଅଧୀନ କୁସୁପୁରସ୍ଥିତ ପ୍ରସିଦ୍ଧ ରାମେଶ୍ୱର ମନ୍ଦିରରୁ ଚୋରି ହୋଇଛି । ଠାକୁରଙ୍କ ରୁପା ମୁକୁଟ, ଘଂଟ, ଘଂଟି, ପିତଳ ଥାଳି, ପିତଳ ଦୀପ ଷ୍ଟାଣ୍ଡ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି । ଆଜି ସକାଳୁ ମନ୍ଦିରର ପୂଜକ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ କରିବା ପାଇଁ ପହଂଚିବା ବେଳେ ମନ୍ଦିର ଖୋଲାଥିବା ଦେଖିବାକୁ ପାଇଥିଲେ । ମନ୍ଦିରରୁ ବିଭିନ୍ନ ଆସବାବପତ୍ର ଓ ସାମଗ୍ରୀ ଗାଏବ ଥିବା ଜାଣିବା ପରେ ସେ ସ୍ଥାନୀୟ ଲୋକଙ୍କୁ ଏ ବାବଦରେ ଜଣାଇବା ସହ ପୁଲିସକୁ ଖବର ଦେଇଥିଲେ । ସୂଚନା ପାଇ ଗୋପ ପୁଲିସ ସାଇଂଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଛି । ପୁଲିସ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ କୁ ଯାଂଚ୍ କରୁଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

# ବନ୍ୟପ୍ରାଣୀ ଅପରାଧିକ ମାମଲାରେ ଜଣେ ଗିରଫ ଓ କୋର୍ଟ ଚାଲାଣ




ନୀଳଗିରି , ୧୦/୯ (ନି.ପ୍ର): ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଜଣେ ଅଭିଯୁକ୍ତକୁ ବନ୍ୟପ୍ରାଣୀ ଅପରାଧିକ ମାମଲାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ବନ୍ୟପ୍ରାଣୀ ସୁରକ୍ଷାଆଇନ ୧୯୭୨ଅନୁଯାୟୀ ଏହି ଗିରଫ କରାଯାଇଥିବା ବେଳେ ଅଭିଯୁକ୍ତ ଜଣକ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ମାଙ୍କଡପଡ଼ା ନିକଟସ୍ଥ ରଘୁନାଥପୁର(ବାସୁଧର) ଗ୍ରାମର ମାସାଂ ମୁର୍ମୁ (୩୯) । କପ୍ତିପଦା ରେଞ୍ଜ ବନବିଭାଗ ସହାୟତାରେ କୁଳଡିହା ବନବିଭାଗ ଦ୍ୱାରା ମାସାଂଙ୍କ ଘରେ ଚଢ଼ାଉକରି ଗୋଟିଏ ଦେଶୀବନ୍ଧୁକ, ୧୦ହଳ ଫାଶ, ଗୋଟିଏ କାଣ୍ଡ, ଦୁଇଟି ତୀର ଦୁଇଟି ଭଙ୍ଗା ଟ୍ରାପ କ୍ୟାମେରା ଜବତକରି ନୀଳଗିରି କୁଳଡିହା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ଏନେଇ ଓଆର ୦୯କେ ୨୦୨୬/ ୨୭ ବନ୍ୟପ୍ରାଣୀ ଅପରାଧିକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ନୀଳଗିରି ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ପଠାଇ ଦିଆଯାଇଛି । ଏହି ଚଢ଼ାଉରେ ଫରେଷ୍ଟର ତଥା ଭାରାପ୍ରାପ୍ତ କୁଳଡ଼ିହା ରେଞ୍ଜଅଧିକାରୀ ସୌମ୍ୟରଂଜନ ମାଝୀ, ଫରେଷ୍ଟର ଅଜୟ କୁମାର ଜେନା, ହୃଷୀକେଶ ପ୍ରଧାନ, ଫରେଷ୍ଟ ଗାର୍ଡ ପୂର୍ଣ୍ଣଚନ୍ଦ୍ର ସିଂ, ଜୟଲକ୍ଷ୍ମୀ ପୁହାଣ, କପ୍ତିପଦା ଫରେଷ୍ଟର ଲକ୍ଷ୍ମୀକାନ୍ତ ବେହେରା ସାମିଲଥିଲେ ।

# ବିଶିଷ୍ଟ ସମାଜସେବୀ ରମାକାନ୍ତ ପ୍ରଧାନଙ୍କ ପରଲୋକ



ବାସୁଦେବପୁର , ୧୦/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟାକାଣୀଡିହି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ସମାଜସେବୀ ରମାକାନ୍ତ ପ୍ରଧାନଙ୍କ ପରଲୋକ ଘଟିଛି । ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଭଦ୍ରକ ଜିଲ୍ଲାର ବିଜୁ ଜନତା ଦଳର ଉପ ସଭାପତି ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁଙ୍କ ପିତା ହେଉଛନ୍ତି ବିଶିଷ୍ଟ ସମାଜସେବୀ ରମାକାନ୍ତ ପ୍ରଧାନ । ସ୍ୱର୍ଗତ ପ୍ରଧାନ ଜଣେ ମିଷ୍ଟଭାଷୀ,ସମାଜସେବୀ ଓ ପରୋପକାରୀ ମଣିଷ ଥିଲେ । ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ,ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ଯୁବ ନେତା ଦେବ ଦର୍ଶନ ଦାଶ, ବିଜେପିର ବରିଷ୍ଠ ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପିର ବରିଷ୍ଠ ନେତା ଭାଗୀରଥି ବଳ, ପୌର ଅଧକ୍ଷା ନିବେଦିତା ବେହେରା, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ପୂର୍ବତନ ସରପଞ୍ଚ ବଂଶୀଧର ବିଶ୍ୱାଳ,ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ୍, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ପ୍ରଧାନଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ରତିକାନ୍ତ ପ୍ରଧାନ, କନ୍ୟା, ନାତି ନାତୁଣୀ ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ । ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ବାସୁଦେବପୁର ଅଞ୍ଚଳ ସମେତ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି ।

# ଫିଟିଲା ପିଲାଚୋର ଗୁମର: ଉଭୟ ମା' ପୁଅ ଆସାମ ରାଜ୍ୟର, ନାରୀସଂଘ ହେପାଜତରେ ଛାଡ଼ିଲା ପୋଲିସ

ନୀଳଗିରି, ୧୦/୯ (ନି.ପ୍ର): ଗୁରୁବାର ଦିନପ୍ରାୟ ୧୧ଟା ସମୟରେ ନୀଳଗିରି ସ୍ଥିତ ବାଲି ଗୋହିରୀ ସତ୍ୟସାଇ ପେଟ୍ରୋଲପମ୍ପ ନିକଟରେ ଜୈନିକ ମହିଳା ଏକ ଶିଶୁପୁତ୍ରକୁ ବିକ୍ରୀକରୁଥିବାର ଏକ ଗୁଜବକୁ ନେଇ ଘଟଣାସ୍ଥଳ ଲୋକାରଣ୍ୟ ହୋଇଯାଇଥିଲା । କିଏ କେତେ ପ୍ରକାରର ଆଲୋଚନା କରୁଥିଲେ । କିଏ କହୁଥିଲା ତା ନିଜ ପିଲା ନୁହଁ ତ କିଏ କହୁଥିଲା ପିଲା ଚୋରିକରି ଆଣିଛି । ଶେଷରେ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମାଆପୁଅକୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ଘଟଣାର ଗୁରୁତ୍ୱକୁ ବୁଝି ନୀଳଗିରି ଥାନାର ଆଇ ଆଇ ସି ଗୋବର୍ଦ୍ଧନ ନାୟକ ମହିଳା ଜଣକୁ ଘଟଣା ବାବଦରେ ପଚାରି ବୁଝିବାପରେ ଏହି ମହିଳା ଜଣକ ପିଲାଚୋର ନୁହଁ କି ପିଲା ବିକ୍ରୀ କରୁନଥିଲା ଜଣାପଡିଥିଲା । ମହିଳାଜଣକ ଆସାମର ବୋଲି ଜଣାପଡ଼ିବା ପରେ ଆଇ. ଆଇ.ସି ଗୋବର୍ଦ୍ଧନ ନାୟକ ଉକ୍ତ ଜିଲ୍ଲାର ଏସ.ପି ଙ୍କ ସହ କଥା ହେବାପରେ କିଛିମାସ ପୂର୍ବରୁ ସଂପୃକ୍ତ ମହିଳାଙ୍କ ସ୍ୱାମୀ ସରାଲି ଅଲ୍ଲୀ ସ୍ତ୍ରୀ ମୂଜ୍ରାତ୍ ଅଲ୍ଲୀ ନିଜର ନାବାଳକ ପୁଅକୁ ନେଇ କେଉଁଆଡେ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ ବୋଲି ସେଠିକାର ଏସ ପି ସୂଚନାଦେବା ପରେ ଉଭୟ ମାଆ ପୁଅକୁ ବାଲେଶ୍ୱର ନାରୀସଂଘରେ ଛାଡି ଦିଆଯାଇଛି ବୋଲି ନୀଳଗିରି ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

# ସୁନା ବଜାରରେ ସୁନା ମୂଲ୍ୟ ହ୍ରାସ: ରୂପା ମୂଲ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୧୦/୯ (ନି.ପ୍ର): ଆଜି ପ୍ରାରମ୍ଭିକ କାରବାର ସମୟରେ ଘରୋଇ ସୁନା ବଜାରରେ ସୁନା ମୂଲ୍ୟ ହ୍ରାସ ପାଇଛି । ରୂପା ମୂଲ୍ୟ ଅପରିବର୍ତ୍ତିତ ରହିଛି ।ଚେନ୍ନାଇ ବ୍ୟତୀତ ଦେଶର ଅଧିକାଂଶ ସୁନା ବଜାରରେ ସୁନା ମୂଲ୍ୟ ପ୍ରତି୧୦ ଗ୍ରାମ ୧,୦୬୦ ମଧ୍ୟରେ ହ୍ରାସ ପାଇଛି । ଚେନ୍ନାଇରେ, ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୨୭୦ ରୁ ପ୍ରତି ୧୦ ଗ୍ରାମ ୧,୩୮୦ ମଧ୍ୟରେ ହ୍ରାସ ରେକର୍ଡ ହୋଇଛି । ସୁନା ମୂଲ୍ୟ ପରିବର୍ତ୍ତନ ଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ୧,୫୪,୪୫୦ ଏବଂ ପ୍ରତି ୧୦ ଗ୍ରାମ ୧,୫୪,୪୫୦ ମଧ୍ୟରେ କାରବାର ହେଉଛି ।

# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ



ବାରିପଦା, ୧୦/୯ (ନି.ପ୍ର): ସ୍ଥାନୀୟ ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷ ଡଃ ରଞ୍ଜନ କୁମାର ତରେଇଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଅଧକ୍ଷ ନବାଗତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଇନ ଶିକ୍ଷାର ମହତ୍ତ୍ୱ, ଶୃଙ୍ଖଳା, ବୃତ୍ତିଗତ ନୈତିକତା ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ଅଧାପକ ଡଃ ବନମାଳୀ ବାରିକ, ଶ୍ରୀ ଭକ୍ତ ଚରଣ ସୋରେନ ଏବଂ ଅଫିସ ସୁପରିଟେଣ୍ଡେଣ୍ଟ୍ ଶ୍ରୀ ଅତୁଲ୍ କୁମାର ମହାନ୍ତି ଯୋଗଦେଇ ନିଷ୍ଠା ଓ ମାନବିକ ମୂଲ୍ୟବୋଧକୁ ଆଧାର କରି ଜଣେ ଜଣେ ଦକ୍ଷ ତଥା ଦାୟିତ୍ୱବାନ ଆଇନଜୀବୀ ଭାବେ ନିଜକୁ ଗଢ଼ିତୋଳିବାକୁ ଉପଦେଶ ଦେଇଥିଲେ । ଏହି ସମାରୋହରେ ଅଧାପିକା ଜୟଶ୍ରୀ ମିଶ୍ର, ସୁଶ୍ରୀ ଏସ୍. ନାୟକ, ଶ୍ରୋଦ୍ଧା ଶୋରନ୍, ଅଙ୍କିତା ପଟ୍ଟନାୟକ, ଅଧାପକ ଧୀରେନ୍ଦ୍ର ବେହେରା, ସୁନୀଲ କୁମାର ଜେନା, ବୀରେନ୍ଦ୍ର ମୁର୍ମୁଙ୍କ ସମେତ କର୍ମଚାରୀ ତାପସ ରଞ୍ଜନ ଜେନା, ସ୍ନେହାଶିଷ ଦାସ, ରବୀନ୍ଦ୍ର ପୁର୍ଟି, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଜୟନ୍ତ ବେହେରା, ଧର୍ମେନ୍ଦ୍ର ଦାସ ଓ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ତୃତୀୟ ବର୍ଷର ଛାତ୍ରୀ ଦେବଯାନୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ବିଦ୍ୟାର୍ଥୀମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ନବାଗତ ଛାତ୍ରଛାତ୍ରୀମାନେ ଆତ୍ମପରିଚୟ ପ୍ରଦାନ ସହ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ତେଜେଶ୍ୱିନୀ ସାହୁ, ବିକାଶ ଗୁପ୍ତା, ଦୀନଦୟାଲ ଖଣ୍ଡେଲୱାଲ, ନୀତିଶ ଅଡା, ରାଜଲକ୍ଷ୍ମୀ ମଲ୍ଲିକ, ରିତୀକ କୁମାର ମହାନ୍ତ, ଶୁଭ୍ରାଂଶୁ ଶେଖର ଦତ୍ତ, ରୂପାଲୀ ବରାଳ, ପ୍ରିୟବ୍ରତ ସିଂ ଓ ବର୍ଷା ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ଛାତ୍ରୀ ସନ୍ଧ୍ୟାରାଣୀ ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କଲେଜ କର୍ତ୍ତୃପକ୍ଷ ନବାଗତ ଶିକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳ ଶିକ୍ଷାଜୀବନ କାମନା କରିଥିଲେ ।






# ଘରବାରୀ ଜାଗାରୁ ସରକାରୀ ଜାଗା ଦେଇ ମୁଖ୍ୟ ରାସ୍ତାକୁ ଯାତାୟାତ ରାସ୍ତାରେ ସଭାଗୃହକୁ ବିରୋଧ



ବାଲିଆପାଳ , ୧୦/୯ (ନି.ପ୍ର): ଘରବାରି ଜାଗାରୁ ମୁଖ୍ୟ ରାସ୍ତା କୁ ସରକାରୀ ପୋଖରୀ ଆଡି ଜାଗା ରହିଅଛି ପୋଖରୀ ଆଡି ପାଖ ଦେଇ ସରକାରୀ ରାସ୍ତା ରହିଅଛି ଉକ୍ତ ସରକାରୀ ଜାଗା ଦେଇ ଯାତାୟାତ କରୁ ଛନ୍ତିଉକ୍ତ ଜାଗା ଉପରେ ଗ୍ରାମର ଗ୍ରାମବାସୀ ମାନେ ସଭା ଗୃହ କରିବାର ସ୍ଥିର କରିଛନ୍ତି ଜାଗର ପଶ୍ଚିମ ପାର୍ଶ୍ୱକୁ ବଡ ସିମୁଳିଆ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ରହିଅଛି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ପ୍ରକାର ରୋଗୀ ଅସି ଚିକିତ୍ସା ହେଉଛନ୍ତି ସେହି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଲଗାୟତ କରି ଆଗ ଜାଗା ଜିବା ଆସିବ ରାସ୍ତାକୁ ଅବରୋଧ କରି ଉକ୍ତ ସଭାଗୃହ ନିର୍ମାଣ କରିବାର ଯୋଜନା କରି ଫଳକ ମାରି ଅଛନ୍ତି ଉପ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଲଗାଇ ତଥା ଜିବା ଆସିବା ଜାଗା ଛାଡି ଅନ୍ୟତ୍ର ଯେକି ମନ୍ଦିର ନିକଟସ୍ଥ ଉତ୍ତର ପଶ୍ଚିମ ପାଖକୁ ସରକାରୀ ଜାଗା ଅଛି ସେହି ମନ୍ଦିର ପାଖ ଜାଗା ରେ ଗୃହ ନିର୍ମାଣ ହେବ ବୋଲି ପ୍ରଥମେ ଗ୍ରାମବାସୀ ମାନେ ସିଦ୍ଧାନ୍ତ କରିଥିଲେ ମାତ୍ର କେତେ ଜଣ ଲୋକ ଏହାକୁ ପରିବର୍ତନ କରି ଆମ୍ଭର ଯାତାୟାତ ଜାଗାକୁ ଅବରୋଧ କରି ଉକ୍ତ ଗୃହ ନିର୍ମାଣ କରିଛନ୍ତି ମନ୍ଦିର ପାଖକୁ ଗୃହ ନିର୍ମାଣ ହେଉ ଏବଂ ଯାତାୟାତ ନିମନ୍ତେ ସରକାରଙ୍କ ନିୟମ ଅନୁସାରେ ରାସ୍ତା ପ୍ରଦାନ କରାଯାଉ ବୋଲି ରବୀନ୍ଦ୍ର ନାଥ ଭୂୟାଁ, ଦିଲୀପ କୁମାର ସାହୁ ତହସିଲଦାର ବାଲିଆପାଳ ,ଗୋଷ୍ଠୀଉନୟନ ଅଧିକାରୀ ବାଲିଆପାଳ ,ମଧୁପୁରା ଗ୍ରାମପଞ୍ଚାୟତ ସରପଞ୍ଚ ,ଜିଲ୍ଲାପାଳ ବାଲେଶ୍ୱର ଙ୍କୁ ଲିଖିତ ଦରଖାସ୍ତ ଦେଇଛି ଏହାର ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida